

## ଜାତୀୟ ଶିକ୍ଷା ନୀତି - ୨୦୨୦
## ଦ୍ୱାରା ପ୍ରଣିତ

# ଭାରତୀୟ ଜ୍ଞାନ ବ୍ୟବସ୍ଥା
# ଏକ ସମୀକ୍ଷା

ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେସନ୍
(AIDSO)

“ଜାତୀୟ ଶିକ୍ଷା ନୀତି - ୨୦୨୦”

ଦ୍ୱାରା ପ୍ରଣିତ

# “ଭାରତୀୟ ଜ୍ଞାନ ବ୍ୟବସ୍ଥା”

## *ଏକ ସମୀକ୍ଷା*


**ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେସନ୍**

**(AIDSO)**

“ଭାରତୀୟ ଜ୍ଞାନ ବ୍ୟବସ୍ଥା” ଏକ ସମୀକ୍ଷା

ପ୍ରଥମ ପ୍ରକାଶନ - ମାର୍ଚ୍ଚ ୨୦୨୨

**ପ୍ରକାଶକ:**

ସୁବାସ ନାୟକ

ସଂପାଦକ

ଏଆଇଡିଏସଓ, ଓଡିଶା ରାଜ୍ୟ ପରିଷଦ

**ଯୋଗାଯୋଗ:**

ଗଣେଷ ତ୍ରିପାଠୀ

ସଭାପତି, ଏଆଇଡିଏସଓ, ଓଡିଶା ରାଜ୍ୟ ପରିଷଦ

୬୧, ଗଙ୍ଗୋତ୍ରୀ ନଗର, ରୋଡ ନଂ -୩

ଶିଶୁପାଳଗଡ, ଭୁବନେଶ୍ୱର-୨

ଫୋନ୍- ୮୦୯୩୫୩୧୪୫୪, ୯୪୩୯୧୭୬୯୧୦

**ମୁଦ୍ରଣ:**

ପାୟୋନିଅର, ଭୁବନେଶ୍ୱର

ମୂଲ୍ୟ - ୨୦ଟଙ୍କା

# ପ୍ରକାଶକଙ୍କ କଥା

କେନ୍ଦ୍ର ସରକାର ୨୦୧୪ ମସିହାରେ ଦେଶରେ ଏକ ଶିକ୍ଷା ନୀତି ଆଣିବା ପାଇଁ ଘୋଷଣା କରିଥିଲେ । ପ୍ରଥମେ ଟି ଏସ ଆର ସୁବ୍ରମଣିଅନଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା । ଉକ୍ତ କମିଟି ତାଙ୍କର ରିର୍ପୋଟ ୨୦୧୬, ଏପ୍ରିଲ ୩୦ତାରିଖ ଦିନ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଥିଲେ । ମାତ୍ର ତାହା ଲୋକମାନଙ୍କ ସମ୍ମୁଖକୁ ଅଣାଯାଇ ନଥିଲା । ତାହା ପରେ ନୂତନ ଶିକ୍ଷାନୀତି ପ୍ରସ୍ତୁତ କରିବା ପାଇଁ  ସରକାର କସ୍ତୁରିରଙ୍ଗନ କମିଟି ଗଠନ କରିଥିଲେ ଏବଂ ୨୦୧୯ ମସିହା ଜୁନ୧ ତାରିଖ ଦିନ ୪୮୪ ପୃଷ୍ଠା ବିଶିଷ୍ଟ ଏକ "ଚିଠା ଜାତୀୟ ଶିକ୍ଷା ନୀତି–୨୦୧୯"କୁ ଲୋକ ଲୋଚନକୁ ଅଣାଗଲା । ଏହାପରେ କେନ୍ଦ୍ର ସରକାର କରୋନା ମହାମାରୀର ସୁଯୋଗ ନେଇ ୨୦୨୦ ଜୁଲାଇ ୨୯ତାରିଖ ଦିନ "ଜାତୀୟ ଶିକ୍ଷା ନୀତି –୨୦୨୦"କୁ କେନ୍ଦ୍ର କ୍ୟାବିନେଟ୍‌ରେ ମଞ୍ଜୁରୀ ପ୍ରଦାନ କରିଥିଲେ ଏବଂ ଏହି ଶିକ୍ଷା ନୀତିକୁ ସାରା ଦେଶରେ ଲାଗୁ କରିବାକୁ ବର୍ତ୍ତମାନ ସବୁପ୍ରକାର ଉଦ୍ୟମ ଚଳାଇ ରଖିଛନ୍ତି । ଏହି ଜାତୀୟ ଶିକ୍ଷା ନୀତି – ୨୦୨୦"ରେ ଅନ୍ୟାନ୍ୟ ବହୁ ପରିବର୍ତ୍ତନ ସହିତ ବିଶେଷକରି "ଭାରତୀୟ ଜ୍ଞାନ ବ୍ୟବସ୍ଥା"(Indian Knowledge System) ସଂପର୍କରେ ବାରମ୍ବାର ଉଲ୍ଲେଖ କରାଯାଇଛି । ଭାରତର ଶିକ୍ଷା ବ୍ୟବସ୍ଥାକୁ ଭାରତର ପରମ୍ପରା, ସଂସ୍କୃତି, ଐତିହ୍ୟ ଉପରେ ଠିଆ କରିବାର କଥା କୁହାଯାଇଛି । ଚରକ, ଶୁଶ୍ରୁତ, ଆର୍ଯ୍ୟଭଟ, ବରାହମିହୀର, ଭାସ୍କରାଚାର୍ଯ୍ୟ,  ବ୍ରହ୍ମଗୁପ୍ତ, ଚାଣକ୍ୟ, ଚକ୍ରପାଣି ଦତ୍ତ, ମାଧବ, ପାଣିନି, ପାତଞ୍ଜଳି, ନାଗାର୍ଜୁନ, ଗୌତମ, ପିଙ୍ଗଳ, ଶଙ୍କରଦେବ, ମୈତ୍ରେୟୀ, ଗାର୍ଗି, ତିରୁଭାଲୁଭାରଙ୍କ ଭଳି ଜ୍ଞାନୀ ଲୋକମାନଙ୍କୁ ଉକ୍ତ "ଭାରତୀୟ ଜ୍ଞାନ ବ୍ୟବସ୍ଥା" ସୃଷ୍ଟି କରିଛି ବୋଲି ଦସ୍ତାବିଜରେ ଉଲ୍ଲେଖ କରାଯାଇଛି ।

ତେବେ ଏହା ସଂପର୍କରେ ଦେଶବ୍ୟାପି ବହୁ ବିତର୍କ ସୃଷ୍ଟି ହୋଇଛି । ବହୁ

ବୁଦ୍ଧିଜୀବୀ, ଐତିହାସିକମାନେ ଏଭଳି କଥାକୁ ବିରୋଧ କରିବା ସହ ଏହା ଗଣତାନ୍ତ୍ରିକ, ବିଜ୍ଞାନସମ୍ମତ, ଧର୍ମନିରପେକ୍ଷ, ସାର୍ବଜନୀନ ଶିକ୍ଷାର ପରିପନ୍ଥୀ ବୋଲି ବର୍ଣ୍ଣନା କରୁଛନ୍ତି। ତେଣୁ ଏହିଭଳି ପରିସ୍ଥିତିରେ ଏହା ସଂପର୍କରେ ସଠିକ ବୁଝାମଣା ହାସଲ କରିବାର ଆବଶ୍ୟକତା ରହିଛି। ସେଥିପାଇଁ ଆମେ ଏହି "ଭାରତୀୟ ଜ୍ଞାନ ବ୍ୟବସ୍ଥା" ଉପରେ କଣ କୁହାଯାଇଛି ବା କହୁଛନ୍ତି ତାହା ଉପରେ ଏକ ବିଜ୍ଞାନସମ୍ମତ, ତଥ୍ୟ ଭିତ୍ତିକ ସମୀକ୍ଷା ଏହି ବହି ମାଧ୍ୟମରେ କରିବାକୁ ଚେଷ୍ଟା କରିଛୁ। ଆଶା କରୁଛୁ ଏହି ବହି ଆମ ସମସ୍ତଙ୍କ ମଧ୍ୟରେ ଏକ ସଠିକ ବିଜ୍ଞାନସମ୍ମତ ଦୃଷ୍ଟିଭଙ୍ଗୀ ଗଢିତୋଳିବାରେ ସାହାଯ୍ୟ କରିବା ସହ ବର୍ତ୍ତମାନ ପରିସ୍ଥିତିରେ ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ସ୍ଥିର କରିବା କ୍ଷେତ୍ରରେ ସାହାଯ୍ୟ କରିବ।

ସମସ୍ତ ପ୍ରକାର ପ୍ରକାଶନ, ମୁଦ୍ରଣ ଜନିତ ତୃଟି ପାଇଁ ଆମେ ଦାୟୀ।

ସୁବାସ ନାୟକ

ସଂପାଦକ,

ଏଆଇଡିଏସଓ, ଓଡିଶା ରାଜ୍ୟ କମିଟି

ତା- ମାର୍ଚ୍ଚ ୨୦୨୨

ଭୁବନେଶ୍ୱର

# "ଭାରତୀୟ ଜ୍ଞାନ ବ୍ୟବସ୍ଥା" ଏକ ସମୀକ୍ଷା

କେନ୍ଦ୍ର ସରକାର କରୋନା ମହାମାରୀର ସୁଯୋଗ ନେଇ ୨୦୨୦ ଜୁଲାଇ ୨୯ତାରିଖ ଦିନ "ଜାତୀୟ ଶିକ୍ଷା ନୀତି -୨୦୨୦"କୁ କେନ୍ଦ୍ର କ୍ୟାବିନେଟ୍‌ରେ ମଞ୍ଜୁରୀ ପ୍ରଦାନ କରିଥିଲେ । ସାରା ଦେଶରେ ଭବିଷ୍ୟତ ଶିକ୍ଷାକୁ ନେଇ ଛାତ୍ର ସମାଜ ଏବଂ ଜନସାଧାରଣ ବହୁ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି । କେମିତି ହେବ ଶିକ୍ଷା ବ୍ୟବସ୍ଥା ? ସତରେ କ'ଣ ଏହା ଶିକ୍ଷା କ୍ଷେତ୍ରରେ ଦେଖାଯାଉଥିବା ମୌଳିକ ସମସ୍ୟା ଗୁଡିକୁ ସମାଧାନ କରିବା କ୍ଷେତ୍ରରେ ସହାୟକ ହେବ ? ସ୍ୱାଧୀନତା ଆନ୍ଦୋଳନର ସଂଗ୍ରାମୀ ମନୀଷୀମାନଙ୍କ ଗଣତାନ୍ତ୍ରିକ, ବୈଜ୍ଞାନିକ, ଧର୍ମନିରପେକ୍ଷ ଶିକ୍ଷା ବ୍ୟବସ୍ଥା ପ୍ରଚଳନର ସ୍ୱପ୍ନ କ'ଣ ସାକାର ହେବ ? ମୃତପ୍ରାୟ ସରକାରୀ ଶିକ୍ଷା ବ୍ୟବସ୍ଥା ଭିତରେ ନୂତନ ପ୍ରାଣ ସଂଚାର କରିବା ପାଇଁ ଏହା କ'ଣ ସଞ୍ଜିବନୀ ରୂପେ କାମ କରିବ ? ଏହିଭଳି ବହୁ ପ୍ରଶ୍ନ, ସଂଦିହାନ ଭିତରେ ଛାତ୍ର ସମାଜ ଅଛନ୍ତି । ପ୍ରଥମଥର ପାଇଁ "ଭାରତୀୟ ଜ୍ଞାନ ବ୍ୟବସ୍ଥା"(Indian Knowledge System) ସଂପର୍କରେ "ଜାତୀୟ ଶିକ୍ଷା ନୀତି-୨୦"ର ଦସ୍ତାବିଜରେ ବାରମ୍ବାର ଉଲ୍ଲେଖ କରାଯାଇଛି । ଏହାକୁ ନେଇ ଛାତ୍ରଛାତ୍ରୀ, ଶିକ୍ଷକ, ବୁଦ୍ଧିଜୀବୀ, ଶିକ୍ଷାବିତମାନେ ବହୁ ଦ୍ୱନ୍ଦ୍ୱରେ ଅଛନ୍ତି । ଜ୍ଞାନ କ'ଣ - ଭାରତୀୟ ଜ୍ଞାନ, ପାକିସ୍ତାନ ଜ୍ଞାନ, ଚୀନ ଜ୍ଞାନ, ଆମେରିକା ଜ୍ଞାନ ଏହିଭଳି କିଛି ହୋଇପାରେ କି ? ସାଧାରଣ ଅର୍ଥରେ ବୁଝିଲେ ବିଭିନ୍ନ ଘଟଣା, ବିଷୟବସ୍ତୁ ଉପରେ ସତ୍ୟ ଉପଲବ୍ଧି ହେଉଛି ଜ୍ଞାନ । ସତ୍ୟ ଉପଲବ୍ଧି ମନଗଢା ଧାରଣା ଉପରେ ନୁହେଁ; କାର୍ଯ୍ୟକାରଣ ସମ୍ପର୍କ, ବିଜ୍ଞାନର ଆଧାର ଭିତ୍ତିରେ ଗଢିଉଠେ । ମଣିଷର ଉନ୍ନତ ମସ୍ତିଷ୍କ ଯୋଗୁଁ ପ୍ରାଣୀଜଗତ ଭିତରେ ସର୍ବଶ୍ରେଷ୍ଠ ପ୍ରାଣୀ ହେଉଛି ମଣିଷ । ମଣିଷର ମସ୍ତିଷ୍କ ସହିତ ପଞ୍ଚେନ୍ଦ୍ରିୟ ଜରିଆରେ ବାହ୍ୟଜଗତ, ପ୍ରକୃତି ଜଗତ ସହିତ ଘାତ ପ୍ରତିଘାତ ଭିତର ଦେଇ ବିଭିନ୍ନ ଘଟଣା, ବିଷୟବସ୍ତୁ ଉପରେ ଯେଉଁ ଉପଲବ୍ଧି ସୃଷ୍ଟି ହେଉଛି, ତାହାକୁ ଆମେ କହୁଛୁ ଚିନ୍ତା । ଯେତେବେଳେ

ଚିନ୍ତା ବିଜ୍ଞାନର ଭିତ୍ତି ଉପରେ ଓ ସଠିକ ଯୁକ୍ତିର ଆଧାରରେ ସୁନ୍ଦରତମ ଭାବରେ ପରିପ୍ରକାଶ ହୁଏ ସେତେବେଳେ ଆମେ ତାହାକୁ କହୁ ଜ୍ଞାନ । ସେଥିପାଇଁ ଜ୍ଞାନ ହେଉଛି କ୍ରିୟାଶୀଳ । ତେଣୁ ଏହା ପଥପ୍ରଦର୍ଶକ । ମଣିଷ ଅନବରତ ଏହି ପ୍ରକ୍ରିୟାରେ ଜ୍ଞାନ ଅର୍ଜନ କରିଚାଲୁଛି । ଗୋଟିଏ ବିଶେଷ ସମାଜରେ ତାର ଅବସ୍ଥାନ, ପାରିପାର୍ଶ୍ୱିକତାକୁ ନେଇ ଯେଉଁ ଜ୍ଞାନ ସୃଷ୍ଟି ହୁଏ, ସମାଜର ଗତିଧାରାରେ ବିକାଶ ପ୍ରକ୍ରିୟାରେ ଯେଉଁସବୁ ନୂଆ ନୂଆ ସମସ୍ୟା ସୃଷ୍ଟି ହୁଏ, ସେହିସବୁ ସମସ୍ୟା ସମାଧାନ କରିବାକୁ ତତ୍‌କ୍ାଳୀନ ଜ୍ଞାନ ଅସମର୍ଥ ହୁଏ ଓ କାର୍ଯ୍ୟକାରିତା ହରାଏ । ସେହି ଜାଗାରେ ନୂଆ ଉପାୟ, ନୂଆ ବାଟ ଅନୁସନ୍ଧାନ ଭିତର ଦେଇ ନୂଆ ଜ୍ଞାନ ସୃଷ୍ଟି ହୁଏ । ଏହିଭଳି ଜ୍ଞାନ ସଦା ପରିବର୍ଦ୍ଧିତ ଓ ବିକଶିତ ହୋଇଚାଲିଛି । ଏହାକୁ କଣ ପୁରାତନ, ପ୍ରାଚୀନ କଥା କହି ବାନ୍ଧି ରଖାଯାଇ ପାରିବ ?

ଭାରତର ଇତିହାସ ସଠିକଭାବେ ଅଧ୍ୟୟନ କରାଯାଇ ନାହିଁ । ବ୍ରିଟିଶ ସାମ୍ରାଜ୍ୟବାଦର ସେବାଦାସ ଐତିହାସିକମାନେ ତତ୍କାଳୀନ ଶାସନ ଶୋଷଣକୁ ସୁହାଇଲା ଭଳି ଇତିହାସ ରଚନା କରିଛନ୍ତି । ଏହି କଥା କହି କେନ୍ଦ୍ର ସରକାର "ଜାତୀୟ ଶିକ୍ଷା ନୀତି - ୨ ୦ ୨ ୦" ମାଧ୍ୟମରେ ଇତିହାସର ପୁନଃଲିଖନ କରିବାକୁ ସୁପାରିଶ କରିଛନ୍ତି । ବିଶ୍ୱାସ, ଉପକଥା(myth), ପୁରାଣ କଥା, ପର୍ବ ପର୍ବାଣି ଇତ୍ୟାଦି କଥାକୁ ଇତିହାସ ଏବଂ ବିଜ୍ଞାନର ବିଷୟବସ୍ତୁ କରିବାକୁ ସୁପାରିଶ କରାଯାଇଛି । ସତରେ କ'ଣ କଳ୍ପନାପ୍ରସୂତ ବିଶ୍ୱାସ ଯାହା ଆଜି ପର୍ଯ୍ୟନ୍ତ ପୌରାଣିକ କଥା ଭାବେ ଜଣାଥିଲା, ତାକୁ କଣ ଇତିହାସର ବିଷୟବସ୍ତୁ ଭାବେ ଗ୍ରହଣ କରାଯାଇ ପାରେ ? ଏହିଭଳି ବହୁ ବିଭ୍ରାନ୍ତିକର କଥା ସାମିଲ ଅଛି । ତେବେ ଆସନ୍ତୁ ଏହା ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଦେଖିବା ।

## କ'ଣ ପ୍ରଚାର କରାଯାଉଛି

ବର୍ତ୍ତମାନ ସରକାରଙ୍କ ପକ୍ଷରୁ ପ୍ରଚାର କରାଯାଉଛି ଯେ ଆଜି ଆମେ ଆଧୁନିକ ଜ୍ଞାନ ବିଜ୍ଞାନ ଯାହା ଦେଖୁଛନ୍ତି, ତାହା ସବୁକିଛି ହଜାର ହଜାର ବର୍ଷ ପୂର୍ବେ ଆମ ଭାରତରେ ଥିଲା । ସେଗୁଡ଼ିକୁ କୁଆଡ଼େ ଆରବର ଲୋକମାନେ ଚୋରିକରି ନେଇଛନ୍ତି ଏବଂ ସେମାନଙ୍କ ଠାରୁ ୟୁରୋପର ଲୋକମାନେ ନେଇ ଆଧୁନିକ ଜ୍ଞାନ କଥା କହି ପ୍ରଚାର କରୁଛନ୍ତି !

୨୦୧୪ ମସିହା, ଅକ୍ଟୋବର ୨୫ ତାରିଖ ଦିନ, ସାର୍ ଏଚ୍.ଏନ୍ ରିଲାୟନ୍ସ ଫାଉଣ୍ଡେସନ ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର ଉଦ୍‌ଘାଟନ କରିବା ସମୟରେ ଭାରତର ପ୍ରଧାନମନ୍ତ୍ରୀ କହିଥିଲେ ଯେ, 'ମହାଭାରତରେ କର୍ଣ୍ଣ ତାଙ୍କ ମା'ଙ୍କ ପେଟରୁ ଜନ୍ମ ହୋଇନଥିଲେ । ଏହାର ଅର୍ଥ ସେ ସମୟରେ ଜିନ ସମ୍ବନ୍ଧୀୟ ବିଜ୍ଞାନ ରହିଥିଲା । ସେଥିପାଇଁ କର୍ଣ୍ଣ ତାଙ୍କ ମା'ଙ୍କ ଗର୍ଭାଶୟର ବାହାରେ ଜନ୍ମ ହୋଇ ପାରିଥିଲେ । ଆମେ ସମସ୍ତେ ଗଣେଶଙ୍କୁ ପୂଜା କରୁ, ସେ ଯୁଗରେ କେହି ଜଣେ ପ୍ଲାଷ୍ଟିକ ସର୍ଜରୀ ଜାଣିଥିବ, ଯିଏ କି ମଣିଷ ଶରୀରରେ ହାତୀ ମୁଣ୍ଡ ଯୋଡ଼ି ଦେଇ ପାରୁଥିବ ।'

ଭାରତର ସ୍ୱରାଷ୍ଟ୍ରମନ୍ତ୍ରୀ ୨୦୧୪ ନଭେମ୍ବର ୧୫ ତାରିଖରେ ଏକ ସରକାରୀ କାର୍ଯ୍ୟକ୍ରମରେ କହିଥିଲେ, 'ଜର୍ମାନ ପଦାର୍ଥ ବିଜ୍ଞାନୀ ୱେର୍ଣ୍ଣର ହାଇଜେନବର୍ଗଙ୍କ ଅନିଶ୍ଚିତତା ସିଦ୍ଧାନ୍ତ(Heisenberg Uncertainty Principle) ବେଦ ଉପରେ ଆଧାରିତ ଅଟେ ।' ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେପି ସାଂସଦ ରମେଶ ପୋଖରିଆଲ ନିଶଙ୍କ ସଂସଦରେ କହିଥିଲେ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ କଣାଦ କୁଆଡ଼େ ପରମାଣୁ ବୋମା ପରୀକ୍ଷଣ କରିଥିଲେ ।

୨୦୧୫ ଜାନୁୟାରୀ ୩ ରୁ ୭ ତାରିଖ ପର୍ଯ୍ୟନ୍ତ ମୁମ୍ବାଇ ବିଶ୍ୱବିଦ୍ୟାଳୟ ପରିସରରେ ୧୦୨ତମ ବିଜ୍ଞାନ କଂଗ୍ରେସ ଅନୁଷ୍ଠିତ ହୋଇଥିଲା । ଏହି ବିଜ୍ଞାନ କଂଗ୍ରେସରେ 'ସଂସ୍କୃତ ମାଧ୍ୟମରେ ପ୍ରାଚୀନ ବିଜ୍ଞାନ' (Ancient Sciences Through Sanskrit) ଉପରେ ଏକ ଆଲୋଚନା ଚକ୍ର (Symposium) ଅନୁଷ୍ଠିତ ହୋଇଥିଲା । କିରଣ ନାୟକ ନାମକ ଜଣେ ଗବେଷକ (!) କହିଛନ୍ତି ଯେ, ମହାଭାରତ ଯୁଦ୍ଧ 'କୁରୁକ୍ଷେତ୍ର'ରେ ଶେଷ ହୋଇନଥିଲା । ତାହା ପୃଥିବୀରୁ ଚନ୍ଦ୍ର ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା । ବିମାନରେ ବସି ସେହିସବୁ ଯୁଦ୍ଧ ହେଉଥିଲା । ଜଣେ ରାଜା ମଙ୍ଗଳ ଗ୍ରହ ପର୍ଯ୍ୟନ୍ତ ଯାଇ ଶତ୍ରୁକୁ ହତ୍ୟା କରିଥିଲେ । ମଙ୍ଗଳ ଗ୍ରହରୁ 'ନାସା'ର ବୈଜ୍ଞାନିକମାନେ ତାର 'ହେଲମେଟ' ପାଇଛନ୍ତି । ଆଉ ଜଣେ କହିଛନ୍ତି ଯେ, ବିଭିନ୍ନ ଖାଦ୍ୟ ପଦାର୍ଥକୁ ୨୪ କ୍ୟାରେଟ ସୁନାରେ ପରିଣତ କରିପାରିବା ଭଳି ଏକ ବ୍ୟାକ୍ଟେରିଆ ଗାଈର ପାକସ୍ଥଳୀରେ ଅଛି ।

ମୁମ୍ବାଇ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ମୁଖ୍ୟ ଡକ୍ଟର ଗୌରୀ ମହୁଲିକର

କହିଥିଲେ ଯେ, ପିଥାଗୋରସଙ୍କ ୩୦୦ ବର୍ଷ ପୂର୍ବରୁ ବୌଦ୍ଧାୟନ 'ପିଥାଗୋରିଆନ୍ ସୂତ୍ର' ଲେଖି ଥିଲେ । ସେହିପରି 'ପାଇ'ର ମୂଲ୍ୟ ସମ୍ପର୍କିତ 'ସୁଲ୍‌ଭ ସୂତ୍ର' ମଧ୍ୟ ପ୍ରଥମେ ଭାରତରେ ଆବିଷ୍କୃତ ହୋଇଥିଲା ।

ଦେଶ-ବିଦେଶର ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବୈଜ୍ଞାନିକମାନଙ୍କ ସମ୍ମୁଖରେ ଜନୈକ ପାଇଲଟ୍ ଆନନ୍ଦ ବୋଦାସ ଓ ମୁମ୍ବାଇର ଜଣେ ଶିକ୍ଷକ ଆମେୟା ଯାଦବ ଯୌଥଭାବେ ଏକ ସନ୍ଦର୍ଭ ଉପସ୍ଥାପନ କରି କହିଲେ ଯେ, ଭାରତର ବିଭିନ୍ନ ସ୍ଥାନ ଏପରିକି ଏକ ଗ୍ରହରୁ ଅନ୍ୟ ଗ୍ରହକୁ ମଧ୍ୟ ଯାତାୟତ କରିପାରିବା ଭଳି ବିମାନ ଭାରତରେ ଥିଲା । ଏହି ବିମାନଗୁଡ଼ିକ ଆଗପଛ, ଡାହାଣ ବାମ ସମସ୍ତ ଦିଗରେ ଚାଲିପାରୁଥିଲା । ମହର୍ଷି ଭରଦ୍ୱାଜଙ୍କ ରଚିତ 'ବୈମାନିକ ଶାସ୍ତ୍ର' ଓ ଅଗସ୍ତ୍ୟ ମୁନିଙ୍କ ରଚିତ 'ବୃହତ ବିମାନଶାସ୍ତ୍ର'ରେ ଏସବୁ ବିମାନର ବର୍ଣ୍ଣନା ଓ ତାର ତିଆରି ସମ୍ପର୍କିତ ୯୭ଟି ସୂତ୍ର ସେମାନେ ପାଇଛନ୍ତି ଏବଂ ୫୦୦ ପାଖାପାଖି ସୂତ୍ର ହଜିଯାଇଛି । ଏପରିକି 'ବିମାନ ସଂହିତା' ଗ୍ରନ୍ଥରେ ଆଧୁନିକ 'ଜୁମ୍ବୋ ଜେଟ୍' ଅପେକ୍ଷା ଉନ୍ନତ ବିମାନ ତିଆରିର ଫର୍ମୁଲା ଅଛି ବୋଲି ସେମାନେ ପ୍ରକାଶ କରିଛନ୍ତି । ସେମାନେ କହିଥିଲେ ଯେ, ଘଣ୍ଟାକୁ ୧୨୮୦୦ ମାଇଲ ବେଗରେ ଗତି କରୁଥିବା ପାଞ୍ଚ ମହଲା ବିଶିଷ୍ଟ 'ସୁନ୍ଦରା ବିମାନ' ନାମକ ଏକ ପ୍ରକାର ବିମାନ ଥିଲା । ତାହା ଗାଈ ଓ ହାତୀର ମୁତ୍ରରୁ ଉତ୍ପନ୍ନ ବିଦ୍ୟୁତ ଶକ୍ତିରେ ଚାଲୁଥିଲା ।

ଏହିଭଳି ଅଲୌକିକ ବିଜ୍ଞାନ( !) ସାଧନାର ବିଭିନ୍ନ ନମୁନା ଏହି ବିଜ୍ଞାନ କଂଗ୍ରେସରେ ଉପସ୍ଥାପନ କରାଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ, ଏହି ସନ୍ଦର୍ଭଗୁଡ଼ିକ କୌଣସି ବିଜ୍ଞାନ ପ୍ରତିଷ୍ଠାନ ବା ବିଜ୍ଞାନ ବିଭାଗ ଦ୍ୱାରା ଆମନ୍ତ୍ରିତ ହୋଇନଥିଲା । ମୁମ୍ବାଇ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ଓ ରାମଟେକ୍‌ର କବିଗୁରୁ କାଳିଦାସ ବିଶ୍ୱବିଦ୍ୟାଳୟ ଏହି ଦାୟିତ୍ୱ ନେଇଥିଲେ ।

ଦ୍ୱିତୀୟତଃ ବିଜ୍ଞାନ କଂଗ୍ରେସର ଏହି ଆଲୋଚନା ଚକ୍ରରେ ଯେଉଁମାନେ ସନ୍ଦର୍ଭ ଉପସ୍ଥାପନ କରିଥିଲେ ସେମାନେ ବିଜ୍ଞାନସମ୍ମତ କୌଣସି ନିର୍ଦ୍ଦିଷ୍ଟ ପ୍ରମାଣର ଉଲ୍ଲେଖ କରିବାକୁ ଉଚିତ ମନେ କରିନଥିଲେ । ନିଜର ବକ୍ତବ୍ୟର ସମର୍ଥନରେ ସେମାନେ କେବଳ କେତେକ ପୌରାଣିକ କାବ୍ୟର ଉଦ୍ଧୃତି ପ୍ରଦାନ କରିଥିଲେ ।

ତୃତୀୟତଃ ସନ୍ଦର୍ଭଗୁଡ଼ିକର ଉପସ୍ଥାପକମାନେ 'ପ୍ରାଚୀନ ଭାରତରେ ବିଜ୍ଞାନ' ସମ୍ପର୍କରେ କୌଣସି ଗବେଷଣା କରିନାହାନ୍ତି ଅଥବା ବିଜ୍ଞାନର କୌଣସି ଶାଖାରେ

ଗବେଷଣା କରୁଥିବା ବୈଜ୍ଞାନିକ ନୁହଁନ୍ତି । ତଥାପି ଏହି ଆତ୍ମଘୋଷିତ ଗବେଷକମାନେ ଏହିଭଳି ବିଭିନ୍ନ ଅଦ୍ଭୁତ ବିଷୟ ଦାବି କରିଛନ୍ତି ।

ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ବିଜ୍ଞାନ କଂଗ୍ରେସର ବହୁ ପ୍ରତିନିଧି ବିଜ୍ଞାନ ସହିତ ପୌରାଣିକ କାବ୍ୟ (Mythology) ଓ ଅବୈଜ୍ଞାନିକ (Pseudo-science) ବିଷୟବସ୍ତୁର ମିଶ୍ରଣର ଏହି କାର୍ଯ୍ୟକୁ ସମାଲୋଚନା କରିବାକୁ ଆରମ୍ଭ କରିଥିଲେ । ଏହାକୁ ଲକ୍ଷ୍ୟ କରି ବିଜ୍ଞାନ କଂଗ୍ରେସର ସଭାପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ବାତିଲ କରି ଦେଇଥିଲେ । ଏହି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବିଜ୍ଞାନ କଂଗ୍ରେସର କେବଳ ଏକ ପାରମ୍ପରିକ କାର୍ଯ୍ୟକ୍ରମ ନୁହେଁ; ବିଭିନ୍ନ ବିଷୟକୁ ବୁଝିବା କ୍ଷେତ୍ରରେ ତାହା ଏକ ଜରୁରୀ ଆବଶ୍ୟକତା ।

୨୦୧୯ ମସିହା ଜୁଲାଇ ୨୭ ତାରିଖ ଦିନ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ତ୍ରିଭେନ୍ଦ୍ର ସିଂ ରାଓତ କହିଥିଲେ ଗାଈ ହେଉଛି ଏକମାତ୍ର ପ୍ରାଣୀ ଯିଏ ପ୍ରଶ୍ୱାସରେ ଅମ୍ଳଜାନ ଛାଡ଼ିଥାଏ ଏବଂ ସେଥିପାଇଁ ଗାଈକୁ କୁଆଡ଼େ ମା' କୁହାଯାଏ । ଯଦି କୌଣସି ବ୍ୟକ୍ତିର ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ଥିବ ତାହାହେଲେ ହାତକୁ ଗାଈ ଦେହରେ ଘସିଲେ ସମସ୍ୟା ଦୂର ହୋଇଯିବ । ଯକ୍ଷ୍ମା ରୋଗୀ ଗାଈ ମାନଙ୍କ ଭିତରେ ସମୟ କାଟିଲେ ରୋଗ ଭଲ ହୋଇଯିବ ।

୨୦୧୮ ଏପ୍ରିଲ ୩୦ ତାରିଖ ଦିନ ଗୁଜରାଟର ମୁଖ୍ୟମନ୍ତ୍ରୀ ରୁପାଣୀ କହିଥିଲେ ରାମାୟଣର ନାରଦ ହେଉଛନ୍ତି ଆଧୁନିକ ଯୁଗର ଗୁଗୁଲ । ରାମାୟଣକୁ ଚୋରି କରି ସେମାନେ ଏବେ ଗୁଗୁଲ ବ୍ରାଉଜର ପ୍ରସ୍ତୁତ କରିଛନ୍ତି ।

୨୦୧୮ ଫେବୃୟାରୀ ୨୮ ତାରିଖ ଦିନ ମାନବ ସମ୍ବଳ ରାଷ୍ଟ୍ରମନ୍ତ୍ରୀ ସତ୍ୟପାଲ ସିଂହ କହିଥିଲେ, 'ନିଉଟନଙ୍କ ଗତିର ନିୟମ' (Newtons Laws of Motion) ବାହାର କରିବା ବହୁ ପୂର୍ବରୁ ଆମ ବେଦ ମନ୍ତ୍ରରେ ସେଗୁଡ଼ିକ ରହିଥିଲା । ତାହାକୁ ନିଉଟନ ଚୋରି କରି କେବଳ ସଙ୍କେତ ଆକାରରେ ପ୍ରକାଶ କରିଛନ୍ତି ।

୨୦୧୮ ଜାନୁୟାରୀ ୨୦ ତାରିଖରେ ସେ ଆହୁରି କହିଥିଲେ ଯେ, ଡ଼ାରଉଇନଙ୍କ ଜୀବ ବିବର୍ତ୍ତନ ତତ୍ତ୍ୱ (Theory of Evolution) ସମ୍ପୂର୍ଣ୍ଣ ଭୁଲ । କୌଣସି ମାଙ୍କଡ଼ (ape) ମଣିଷ ହେବାରେ ଆମେ କିମ୍ବା ଆମ ପୂର୍ବଜ ମାନେ

କେହି ବି ଦେଖିନାହାଁନ୍ତି । ସେଥିପାଇଁ ସ୍କୁଲ କଲେଜମାନଙ୍କରେ ବିବର୍ତ୍ତନ ଥିଓରୀ ପଢା ହେବାର ଆବଶ୍ୟକତା ନାହିଁ ।

ଭାରତୀୟ ଜ୍ଞାନ କଥା କହି ଆର୍.ଏସ୍.ଏସ୍‌ର ତତ୍ତ୍ୱ ପ୍ରଚାରକ ତଥା ବିଦ୍ୟାଭାରତୀର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୀନାନାଥ ବାତ୍ରାଙ୍କ ରଚିତ ୮ ଖଣ୍ଡ ବହି ସମେତ ୯ ଖଣ୍ଡ ବହି ଗୁଜୁରାଟର ସମସ୍ତ ପ୍ରାଥମିକ ଓ ସେକେଣ୍ଡାରୀ ସ୍କୁଲମାନଙ୍କରେ ସପ୍ଲିମେଣ୍ଟାରୀ ସାହିତ୍ୟ ଭାବେ ପଢାଯାଉଛି । ସେହି ବହିଗୁଡିକ ମଧ୍ୟରୁ ଗୋଟିଏ ବହି ହେଉଛି 'ତେଜୋମୟ ଭାରତ' । ସେଥିରେ ବର୍ଣ୍ଣନା କରାଯାଇଛି ଯେ, ବୈଦିକ ଯୁଗରେ ମୋଟର କାର ଥିଲା । ତାକୁ 'ଅନଶ୍ୱ ରଥ' କୁହାଯାଉଥିଲା । ସାଧାରଣତଃ ରଥକୁ ଘୋଡାମାନେ ଟାଣନ୍ତି । ମାତ୍ର 'ଅନଶ୍ୱ ରଥ' ଏକ ଘୋଡା ବିହୀନ ରଥ, ଅର୍ଥାତ ଯାନ୍ତ୍ରିକ ରଥ; ତାକୁ ଆଜି ଆମେ ମୋଟର କାର କହୁଛୁ ।(ତେଜୋମୟ ଭାରତ, ପୃଷ୍ଠା – ୬୦) ଗାନ୍ଧାରୀଙ୍କ ଗର୍ଭପାତ ଫଳରେ ତାଙ୍କ ଗର୍ଭରୁ ଏକ ମାଂସ ପିଣ୍ଡୁଳା ବାହାରିଲା, ତାକୁ ଦ୍ୱିପାୟନ ବ୍ୟାସ ଶହେ ଖଣ୍ଡ କରି ଭାଗ କଲେ । ପ୍ରତ୍ୟେକ ଖଣ୍ଡକୁ ଘିଅ ଭର୍ତ୍ତି ପାତ୍ରରେ ରଖିଥିଲେ । ଦୁଇ ବର୍ଷ ପରେ ସେଥିରୁ ୧୦୦ କୌରବ ଜନ୍ମ ନେଲେ । ଏଥିରୁ ପ୍ରମାଣିତ ହେଉଛି ହଜାର ହଜାର ବର୍ଷ ପୂର୍ବରୁ 'ଷ୍ଟେମ ସେଲ' ସମ୍ପର୍କିତ ଜ୍ଞାନ କୌଶଳ ଭାରତରେ ଥିଲା । (ତେଜୋମୟ ଭାରତ, ପୃଷ୍ଠା ୯୨-୯୩) ମହାଭାରତ ଯୁଦ୍ଧ ସମୟରେ ଧୃତରାଷ୍ଟ୍ରଙ୍କ ସାରଥୀ ସଞ୍ଜୟ ତାଙ୍କୁ 'ଦିବ୍ୟ ଶକ୍ତି' ଜରିଆରେ ଯୁଦ୍ଧର ବିବରଣୀ କହୁଥିଲେ । ଭାରତର ଋଷିମାନେ ଯୋଗବିଦ୍ୟା ବଳରେ ତାହା ହାସଲ କରିଥିଲେ । ଅର୍ଥାତ ସେ ସମୟରେ ଟେଲିଭିଜନ ସମ୍ପର୍କରେ ଜ୍ଞାନ କୌଶଳ ଥିଲା । (ତେଜୋମୟ ଭାରତ, ପୃଷ୍ଠା – ୬୪) ଇତ୍ୟାଦି ବହୁ ଘଟଣା ସେଥିରେ ଉଲ୍ଲେଖ କରାଯାଇଛି । ଏହିଭଳି ଆହୁରି ବହୁ ଉଦଭଟ କାଳ୍ପନିକ ଅବୈଜ୍ଞାନିକ କଥାମାନ ଆଜି ମଧ୍ୟ ପ୍ରଚାର ଚାଲିଛି ।

ସରଳଭାଷାରେ କହିଲେ, ଯାହା ଆଜି ଆଧୁନିକ ବିଜ୍ଞାନ ଦ୍ୱାରା ଆବିଷ୍କୃତ ବା ଉଦ୍ଭାବନ ହେଉଛି, ସେ ସମସ୍ତ କିଛି ଅତି ପୁରାତନ କାଳରେ ଭାରତରେ ଥିଲା ଅଥବା ଶାସ୍ତ୍ରରେ ସେ ସମ୍ପର୍କରେ ବର୍ଣ୍ଣନା କରାଯାଇଛି ।

# ଜାତୀୟ ଶିକ୍ଷାନୀତି-୨୦୨୦
# କ'ଣ କହୁଛି ?

ଯେତେବେଳେ ସମଗ୍ର ଦେଶ କୋଭିଡ -୧୯ ମହାମାରୀ ଏବଂ ଅର୍ଥନୈତିକ ସଙ୍କଟରେ ଜୀବନ ମରଣ ସଂଘର୍ଷରେ ଲିପ୍ତ, କେନ୍ଦ୍ର ସରକାର ଏହି ସୁଯୋଗକୁ ଚତୁରତାର ସହିତ ଉପଯୋଗ କରି ଏବଂ ବହୁ ଶିକ୍ଷାବିତ, ବୈଜ୍ଞାନିକ, ବୁଦ୍ଧିଜୀବି, ଶିକ୍ଷକ, ଅଭିଭାବକ ଏବଂ ଛାତ୍ର ତଥା ଭାରତର ଜନଗଣଙ୍କର ମୂଲ୍ୟବାନ ମତାମତ ଏବଂ ବିରୋଧକୁ ସଂପୂର୍ଣ୍ଣ ଉପେକ୍ଷା କରି ଫାସିଷ୍ଟ କାଇଦାରେ କେନ୍ଦ୍ର କ୍ୟାବିନେଟରେ ୨୦୨୦ ଜୁଲାଇ ୨୯ତାରିଖ ଦିନ ଜାତୀୟ ଶିକ୍ଷାନୀତି - ୨୦୨୦କୁ ଅନୁମୋଦନ କରି ସାରା ଦେଶ ଉପରେ ଲଦି ଦେଇଛନ୍ତି । NEP-2020 (ଜାତୀୟ ଶିକ୍ଷାନୀତି ୨୦୨୦)ର Visionରେ ଉଲ୍ଲେଖ ରହିଛି 'This National Education Policy envisions an education system rooted in Indian ethos that Contributes directly to transforming India, that is Bharat, sustainably into an equitable and vibrant knowledge society'. (Page-6) ଅର୍ଥାତ ଜାତୀୟ ଶିକ୍ଷାନୀତିର ଉଦ୍ଦେଶ୍ୟ ହେଉଛି ଭାରତୀୟ ପରମ୍ପରା ethosକୁ ଭିତ୍ତି କରି ଶିକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରାଯିବ ଯାହାକି ଭାରତକୁ ଏକ ପୋଷଣୀୟ, ନ୍ୟାୟସଙ୍ଗତ, କମ୍ପିତ ଜ୍ଞାନର ସମାଜରେ ପରିଣତ କରିବ । NEP ୪.୨୭ କ୍ଲଜରେ ଉଲ୍ଲେଖ ରହିଛି, Knowledge of India will include knowledge from ancient India and its contributions to modern India and its success and challenges.... Indian knowledge systems will be covered in Mathematics, Astronomy, Philosophy, Yoga, Architecture, Medicine, Agriculture, Engineering, Linguistic, Literature, Sports, Games as well as in Governance, Polity, Conservation... Indian knowledge system will also be available to students in secondary school as an elective. ଅର୍ଥାତ୍ ସଂକ୍ଷେପରେ କହିଲେ ପ୍ରାଚୀନ ଭାରତର ଜ୍ଞାନ ଉପରେ ଉଚ୍ଚ ମାଧ୍ୟମିକ ସ୍ତରରୁ ଛାତ୍ରଛାତ୍ରୀମାନଙ୍କୁ ଇଲେକ୍‌ଟିଭ ବିଷୟବସ୍ତୁ ହିସାବରେ ପାଠ ପଢାଯିବ ।

ଭାରତୀୟ ଜ୍ଞାନ ସମସ୍ତ ବିଷୟ ଯଥା ଗଣିତ, ଦର୍ଶନଶାସ୍ତ୍ର, ଔଷଧ, କୃଷି, ବୈଷୟିକ, ଭାଷା, ଖେଳକୁଦ ଠାରୁ ଆରମ୍ଭ କରି ରାଜନୀତି, ଶାସନ ବ୍ୟବସ୍ଥା ମଧ୍ୟରେ ଅନ୍ତର୍ଭୁକ୍ତ କରାଯିବ । NEP- 4.28 କ୍ଲଜରେ ଉଲ୍ଲେଖ ରହିଛି ଯେ ଛାତ୍ରଛାତ୍ରୀମାନେ ପଞ୍ଚତନ୍ତ୍ର, ଜାତକ, ହିତୋପଦେଶ ଆଦି ଗଳ୍ପରେ ଭାରତୀୟ ପରମ୍ପରା ସମ୍ପର୍କରେ ପାଠ ପଢିବା ଏବଂ ଶିଖିବାର ସୁଯୋଗ ପାଇବେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପାରମ୍ପରିକ ଭାରତୀୟ ମୂଲ୍ୟବୋଧ (traditional Indian values) ଗଢିତୋଳିବା ଉଦ୍ଦେଶ୍ୟରେ ପାଠ୍ୟକ୍ରମ ପ୍ରସ୍ତୁତ କରାଯିବ । NEP-4.28 କ୍ଲଜରେ ଉଲ୍ଲେଖ ରହିଛି All Curriculum and Pedagogy from the foundational stage onwards, will be redesigned to be strongly rooted in the Indian and local context and ethos in terms of culture, traditions, heritage, customs language, philosophy, geography, ancient and contemporary knowledge.

NEP ସୁପାରିଶ ଅନୁଯାୟୀ - Sanskrit while also an important modern language...possess a classical literature that is greater in volume... containing vast treasures of mathematics, philosophy, grammar, politics, medicine.... known as Sanskrit knowledge system... will thus be offered at all levels of school and higher education as an important enriching option for students including as an option in the three language formula. (clause 4.17) ଅର୍ଥାତ ସଂସ୍କୃତ ଶାସ୍ତ୍ରୀୟ ସାହିତ୍ୟରେ ଭରପୁର ଥିବା ଏବଂ ବିଭିନ୍ନ ବିଷୟରେ ବିସ୍ତୃତ ଜ୍ଞାନ ଥିବା ଏକ ଆଧୁନିକ ଭାଷା । ସେଥିପାଇଁ ଛାତ୍ରଛାତ୍ରୀ ମାନଙ୍କୁ ସମସ୍ତ ସ୍ତରର ସ୍କୁଲଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ୩ଟି ଭାଷା ଭିତରେ ଏକ ଗୁରୁତ୍ୱପୂର୍ଣ୍ଣ ଭାଷା ଭାବେ ପ୍ରଦାନ କରାଯିବ ।

ଆମେ ଦେଖିଲେ ଏନ୍‌ଇପି-୨୦୨୦ରେ ଭାରତୀୟ ଜ୍ଞାନ, ଭାରତୀୟ ଶିକ୍ଷାର ପରମ୍ପରା, ଭାରତୀୟ ମୂଲ୍ୟବୋଧ, ଭାରତୀୟ ସଂସ୍କୃତି ଏହିଭଳି କଥା ବାରମ୍ବାର ଉଲ୍ଲେଖ କରାଯାଇଛି । ତେବେ କେବଳ ଏଗୁଡ଼ିକ ସୁପାରିଶ ଆକାରରେ

ନାହିଁ ବରଂ ଇତି ମଧ୍ୟରେ କେନ୍ଦ୍ର ସରକାର ଓ ବିଭିନ୍ନ ରାଜ୍ୟର ସରକାର ଉକ୍ତ ସୁପାରିଶ ଗୁଡ଼ିକୁ ବିଭିନ୍ନ ରାଜ୍ୟରେ ଏବଂ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ଗୁଡ଼ିକରେ କାର୍ଯ୍ୟକାରୀ କରିବାରେ ପୁରା ଦମରେ ଲାଗି ପଡ଼ିଛନ୍ତି । ଆର୍‌ଏସ୍‌ଏସ୍ ଦ୍ୱାରା ସ୍ୱୀକୃତ ଏକ ଅନାମଧେୟ ସଂସ୍ଥା 'ଭାରତୀୟ ଶିକ୍ଷଣ ମଣ୍ଡଳ'କୁ ଜାତୀୟ ଶିକ୍ଷା ନୀତି-୨୦୨୦ର ପ୍ରଚାର ପ୍ରସାରର ଦାୟିତ୍ୱ ଦିଆଯାଇଛି ଏବଂ ଉକ୍ତ ସଂସ୍ଥା ଦେଶ ସାରା ବୁଲି ବିଭିନ୍ନ ଉଚ୍ଚତର ଶିକ୍ଷାନୁଷ୍ଠାନ ମାନଙ୍କରେ କିପରି ଏହାକୁ ଲାଗୁ କରିବେ ତାହା ଉପରେ ସେମିନାର ମାନ ଆୟୋଜନ କରି ଚାଲିଛି ।

## ଜାତୀୟ ଶିକ୍ଷାନୀତି-୨୦୨୦

## ବିନା ତର୍ଜମା, ବିନା ଚର୍ଚ୍ଚାରେ-ସାରା ଦେଶରେ ଲାଗୁ

କେନ୍ଦ୍ର ସରକାର ସମସ୍ତ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାକୁ ପଦଦଳିତ କରି NEP-2020କୁ ସାରା ଦେଶରେ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଜେପି ଶାସିତ ରାଜ୍ୟ ସମେତ ଅନ୍ୟାନ୍ୟ ରାଜ୍ୟ ସରକାରମାନେ ମଧ୍ୟ NEP-2020ର ବିଭିନ୍ନ ସୁପାରିଶ ଗୁଡ଼ିକୁ ଲାଗୁ କରିବାକୁ ଲାଗି ପଡ଼ିଛନ୍ତି । ଓଡ଼ିଶା ସରକାର ମଧ୍ୟ ଏହି ଦିଗରେ ବହୁତ ଆଗରେ ଅଛି । ତେବେ ଆସନ୍ତୁ ଦେଖିବା 'ଭାରତୀୟ ଜ୍ଞାନ' କଥା କହି ସେମାନେ ଶିକ୍ଷା କ୍ଷେତ୍ରରେ କି କି ପରିବର୍ତ୍ତନ ଆଣୁଛନ୍ତି ।

**ୟୁଜିସି ଦ୍ୱାରା ପ୍ରସ୍ତୁତ ଇତିହାସ ପାଠ୍ୟ ଖସଡା :-** ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ, UGC ୨୦୨୧ ଫେବୃୟାରୀ ୧୫ ତାରିଖ ଦିନ 'ଅଧ୍ୟୟନରୁ ଫଳାଫଳ ଭିତ୍ତିକ ପାଠ୍ୟକ୍ରମ ଢାଞ୍ଚା (Learning outcomes based curriculum frames work)' ନାଁରେ ବି.ଏ. ଛାତ୍ରଛାତ୍ରୀମାନଙ୍କ ପାଇଁ ଇତିହାସ ପାଠ୍ୟକ୍ରମର ଖସଡ଼ା ପ୍ରସ୍ତୁତ କରି ସମସ୍ତ ବିଶ୍ୱବିଦ୍ୟାଳୟ ମାନଙ୍କରେ ଲାଗୁ କରିବାକୁ ପଠାଇଛନ୍ତି ।

ନୂଆ ପାଠ୍ୟକ୍ରମର ପ୍ରଥମ ଖଣ୍ଡରେ 'ଭାରତର ଧାରଣା' ଉପରେ ବର୍ଣ୍ଣନା କରାଯାଇଛି । ଯେଉଁଥିରେ କି ଭାରତବର୍ଷର ଧାରଣା, ଭାରତୀୟ ସ୍ଥାନ ଓ କାଳର ଧାରଣା, ବେଦ, ବେଦାନ୍ତ, ଉପନିଷଦ, ମହାକାବ୍ୟ, ହିନ୍ଦୁ, ଧର୍ମଶାସ୍ତ୍ର, ପୁରାଣ ଇତ୍ୟାଦି ଭାରତୀୟ ସାହିତ୍ୟର ପ୍ରଶଂସା ସ୍ଥାନ ପାଇଛି । ତୃତୀୟ ଖଣ୍ଡରେ 'ଭାରତର ଇତିହାସ' ସମ୍ପର୍କରେ ଉଲ୍ଲେଖ ହୋଇଛି । ଯେଉଁଥିରେ କି ପ୍ରଥମ ଭାଗରେ ୫୫୦

ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ପ୍ରାଚୀନ ଭାରତର ଇତିହାସର ଉତ୍ସ ଓ ଇତିହାସ ଲେଖନର ଧାରା, ସିନ୍ଧୁ-ସରସ୍ୱତୀ ସଭ୍ୟତା, ସିନ୍ଧୁ, ସରସ୍ୱତୀ ଓ ବୈଦିକ ସଭ୍ୟତା ମଧ୍ୟରେ ଥିବା ସମ୍ପର୍କ ଉପରେ ବିତର୍କ, ସିନ୍ଧୁ-ସରସ୍ୱତୀ ସଭ୍ୟତାର ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ, ଏହାର ଧାରାବାହିକତା, ପତନ ଏବଂ ଜୀବିତାବସ୍ଥା ଇତ୍ୟାଦି । ଦ୍ୱିତୀୟ ଭାଗରେ ରହିଛି ଆର୍ଯ୍ୟ ସଭ୍ୟତା ଓ ଏହାର ସୃଷ୍ଟି, ଆର୍ଯ୍ୟମାନଙ୍କ ଆକ୍ରମଣରେ ପୌରାଣିକ କଥା, ବୈଦିକ ସଂସ୍କୃତି, ମହାକାବ୍ୟ, ସାହିତ୍ୟ ଇତ୍ୟାଦି । ଦ୍ୱାଦଶ ଭାଗରେ ରହିଛି 'ଭାରତର ସାଂସ୍କୃତିକ ପରମ୍ପରା' ଯାହା ମଧ୍ୟରେ କି ରହିଛି ମଣିଷ ଜୀବନରେ ସାଂସ୍କୃତିକ ପରମ୍ପରାର ଗୁରୁତ୍ୱ । ଆମ ଜୀବନରେ ମେଳା, ପର୍ବପର୍ବାଣୀ, ବିଧି ତଥା ତୀର୍ଥ ଇତ୍ୟାଦିର ଗୁରୁତ୍ୱ ଏବଂ ରାମାୟଣ ଓ ମହାଭାରତ ରଚନାବଳୀ ଇତ୍ୟାଦି ।

**ବୈଦିକ ଶିକ୍ଷା ବୋର୍ଡ଼ ପ୍ରତିଷ୍ଠା :-** କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଇତି ମଧ୍ୟରେ ଉଜ୍ଜୟିନୀ ଠାରେ ଅବସ୍ଥିତ ଏକ ଘରୋଇ ଅନୁଷ୍ଠାନ 'ମହର୍ଶି ସନ୍ଦିପାଣୀ ରାଷ୍ଟ୍ରୀୟ ବେଦ ବିଦ୍ୟା ପ୍ରତିଷ୍ଠାନ (MSRVVP)କୁ ବେଦ ଉପରେ ପାଠପଢା ପାଇଁ ଅନୁମତି ପ୍ରଦାନ କରିଛି । ଏହି ଅନୁଷ୍ଠାନ ବୋର୍ଡ଼ ଭାବେ କାମ କରିବ ଏବଂ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନରେ କିପରି ବୈଦିକ ଶିକ୍ଷା ପ୍ରଦାନ କରାଯିବ ତାହାର ତଦାରଖ କରିବ ।

**SCERT/NCERT ଦ୍ୱାରା ଇତିହାସ ପାଠ୍ୟପୁସ୍ତକ ପରିବର୍ତ୍ତନ ପାଇଁ ସୁପାରିଶ :-** ଶିକ୍ଷା ଉପରେ ଗଠିତ ପାର୍ଲାମେଣ୍ଟାରୀ ଷ୍ଟାଣ୍ଡିଙ୍ଗ କମିଟି ୨୦୨୧ ନଭେମ୍ବର ୩୦ ତାରିଖ ଦିନ ରାଜ୍ୟସଭାରେ ତା'ର ୩୩୧ ତମ ରିପୋର୍ଟ ଉପସ୍ଥାପନ କରି SCERT ଏବଂ NCERT ଦ୍ୱାରା ବିଭିନ୍ନ ଶ୍ରେଣୀରେ ପ୍ରଚଳିତ ଇତିହାସ ପାଠ୍ୟପୁସ୍ତକ ଗୁଡ଼ିକୁ ପରିବର୍ତ୍ତନ କରିବାକୁ ସୁପାରିଶ କରିଛି । ଏଠାରେ ଉଲ୍ଲେଖଯୋଗ୍ୟ ଏହି କମିଟିରେ ଓଡ଼ିଶାର ବିଜେଡ଼ି ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ଏବଂ ଲୋକସଭା ସଦସ୍ୟ ଅନୁଭବ ମହାନ୍ତି ମଧ୍ୟ ସାମିଲ ଅଛନ୍ତି । କମିଟି ଯେଉଁ ସଂସ୍ଥାମାନଙ୍କ ସହିତ ଆଲୋଚନା କରିଥିଲା, ସେଥିରେ ସାମିଲ ଅଛନ୍ତି 'ଭାରତୀୟ ଶିକ୍ଷଣ ମଣ୍ଡଳ', 'ବିଦ୍ୟାଭାରତୀ', 'ଶିକ୍ଷା ସଂସ୍କୃତ ଉତ୍ଥାନ ନ୍ୟାସ' (ଏଗୁଡ଼ିକ ସବୁ ଆର୍.ଏସ୍.ଏସ୍ ଦ୍ୱାରା ସହବନ୍ଧିତ ସଂସ୍ଥା) । ଉକ୍ତ କମିଟି ସପ୍ତମ ଶ୍ରେଣୀ ପାଠ୍ୟପୁସ୍ତକରେ ମୋଗଲ ଶାସକମାନଙ୍କ ସଂପର୍କରେ ନ ପଢାଇବାକୁ

କହିଛି । ରାଜପୁତ ଶାସକ ମହାରଣା ପ୍ରତାପଙ୍କ ଭଳି ଶାସକଙ୍କ ମାନଙ୍କ ବିଷୟରେ ପଢାଇବାକୁ ସୁପାରିଶ କରିଛି । ନବମ ଶ୍ରେଣୀ ପାଠ୍ୟପୁସ୍ତକରେ ଫ୍ରାନ୍ସ ବିପ୍ଳବ ଏବଂ ସୋଭିଏତ ବିପ୍ଳବ ଏହି ଦୁଇଟି ଭିତରୁ ଗୋଟିଏ ବିଷୟ ପଢାଇବାକୁ କହିଛି । ଶୋଷିତ ମଣିଷର ମୁକ୍ତିର ପଥପ୍ରଦର୍ଶକ ମହାନ ନେତା କାର୍ଲ ମାର୍କ୍ସଙ୍କ ବିଷୟରେ ପଢାଇବାକୁ ମନା କରିଛି । ଗୁରୁ ନାନକଙ୍କ ଆଧ୍ୟାତ୍ମିକ ସମାଜବାଦ ଉପରେ ପଢାଯିବା କଥା କହିଛି । ବିଦେଶୀ ଜ୍ଞାନ ବଦଳରେ ସ୍ୱଦେଶୀ ଜ୍ଞାନକୁ ବେଶୀ ଜୋର ଦେବା ଉଚିତ ବୋଲି କମିଟି ସୁପାରିଶ କରିଛି ।

**ଜ୍ୟୋତିଷ ଶାସ୍ତ୍ର/ପୁରୋହିତ ବିଦ୍ୟା/ବାସ୍ତୁଶାସ୍ତ୍ର :** IIT ଖଡ଼ଗପୁର ଭଳି ବହୁ ପୁରାତନ ସଂସ୍ଥା ୨୦୨୨ ଶିକ୍ଷାବର୍ଷ ଠାରୁ ବାସ୍ତୁଶାସ୍ତ୍ର ପ୍ରଚଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛି । Architect ଛାତ୍ରଛାତ୍ରୀମାନେ UG ଏବଂ PG ସ୍ତରରେ ବାସ୍ତୁଶାସ୍ତ୍ର ନେଇ ପାଠ ପଢିବେ । IGNOU ମଧ୍ୟ Astrology ଜ୍ୟୋତିଷ ଶାସ୍ତ୍ର ଉପରେ ଦୁଇବର୍ଷିଆ MA କୋର୍ସ ୨୦୨୨ରୁ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି (The Indian Express, 9th Jan, 2022) । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (BHU), IIT ଇନ୍ଦୋର ଭଳି ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗୁଡ଼ିକ ମଧ୍ୟ Astrology ଉପରେ କୋର୍ସ ଖୋଲିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

**IIT ଖଡ଼ଗପୁର କ୍ୟାଲେଣ୍ଡର :-** IIT ଖଡ଼ଗପୁର ୨୦୨୦ ନଭେମ୍ବର ୬ରୁ ୮ ତାରିଖ ମଧ୍ୟରେ 'ଭାରତ ତୀର୍ଥ' ବିଷୟବସ୍ତୁ ଉପରେ ଏକ ଆନ୍ତର୍ଜାତିକ ସେମିନାର ଆୟୋଜନ କରିଥିଲା । ସେହି ଆନ୍ତର୍ଜାତୀୟ ସେମିନାରରେ କେନ୍ଦ୍ର ସରକାର ଏହି ଶିକ୍ଷାନୁଷ୍ଠାନକୁ 'ଭାରତୀୟ ଜ୍ଞାନ ବ୍ୟବସ୍ଥା' (Indian Knowledge System) ଉପରେ କାମ କରିବା ପାଇଁ Centre of Excellence ଭାବେ ଘୋଷଣା କରିଛି । ଅର୍ଥାତ୍ 'ଭାରତୀୟ ଜ୍ଞାନ ବ୍ୟବସ୍ଥା' ଉପରେ IIT ଖଡ଼ଗପୁର ସମସ୍ତ ପ୍ରକାର ଗୁରୁତ୍ୱ ଦେଇ କାମ କରିବ । ସେହି କ୍ରମରେ IIT ଖଡ଼ଗପୁର "Recovery of the Foundation of Indian Knowledge System" ଶୀର୍ଷକରେ ଏକ କ୍ୟାଲେଣ୍ଡର ୨୦୨୨ ବର୍ଷ ପାଇଁ ପ୍ରକାଶ କରିଛି । ସାରା ଦେଶରେ ଏଭଳି କ୍ୟାଲେଣ୍ଡରକୁ ନେଇ ବହୁ ବିତର୍କ ସୃଷ୍ଟି ହୋଇଛି । ଏହି କ୍ୟାଲେଣ୍ଡର ୩ଟି Theme ଅର୍ଥାତ ବିଷୟବସ୍ତୁକୁ ନେଇ ଗଠିତ । ପ୍ରଥମ ବିଷୟବସ୍ତୁ ହେଉଛି Vedic History, ଦ୍ୱିତୀୟ ହେଉଛି Indus Valley

Civilization, ତୃତୀୟ ହେଉଛି କିପରି ଉପରୋକ୍ତ ୨ଟି ବିଷୟବସ୍ତୁ ସଂପର୍କରେ ବ୍ରିଟିଶମାନେ ବିଭ୍ରାନ୍ତି ସୃଷ୍ଟି କରିଛନ୍ତି ତାହା ଉପରେ ପର୍ଯ୍ୟବେସିତ ।

## ଜ୍ଞାନ ଆହରଣ ପ୍ରକ୍ରିୟା

ଏହା ସର୍ବଜନ ସ୍ୱୀକୃତ ଯେ ଜ୍ଞାନ ବିଜ୍ଞାନର କୌଣସି ପରିସୀମା ନଥାଏ । ସେଥିପାଇଁ ପ୍ରତ୍ୟେକ ବିଷୟରେ ସତ୍ୟ ଜାଣିବାର ଉଦ୍ୟମ କରିବା ଆବଶ୍ୟକ ଏବଂ ତାର ସ୍ୱୀକୃତି ଦେବା ଆବଶ୍ୟକ । ମଣିଷ ସଭ୍ୟତାରେ ଜ୍ଞାନବିଜ୍ଞାନ ବିକାଶ କ୍ଷେତ୍ରରେ ଏକା ସଙ୍ଗରେ ୩ଟି ପ୍ରକ୍ରିୟା କାର୍ଯ୍ୟ କରିଥାଏ । ପ୍ରଥମତଃ ଆଜି ଆମ୍ଭେ ଯେଉଁ ଜ୍ଞାନ କୌଶଳ ଦେଖୁଛୁ, ତାହା ହଠାତ୍ ବା ବିଚ୍ଛିନ୍ନ ଭାବେ ସୃଷ୍ଟି ହୋଇନାହିଁ । ବର୍ଷ ବର୍ଷ ଧରି ଏହା କଠୋର ସଂଗ୍ରାମ ମଧ୍ୟଦେଇ ସଞ୍ଚିତ ହୋଇ ରହିଛି । ଜଣାଥିବା ଜ୍ଞାନର ଭିତ୍ତି ଉପରେ ଠିଆ ହୋଇ ମଣିଷ ଅଜଣା ବିଷୟ ଉପରେ ଜ୍ଞାନ ଆହରଣ କରିବାକୁ ଉଦ୍ୟମ କରେ ଏବଂ ସେ ଯାହା ଶିଖେ, ତାହା ସେ ତାର ଉତ୍ତରସୂରୀମାନଙ୍କ ପାଇଁ ରଖିଯାଏ । ଏହାକୁ ଆମେ ଜ୍ଞାନ ଆହରଣର ପ୍ରକ୍ରିୟା (Accumulation of Knowledge) ବୋଲି କହିଥାଉ । ଯେପରି ସ୍ଥୁଳ ଅର୍ଥରେ କହିବାକୁ ଗଲେ ବହୁ ଛୋଟ ଛୋଟ ଇଟା ମିଶି ଗୋଟିଏ ଘର ତିଆରି ହୋଇଥାଏ, ମାତ୍ର ଆମେ ଅଲଗା ଭାବରେ ସେହି ଇଟା ଗୁଡିକୁ ଦେଖିବାକୁ ପାଉ ନାହୁଁ; ଠିକ୍ ସେହିପରି କୌଣସି ଏକ ବିଷୟ ସମ୍ପର୍କରେ ଆଜିର ଜ୍ଞାନ କୌଶଳ ମଧ୍ୟରେ ପୂର୍ବରୁ ସେହି ବିଷୟ ସମ୍ପର୍କରେ ଜଣାଥିବା ସମସ୍ତ ତଥ୍ୟ ନିହିତ ଥାଏ । ଏଥିପାଇଁ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ସଂସ୍କୃତ କଲେଜରେ ସଂସ୍କୃତରେ ରଚିତ ଲୀଳାବତୀ ଓ ବୀଜଗଣିତ ପରିବର୍ତ୍ତେ ଇଂରାଜୀରେ ରଚିତ ଆଧୁନିକ ଗଣିତ ପଢାଇବା ପାଇଁ କହିଥିଲେ । କାରଣ ଲୀଳାବତୀ ଓ ବୀଜଗଣିତର ସମସ୍ତ ସୂତ୍ର ଆଧୁନିକ ଗଣିତ ମଧ୍ୟରେ ସନ୍ନିବେଶିତ ଏବଂ ଆଧୁନିକ ଗଣିତର ଯୌକ୍ତିକ ଆଧାର ସେଗୁଡିକଠାରୁ ଉନ୍ନତ ଥିଲା ।

ଦ୍ୱିତୀୟତଃ ସ୍ଥୁଳ ଭାବରେ ଉଦାହରଣ ଦେଲେ ଇଟା ଗଦାକୁ କେହି ଘର ବୋଲି କୁହେ ନାହିଁ । ବାଲି, ସିମେଣ୍ଟ ଓ ଅନ୍ୟାନ୍ୟ ଦ୍ରବ୍ୟ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ପ୍ରକ୍ରିୟାରେ ଇଟା ଯୋଡେଇ ହୋଇ ଘର ତିଆରି ହୁଏ । ସେହିପରି ମଣିଷ ଯେଉଁ ଜ୍ଞାନ ଆହରଣ କରେ ତାହା ଫୋନ୍ ବୁକରେ ନମ୍ବର ଲେଖିବା ଭଳି କ୍ରମାନ୍ୱୟରେ ରହେ ନାହିଁ । କୌଣସି ବିଷୟରେ ତଥ୍ୟ ଆହରଣ ଆଗେଇବା ସହ ସେହି ବିଷୟ

ସମ୍ପର୍କରେ ଜ୍ଞାନର ଗୁଣାତ୍ମକ ବିକାଶ ହୁଏ । ଏହାକୁ ଜ୍ଞାନର ସଂଯୋଜନ ପ୍ରକ୍ରିୟା (Integration of Knowledge) ବୋଲି କୁହାଯାଏ ।

ତୃତୀୟତଃ ଘରର କାନ୍ଥଗୁଡିକ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରିବା ଭଳି ବିଭିନ୍ନ କ୍ଷେତ୍ରରେ ଆହରିତ ତଥ୍ୟ ମଧ୍ୟରେ ସମନ୍ୱୟ ରକ୍ଷା ଆବଶ୍ୟକ; ଅର୍ଥାତ ପରସ୍ପରକୁ ଖଣ୍ଡନ କରିବା ଉଚିତ ନୁହେଁ । ଯଦି ସେହିଭଳି ହୁଏ, ତାହେଲେ ତାର ସୀମାବଦ୍ଧତା ଦୂର କରିବା ପଥରେ ଜ୍ଞାନର ବିକାଶ ହୁଏ । ଏହାକୁ ଜ୍ଞାନର ସମନ୍ୱୟ ପ୍ରକ୍ରିୟା (Contiguity of Knowledge) କୁହାଯାଏ । ଆଲୋକର ବେଗର ସ୍ଥିରତା ସମ୍ପର୍କିତ ମାକ୍ସୱେଲଙ୍କ ସମୀକରଣ ଏବଂ ବସ୍ତୁର ଗତି ସମ୍ପର୍କିତ ନିଉଟନଙ୍କ ନିୟମ ପରସ୍ପରକୁ ଖଣ୍ଡନ କଲେ; ଫଳତଃ ସମନ୍ୱୟ ବାଧା ପ୍ରାପ୍ତ ହେଲା । ଆଇନଷ୍ଟାଇନଙ୍କ ଆପେକ୍ଷିକ ତତ୍ତ୍ୱ ପୁନର୍ବାର ସମନ୍ୱୟ ପ୍ରତିଷ୍ଠା କଲା । ସେହିପରି ଆର୍ଯ୍ୟମାନଙ୍କର ଦେଶାନ୍ତର ସମ୍ପର୍କିତ ଧାରଣାର ଭାଷାଗତ ପ୍ରମାଣ, ଘୋଡା ଜୀବାଶ୍ମର କାଳାନୁକ୍ରମିକ ତଥା ଭୌଗୋଳିକ ବର୍ଗୀକରଣ ତଥା ଅନ୍ୟାନ୍ୟ ନୃତାତ୍ତ୍ୱିକ ପ୍ରମାଣ ପରସ୍ପର ସହ ସମନ୍ୱିତ ହେବା ଆବଶ୍ୟକ । କୌଣସି ଘଟଣାର କାଳ ନିର୍ଣ୍ଣୟ କରିବା ପାଇଁ ଇତିହାସ ଓ ଭୂତତ୍ତ୍ୱରେ ବିଭିନ୍ନ ପ୍ରକାରର ସମୟ ମାପକ ପ୍ରକ୍ରିୟା ବ୍ୟବହାର କରାଯାଏ । ଯଦି ସେସବୁ ଠିକ୍ ଥାଏ, ତାହେଲେ ଏକ ବିଶେଷ ଘଟଣାର କାଳ ନିର୍ଣ୍ଣୟ କ୍ଷେତ୍ରରେ ସେ ସମସ୍ତ ପ୍ରକ୍ରିୟା ସମାନ ଫଳାଫଳ ପ୍ରଦାନ କରିବ ।

ଏହା ସହିତ ଆମକୁ ମନେରଖିବା ଦରକାର ଯେ, ମାନବ ସଭ୍ୟତାର ବିକାଶ ଧାରାରେ ପ୍ରତ୍ୟେକ ସ୍ତରରେ ସମାଜ ଏବଂ ପ୍ରକୃତି ସହିତ ନିରନ୍ତର ପାରସ୍ପରିକ ଦ୍ୱନ୍ଦ୍ୱ ସଂଘାତ ସଂଗ୍ରାମ ଭିତର ଦେଇ ଯେଉଁ ଜ୍ଞାନ ଅର୍ଜିତ ହୁଏ ଯାହାକି ମାନବ ସମାଜ ପାଇଁ ଅମୂଲ୍ୟ, ତାହା ସାମାଜିକ ଜ୍ଞାନରେ ରୂପାନ୍ତରିତ ହୁଏ । ଅର୍ଥାତ ଜ୍ଞାନ ସଂଗ୍ରାମରୁ ସୃଷ୍ଟି ହୁଏ ଏବଂ ପ୍ରଚଳିତ ସମାଜ ବ୍ୟବସ୍ଥାକୁ ଅପ୍ରତିହତ ଗତିରେ ଆଗକୁ ନେବାକୁ ସାହାଯ୍ୟ କରେ । ମାତ୍ର ଯେତେବେଳେ ଏହା ଅଗ୍ରଗତିର ରାସ୍ତାରେ ବାଧା ସୃଷ୍ଟି କରେ ତାହା ସମାଜରେ କାର୍ଯ୍ୟକାରିତା ହରାଏ । ଏହା କେବେ ବି କୌଣସି ବ୍ୟକ୍ତି ବିଶେଷ, ସମ୍ପ୍ରଦାୟର ହୋଇପାରେନା କିମ୍ବା ଏହାକୁ କୌଣସି ଭୌଗୋଳିକ ସୀମା ମଧ୍ୟରେ ସୀମାବଦ୍ଧ କରି ରଖାଯାଇ ପାରେନା । ଏହା କୌଣସି ଜାତି, ଧର୍ମ, ବର୍ଣ୍ଣ, ବ୍ୟକ୍ତି ବିଶେଷ ମଧ୍ୟରେ ଆବଦ୍ଧ ହୋଇ ରହିପାରେନା । ସ୍ଥାନ, କାଳ, ପରିସ୍ଥିତି ମଧ୍ୟରେ ବାନ୍ଧି ରଖାଯାଇ ପାରେନା । ଏହି

ଜ୍ଞାନ ପରବର୍ତ୍ତୀ ବଂଶଧର ମାନଙ୍କ ପାଇଁ ସଂପଦ ଆକାରରେ ଉପଲବ୍ଧ ହୁଏ । ନୂଆ ପିଢି ଆଗକୁ ବଢିବାରେ ସାହାଯ୍ୟ କରେ । ସମାଜର ପ୍ରତ୍ୟେକ ସ୍ତରରେ, ବିଶ୍ୱର ପ୍ରତ୍ୟେକ ଦେଶରେ ଏହା ସମାନ ଭାବରେ ଲାଗୁ ହୁଏ । ମନେକରନ୍ତୁ ପୃଥିବୀର କୌଣସି ପ୍ରାନ୍ତରେ କରୋନା ଭୂତାଣୁ ଉପରେ ଭ୍ୟାକ୍ସିନ ଉଦ୍ଭାବନ ହେଲା, ସମଗ୍ର ମାନବ ସମାଜ ସେଥିରେ ଉପକୃତ ହୁଏ । ତେଣୁ କୌଣସି ବିଷୟରେ ଜ୍ଞାନ କୌଶଳ ୟୁରୋପରେ ସୃଷ୍ଟି ହେଉଛି କି ଭାରତରେ ସୃଷ୍ଟି ହେଉଛି ତାହା ବିଚାର୍ଯ୍ୟ ବିଷୟ ନୁହେଁ। ମୂଳକଥା ହେଉଛି, ତାହା ସତ୍ୟକୁ ପ୍ରତିଫଳିତ କରୁଛି କି ନାହିଁ। ଭାରତୀୟମାନଙ୍କ ଦ୍ୱାରା ଶୂନ '0' ଆବିଷ୍କାର ହେବା ପୂର୍ବରୁ ଭାରତ ସମେତ ସମଗ୍ର ବିଶ୍ୱରେ ଗୋଟିଏ ପ୍ରକାର ଜ୍ଞାନ ଥିଲା । ମାତ୍ର ଶୂନର ଆବିଷ୍କାର ହେଲା ପରେ ଅନେକ କିଛି ପରିବର୍ତ୍ତନ ଘଟିଲା ଏବଂ ବର୍ତ୍ତମାନ ପ୍ରଚଳିତ ଡେସିମଲ ପ୍ଲେସ ଭ୍ୟାଲୁ ବ୍ୟବସ୍ଥା (decimal place value system) ହିଁ ସେଥିରୁ ସୃଷ୍ଟି । ଅର୍ଥାତ୍ ଜ୍ଞାନ ଶାଶ୍ୱତ ନୁହେଁ; ସ୍ଥାନ, କାଳ ସହିତ ପରିବର୍ତ୍ତନଶୀଳ ।

ପ୍ରାଚୀନ ଭାରତରେ ଜ୍ଞାନର ଯେଉଁ ବିକାଶ ହୋଇଛି ତାହା ଗୋଟିଏ ପଟରେ ବିଶ୍ୱର ବିଭିନ୍ନ ଅଞ୍ଚଳରେ ଗଢିଉଠିଥିବା ଜ୍ଞାନକୁ ଆଧାର କରି ହିଁ ଗଢିଉଠିଛି ଏବଂ ଅନ୍ୟ ପଟରେ ବିଶ୍ୱ ଜ୍ଞାନ ଭଣ୍ଡାରସହ ସଂଯୋଜିତ ହୋଇଛି । ତା'ର ଉପଯୁକ୍ତ ମର୍ଯ୍ୟାଦା ପାଇଛି । ଗୋଟିଏ ବିଷୟ ମନେ ରଖିବା ଦରକାର ମର୍ଯ୍ୟାଦା ବିଶ୍ୱ ଜ୍ଞାନଭଣ୍ଡାର ସହ ସଂଯୋଗ ଭିତର ଦେଇ ମିଳିଥାଏ । ତାଠାରୁ ବିଚ୍ଛିନ୍ନ କରି ନୁହେଁ। ଯଦି ବିଚ୍ଛିନ୍ନକରି ଚେଷ୍ଟା କରାଯାଏ ତାହେଲେ ମର୍ଯ୍ୟାଦା ନୁହେଁ ବରଂ ଜ୍ଞାନ ପ୍ରତି ଅମର୍ଯ୍ୟାଦା । ଏହି ମର୍ମରେ ଦୁଇଟି ବିଷୟ ନିତାନ୍ତ ସତ୍ୟ; ଗୋଟିଏ ହେଉଛି କିଛି ଜ୍ଞାନ ଯାହା କୌଣସି ଏକ ସମୟରେ ବିକାଶ ଲାଭ କରିଛି ମାତ୍ର ପରବର୍ତ୍ତୀ ସମୟରେ କୌଣସି ଏକ କାରଣରୁ ନୂତନକୁ ଜନ୍ମଦେଇ, ତାର ଅବଲୁପ୍ତି ଘଟିଥାଇପାରେ। ଅନ୍ୟ ଏକ ବିଷୟ ହେଉଛି, ହୁଏତ କୌଣସି ପାରମ୍ପରିକ ଜ୍ଞାନ ଯାହା ଆଜି ପ୍ରଚଳିତ ଅଛି ତାହା ଆଧୁନିକ ଜ୍ଞାନ ଭଣ୍ଡାରକୁ ଆହୁରି ପରିବର୍ଦ୍ଧିତ କରିବାରେ ସାହାଯ୍ୟ କରିପାରେ। ତେବେ ଏହି ଦୁଇଟି ବିଷୟ ଯେମିତି ଭାରତ ପାଇଁ ସତ୍ୟ, ସେହିପରି ସମସ୍ତ ରାଷ୍ଟ୍ର ପାଇଁ ମଧ୍ୟ ସତ୍ୟ । ତେବେ ଏହି ଭଳି ଅବଲୁପ୍ତ ଜ୍ଞାନ ହେଉ ବା ପ୍ରଚଳିତ ପାରମ୍ପରିକ ଜ୍ଞାନ ହେଉ ତାହାକୁ ଆଧୁନିକ ଜ୍ଞାନ ଭଣ୍ଡାରରେ ଯୋଡିବାକୁ ହେଲେ ବିଜ୍ଞାନସମ୍ମତ ପ୍ରକ୍ରିୟାରେ ପ୍ରମାଣ ଓ ପ୍ରାସଙ୍ଗିକତା ସହ ଉପସ୍ଥାପନ କରିବାକୁ ହେବ । କାଳ୍ପନିକ

କାହାଣୀକୁ ସତ୍ୟ ବୋଲି ଉପସ୍ଥାପିତ କରିବାର ଉଦ୍ୟମ କଲେ ବିଶ୍ୱ ଦରବାରରେ ଉପହାସିତ ହେବାକୁ ପଡିବ । ଏବଂ ଏହା ସମାଜରେ ଉଗ୍ର ଓ ଅନ୍ଧ ରୁଢିବାଦୀ ଚିନ୍ତା ସୃଷ୍ଟି କରି ଜ୍ଞାନର ବିକାଶ ପ୍ରକ୍ରିୟାକୁ ବିପଥଗାମୀ କରିବ।

## ଇତିହାସ ଏବଂ କଳ୍ପନାପ୍ରସୂତ ବିଶ୍ୱାସ ସମ୍ପୂର୍ଣ୍ଣ ବିପରୀତ

ବର୍ତ୍ତମାନ ଆମେ ଲକ୍ଷ୍ୟ କରୁଛନ୍ତି କଳ୍ପନାପ୍ରସୂତ ବିଶ୍ୱାସ ଏବଂ ଇତିହାସକୁ ମିଶାଇବାର ଚେଷ୍ଟା ଚାଲିଛି ଏବଂ ଏହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି । ଯଦି ଦୁଇଟିକୁ ଅଲଗା ଅଲଗା ବା ସ୍ୱାଧୀନ ଭାବରେ ବିଚାର କରାଯାଏ ତାହେଲେ ଅସୁବିଧା କିଛି ନାହିଁ । ମାତ୍ର କଳ୍ପନାପ୍ରସୂତ ବିଶ୍ୱାସକୁ ଇତିହାସ କଥା କହି ଜନସାଧାରଣଙ୍କ ଭିତରେ ବହୁ ବିଭ୍ରାନ୍ତି ସୃଷ୍ଟି କରାଯାଉଛି । ଯଦି କଳ୍ପନାପ୍ରସୂତ ବିଶ୍ୱାସ ଏବଂ ଇତିହାସକୁ ବିଚାର କରିବା ତେବେ ଉଭୟଙ୍କର ପରିସର, ଜାଣିବାର ପଦ୍ଧତି ଏବଂ Formulation ବା ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଅଲଗା ।

ଇତିହାସ କ'ଣ ଏବଂ କିପରି ପ୍ରସ୍ତୁତ କରାଯାଏ ? ଇତିହାସ କହିଲେ ଅତୀତର କିଛି ଘଟଣାବଳୀ, ଦିନ, ତାରିଖ, ନାମଗୁଡିକର ସମାହାରକୁ ବୁଝାଏ ନାହିଁ । ଇତିହାସ କହିଲେ ମାନବ ସମାଜର ବିକାଶ ଧାରା; ତାହା ସମାଜନୀତି ଠାରୁ ଆରମ୍ଭ କରି ଅର୍ଥନୀତି, ସଂସ୍କୃତି ଇତ୍ୟାଦିର ଏକ ବିଜ୍ଞାନସମ୍ମତ ବିଶ୍ଳେଷଣକୁ ବୁଝାଏ । ବିଶେଷକରି ଆଧୁନିକ ବିଜ୍ଞାନ ଗଢିଉଠିବା ସହ ଚିନ୍ତାର ବିକାଶ ହେବା ଭିତର ଦେଇ ମଣିଷ ଇତିହାସକୁ ଜାଣିବାକୁ ଚେଷ୍ଟା କରିଛି । ଅନ୍ୟପଟରେ ଇତିହାସ ଲେଖିବା ପ୍ରଣାଳୀ (Historiography) ମଧ୍ୟ ଏକ ବିଜ୍ଞାନ । କାରଣ ଅତୀତରେ ଘଟିଥିବା ଘଟଣା ସଂପର୍କରେ ଜାଣିବାକୁ ହେଲେ ଜଣେ ବିଜ୍ଞାନସମ୍ମତ ପ୍ରକ୍ରିୟା ଅନୁଶୀଳନ କରିବାକୁ ବାଧ୍ୟ । ଏଥିପାଇଁ କାହାରି ମନଗଢା ଧାରଣା ଉପରେ ନିର୍ଭର କରାଯାଇ ପାରେନା । ବିଜ୍ଞାନ ସର୍ବଦା ପ୍ରମାଣ ଉପରେ ନିର୍ଭରଶୀଳ । ଇତିହାସରେ ଏହି ପ୍ରମାଣ ଦୁଇ ଧରଣର - ପୁରୁଣା କୀର୍ତ୍ତିରାଜି (Monument) ଓ ନଥିପତ୍ର (Document) ଯାହାକି ଜୀବନ୍ତ ସତ୍ୟକୁ ତୋଳିଧରିଥାଏ । ପ୍ରତ୍ନତାତ୍ତ୍ୱିକ ଖନନ ଫଳରେ ମିଳିଥିବା ବସ୍ତୁ ବା ପଦାର୍ଥ ଯଥା ମନ୍ଦିର, ଘର, ମାଟିହାଣ୍ଡି, ଅସ୍ତ୍ରଶସ୍ତ୍ର, ହାତ-ହତିଆର ବା ତାର ଅବଶେଷାଂଶକୁ ପୁରୁଣା କୀର୍ତ୍ତିରାଜି କୁହାଯାଏ । ସେହିପରି ଲିଖିତ ବସ୍ତୁ ବା ପଦାର୍ଥ ଯଥା ସାହିତ୍ୟ, ମୁଦ୍ରା ଏପରିକି ଆୟବ୍ୟୟର

ହିସାବକୁ ନଥିପତ୍ର କୁହାଯାଏ । ଅତୀତର ବିଭିନ୍ନ ଘଟଣାବଳୀକୁ ଏହି ପୁରୁଣା କୀର୍ତ୍ତିରାଜି ଓ ନଥିପତ୍ର ଆଧାରରେ ସଂଯୋଜିତ କରିବା ଏବଂ ଆଧୁନିକ ଜ୍ଞାନ ବିଜ୍ଞାନ ସାହାଯ୍ୟରେ ଭାଷା ଏବଂ ଜିନ୍ ମାପିଙ୍ଗକୁ ଅନୁଧ୍ୟାନ କରି ଐତିହାସିକମାନେ ଆବେଗମୁକ୍ତ ମନନେଇ ବୈଜ୍ଞାନିକ ଦୃଷ୍ଟିଭଙ୍ଗିରେ ଇତିହାସ ରଚନା କରନ୍ତି । ସେ ତଥ୍ୟ ଗୋଟାଏ ହୋଇପାରେ, ଏକାଧିକ ହୋଇପାରେ । ପ୍ରମାଣ ପାଇଁ ଯେଉଁ ତଥ୍ୟ ଦରକାର ତାହା ମଧ୍ୟ ସ୍ଥାନ (Space) ଏବଂ କାଳ (time) ଉପରେ ନିର୍ଭର କରେ ।

ମାତ୍ର କଳ୍ପନାପ୍ରସୂତ ବିଶ୍ୱାସ କ'ଣ ? କଳ୍ପନାପ୍ରସୂତ ବିଶ୍ୱାସ ହେଉଛି ବ୍ୟକ୍ତି ମନୀଷାର ଉପଲବ୍ଧି । ଅର୍ଥାତ୍ ଜଣେ ବ୍ୟକ୍ତିର ମସ୍ତିଷ୍କ ପ୍ରସୂତ ଚିନ୍ତା ଭାବନା । ଏହା ସହିତ ତଥ୍ୟ, ପ୍ରମାଣ, ଗବେଷଣାର କୌଣସି ଆବଶ୍ୟକତା ନାହିଁ । ଉଦାହରଣସ୍ୱରୂପ, ଗଣେଶଙ୍କୁ ଭଗବାନ ବୋଲି ବିଶ୍ୱାସ କରି ଆମେ ପୂଜା କରୁଛନ୍ତି । ମଣିଷ ଦେହରେ ହାତୀ ମୁଣ୍ଡ ଲାଗିବା ସମ୍ପୂର୍ଣ୍ଣ ଅସମ୍ଭବ ବୋଲି ଆମେ ଜାଣନ୍ତି ମାତ୍ର କେବେ ବି ପ୍ରଶ୍ନ କରିଛନ୍ତି କି ? ପ୍ରଶ୍ନ କଲେ ବି, ଏହା କେବଳ ବିଶ୍ୱାସ, ଏହାର ଅସ୍ତିତ୍ୱ ଅସମ୍ଭବ । ଏହା କଦାପି ଇତିହାସର ବିଷୟବସ୍ତୁ ହୋଇପାରେନା । ମାତ୍ର ଗତ କିଛି ବର୍ଷ ହେବ ବିଶେଷକରି ବିଜେପି କେନ୍ଦ୍ରରେ କ୍ଷମତାକୁ ଆସିବା ପରେ ବିଜେପି ଏହିଭଳି କଳ୍ପନାପ୍ରସୂତ ବିଶ୍ୱାସ, ଲୋକକଥା, ଉପକଥା, ପରି ରାଇଜର କଥାକୁ ଇତିହାସ କହି ପାଠ୍ୟପୁସ୍ତକରେ ଭର୍ତ୍ତି କରିବାକୁ ଚେଷ୍ଟା କରୁଛି । ପୁନଃଲିଖନ କରିବା ଭିତର ଦେଇ ଇତିହାସର ବିକୃତିକରଣ କରୁଛି ।

## ୟୁଜିସି ଦ୍ୱାରା ପ୍ରସ୍ତୁତ ଖସଡ଼ା
## ଇତିହାସକୁ କଳ୍ପନାପ୍ରସୂତ ବିଶ୍ୱାସ ସହିତ ମିଶାଇବାର ପ୍ରଚେଷ୍ଟା

ୟୁଜିସି ପକ୍ଷରୁ ବିଏ ଇତିହାସ ପାଠ୍ୟକ୍ରମ ଖସଡ଼ା ପ୍ରସ୍ତୁତ କରାଯାଇ ବିତରଣ କରାଯାଇଛି । ଯାହାକି ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି । କାରଣ ଏପର୍ଯ୍ୟନ୍ତ ଆମେ ଜାଣିଥିଲେ ଶିକ୍ଷାନୁଷ୍ଠାନ ବିଶେଷକରି ବିଶ୍ୱବିଦ୍ୟାଳୟ ଗୁଡ଼ିକର ମାନ ଯାଞ୍ଚ କରି ସେମାନଙ୍କୁ ନିସର୍ତ୍ତ ଅନୁଦାନ ପ୍ରଦାନ କରିବାର କାମ ହେଉଛି ୟୁଜିସିର । ମାତ୍ର ୟୁଜିସି ନିସର୍ତ୍ତ ଅନୁଦାନ ପ୍ରଦାନରୁ କ୍ରମାଗତଭାବେ ଓହରି ଯାଇ ବର୍ତ୍ତମାନ ଶିକ୍ଷା ବିରୋଧି ସରକାରୀ ନିର୍ଦ୍ଦେଶନାମା ଜାରି କରିବା ଓ ଏହାକୁ କାର୍ଯ୍ୟକାରୀ

କରିବାର ଏକ ସରକାରୀ ପ୍ରଶାସନିକ ପ୍ରତିଷ୍ଠାନରେ ପରିଣତ ହୋଇଛି । ଯାହା ଫଳରେ ୟୁଜିସି ସଂପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଏକତରଫା ଭାବେ ଏକ ପାଠ୍ୟଖସଡ଼ା ପ୍ରସ୍ତୁତ କରି ଶିକ୍ଷାନୁଷ୍ଠାନମାନଙ୍କ ଉପରେ ଲଦିଦେଇ ସେମାନଙ୍କର ସ୍ୱାୟତ୍ତତାକୁ ହରଣ କରୁଛି । ଅନ୍ୟପଟେ ଏହି ପାଠ୍ୟଖସଡ଼ାରେ ପ୍ରାଚୀନ ଭାରତର ଅତୀତକୁ ଅତିରଂଜିତ କରି ଗୁରୁତ୍ୱ ଦିଆଯିବା ସହ ବିଜ୍ଞାନସମ୍ମତ ପ୍ରକ୍ରିୟାରେ ଇତିହାସ ଅଧ୍ୟୟନକୁ ଧ୍ୱଂସ କରାଯାଇ ଇତିହାସର ମୌଖିକ ଉତ୍ସଗୁଡ଼ିକ ଉପରେ ଆସ୍ଥା ପ୍ରକଟ କରାଯାଇଛି । ଏଣୁ ମୋଦି ସରକାରର ପ୍ରରୋଚନାରେ ଭାରତର ଇତିହାସକୁ ଗୈରିକୀକରଣ ଓ ସାମ୍ପ୍ରଦାୟୀକରଣ କରିବାପାଇଁ ୟୁଜିସି ଏହି ପଦକ୍ଷେପ ନେଇଛି । ସାରା ବିଶ୍ୱରେ ବିଶ୍ୱବିଦ୍ୟାଳୟମାନେ ବିଜ୍ଞାନ ଆଧାରିତ ତଥ୍ୟ ଓ ପରୀକ୍ଷିତ ଘଟଣାକୁ ଭିତ୍ତିକରି ଇତିହାସକୁ ଅଧ୍ୟୟନ ତଥା ଚର୍ଚ୍ଚା କରୁଛନ୍ତି । ଯେତେବେଳେ କ୍ଷମତାସୀନ ଦଳ ଇତିହାସ ପାଠ୍ୟକ୍ରମ ଜରିଆରେ ପ୍ରଚଳିତ ଶୋଷଣମୂଳକ ସମାଜ ବ୍ୟବସ୍ଥାକୁ ଦୀର୍ଘାୟିତ କରିବା ଉଦ୍ଦେଶ୍ୟରେ ପ୍ରତିକ୍ରିୟାଶୀଳ ଚିନ୍ତା ପ୍ରଚାର କରେ ଏବଂ ବିଶ୍ୱବିଦ୍ୟାଳୟକୁ ସାମ୍ପ୍ରଦାୟିକ ଚିନ୍ତାଧାରା ପ୍ରସାରର ଏକ ମଞ୍ଚରେ ପରିଣତ କରେ ତାହା ସଭ୍ୟତାର ଅଗ୍ରଗତିକୁ କଣ୍ଠରୋଧ କରିଥାଏ । ଅତୀତର ସମସ୍ତ ଫାଶିବାଦୀ ଶକ୍ତିମାନଙ୍କ ଭଳି ସଂଘ ପରିବାର ଓ ବିଜେପି ମିଳିତ ଭାବେ ବିଜ୍ଞାନଭିତ୍ତିକ ଜ୍ଞାନ, ମାନବିକତା, ଜନସାଧାରଣଙ୍କ ଏକତା ଏବଂ ଦେଶର ପ୍ରଗତି ପ୍ରଭୃତି ଉପରେ ଆକ୍ରମଣ ନେଇ ଆସିଛି । ଅତ୍ୟନ୍ତ ଦୁଃଖଦାୟକ ବିଷୟ ଯେ ନିଜର ବିଭେଦକାମୀ ଓ ସାମ୍ପ୍ରଦାୟିକ ମତବାଦକୁ ଔପଚାରିକଭାବେ ଇତିହାସ ପାଠ୍ୟକ୍ରମରେ ଭର୍ତ୍ତି କରିବା ପାଇଁ ବିଜେପି ସରକାର ଦେଶର ସମସ୍ତ ଗଣତାନ୍ତ୍ରିକ ଓ ସ୍ୱୟଂଚାଳିତ ସଂସ୍ଥାଗୁଡ଼ିକୁ ସମ୍ପୂର୍ଣ୍ଣଭାବେ ଧ୍ୱଂସ କରିବା ପାଇଁ ବଦ୍ଧପରିକର ହୋଇଛି । ତେବେ ଆସନ୍ତୁ ସିନ୍ଧୁ ସଭ୍ୟତା, ବୈଦିକ ସଭ୍ୟତା ବା ଆର୍ଯ୍ୟ ସଭ୍ୟତା ଏବଂ ସେମାନଙ୍କ ଭିତରେ କିଛି ସଂପର୍କ ଅଛି କି ନାହିଁ ଏସମସ୍ତ ଉପରେ ଐତିହାସିକମାନେ ଯାହା କହୁଛନ୍ତି ବିଚାର କରିବା ।

## ସିନ୍ଧୁ ସଭ୍ୟତା ଓ ବୈଦିକ ଯୁଗ

୧୯୨୨ ମସିହାରେ ରାଖାଲ ଦାସ ବନ୍ଦୋପାଧ୍ୟାୟଙ୍କ ଦ୍ୱାରା ମହେଞ୍ଜୋଦାରୋ ଆବିଷ୍କାର ଏବଂ ତା'ର ଦୁଇବର୍ଷ ପରେ ହରପ୍ପା ଆବିଷ୍କାର ହେବା ପରେ ସେ ସମସ୍ତ ଜାଗାରୁ ଭୂଖନନ କରି ଯେଉଁ ତଥ୍ୟ ପ୍ରମାଣ ମିଳିଥିଲା, ଐତିହାସିକମାନେ

ଏହି ସିଦ୍ଧାନ୍ତରେ ପହଁଞ୍ଚିଥିଲେ ଯେ ଏହି ସଭ୍ୟତା ହେଉଛି ପ୍ରାକ୍ ବୈଦିକ ଏବଂ ଏହା ହେଉଛି ସିନ୍ଧୁ ସଭ୍ୟତା ବା ମହେଞ୍ଜୋଦାରୋ-ହରପ୍ପା ସଭ୍ୟତା । ହରପ୍ପା, ମହେଞ୍ଜୋଦାରୋ ସହିତ, ପଶ୍ଚିମ ଭାରତ ଓ ପାକିସ୍ତାନର ଛୋଟବଡ ଶତାଧିକ ସ୍ଥାନ ଖନନ କରାଯାଇ ଅତି ପ୍ରାଚୀନ ସଭ୍ୟତାର ଅବଶେଷାଂଶ ମିଳିଛି । ସେଥିରୁ ଜଣାଯାଏ ଏହି ସିନ୍ଧୁ ସଭ୍ୟତା ଲୌହ ଯୁଗ ଆସିବା ପୂର୍ବରୁ ତାମ୍ରଯୁଗର ସବୁଠାରୁ ଉନ୍ନତ ସଭ୍ୟତା । ଏହି ସବୁ ସ୍ଥାନରୁ ମିଳିଥିବା ପ୍ରତ୍ନତାତ୍ତ୍ୱିକ ଅବଶେଷାଂଶ (Artefacts) ଗୁଡିକର କାର୍ବନ ଡେଟିଂ (ଏହି ପଦ୍ଧତିରେ କାର୍ବନ-୧୪ ଆଇସୋଟୋପ ସାହାଯ୍ୟରେ ବିଭିନ୍ନ ବସ୍ତୁର ଜୀବନ କାଳ ନିର୍ଦ୍ଧାରିତ ହୁଏ) ରୁ ଜଣାଯାଏ ଯେ, ଏହି ସଭ୍ୟତାର ବ୍ୟାପ୍ତି ଖ୍ରୀ.ପୂ ୩୫୦୦ରୁ ଖ୍ରୀ.ପୂ ୧୮୦୦ ପର୍ଯ୍ୟନ୍ତ ଥିଲା । ସେହି ସମୟ ମଧ୍ୟରୁ ଖ୍ରୀ.ପୂ ୨୮୦୦ ରୁ ଖ୍ରୀ.ପୂ ୨୫୦୦ ମଧ୍ୟରେ ଏହି ସଭ୍ୟତାର ସର୍ବାଧିକ ଉନ୍ନତି ଘଟିଥିଲା । ହରପ୍ପା ଓ ମହେଞ୍ଜୋଦାରୋର ନଗରଗୁଡିକର ପରିକଳ୍ପନା ଦେଖି ପ୍ରତ୍ନତତ୍ତ୍ୱବିତ୍‌ମାନେ ବିଶେଷଭାବେ ବିସ୍ମିତ ହୋଇପଡିଥିଲେ । ୯ ରୁ ୩୪ ଫୁଟ ରାସ୍ତା,



*(ମହେଞ୍ଜୋଦାରୋର ନଗର - ଇଟାରେ ତିଆରି ଘର, ବିରାଟ ଶସ୍ୟାଗାର, ଯୌଥ ସ୍ନାନାଗାର)*

ବର୍ଗାକାର ଓ ଆୟତାକାର ଜମି ଉପରେ ଇଟାରେ ତିଆରି ଘର, ବିରାଟ ଶସ୍ୟାଗାର, ଯୌଥ ସ୍ନାନାଗାର (Public Bath), ରାସ୍ତାରେ ଆଲୋକ ବ୍ୟବସ୍ଥା (Street Light), ରାସ୍ତାର ଦୁଇପାର୍ଶ୍ୱରେ ଢଙ୍କା ନାଳ ଜରିଆରେ ଜଳ ନିଷ୍କାସନ ବ୍ୟବସ୍ଥା (Drainage system)-ଏହି ସବୁରୁ ଜଣାଯାଏ ଯେ ଏହି ସଭ୍ୟତାରେ ସିଭିଲ୍ ଇଞ୍ଜିନିୟରିଂ ଓ ସ୍ଥାପତ୍ୟ ବିଜ୍ଞାନ (Architecture) ଅନେକ ଦୂର ଅଗ୍ରଗତି ହୋଇଥିଲା । ଏଥି ସହିତ ଜଳସେଚନର ବ୍ୟବସ୍ଥା, ଡ୍ୟାମ୍(Dam), ପଥର କଟା ହୋଇ ତିଆରି ହୋଇଥିବା ପାଣିଟାଙ୍କି, ଗଡଖାଇ, ଘର ସହିତ ସଂଯୁକ୍ତ ସ୍ନାନାଗାର, ବହୁତଳ




(ମହେଞ୍ଜୋଦାରୋ-ହରପ୍ପା ସଭ୍ୟତା)

ପ୍ରସାଦ, ଥିବାର ପ୍ରମାଣ ମିଳିଛି । ଏହିସବୁ ସ୍ଥାପତ୍ୟ ବିଜ୍ଞାନ ତଥା ବିଶେଷ କରି ବର୍ଗାକାର, ଆୟତଘନାକାର (Rectangular Paralledepipeds) ଏବଂ ଆୟତାକାର ନିର୍ମାଣ ପାଇଁ ଜ୍ୟାମିତିକ ଜ୍ଞାନ ଆବଶ୍ୟକ ।

ଏହି ସଭ୍ୟତା ଥିଲା କୃଷିଭିତ୍ତିକ । କିନ୍ତୁ; ବୟନଶିଳ୍ପ, ମୃତ୍ତିକାଶିଳ୍ପ, ପିତ୍ତଳ ଓ ବ୍ରୋଞ୍ଜ ଜାତୀୟ ଧାତୁର ବ୍ୟବହାର କ୍ଷେତ୍ରରେ ବହୁତ ଅଗ୍ରଗତି ହୋଇଥିଲା । ଓଜନ ମାପିବା ପାଇଁ ନିକିତି ଓ ଦୈର୍ଘ୍ୟ ମାପିବା ପାଇଁ ସ୍କେଲର ବ୍ୟବହାର କରୁଥିଲେ । ଏହି ସ୍କେଲକୁ ୧୦ଟା ସମାନ ଭାଗରେ ବିଭକ୍ତ କରାଯାଇଥିଲା । ସିନ୍ଧୁ ସଭ୍ୟତାରେ ବ୍ୟବହୃତ ହେଉଥିବା ଇଟା ଗୁଡ଼ିକର ମାପର ଅନୁପାତ(୧:୨:୪) ପ୍ରତ୍ୟକ ସ୍ଥାନରେ ସମାନ ଥିଲା । ଏହି ସଭ୍ୟତାର ମୋହର ଗୁଡ଼ିକରେ ଅତି ଜଟିଳ ଜ୍ୟାମିତିକ ଅଙ୍କନର ପ୍ରମାଣ ମିଳେ । ଆହୁରି ମଧ୍ୟ ଏହି ସଭ୍ୟତାର ଲିଖିତ ଭାଷା ଥିବାର ବହୁ ପ୍ରମାଣ ବିଭିନ୍ନ ଫଳକରୁ ମିଳୁଛି ।

ପ୍ରତ୍ନତାତ୍ତ୍ୱିକ ପ୍ରମାଣ (Archaeological Evidence)ରୁ ଜଣାଯାଏ ପ୍ରାୟ ଖ୍ରୀ.ପୂ ୧୭୦୦ ବେଳକୁ ଏ ସଭ୍ୟତା ଧ୍ୱଂସ ପାଇଯାଇଥିଲା । ଏହି ସଭ୍ୟତା ଧ୍ୱଂସ ପାଇବାର ନିର୍ଦ୍ଦିଷ୍ଟ କାରଣ ଜଣା ନ ଥିଲେ ବି ଜଳବାୟୁର ପରିବର୍ତ୍ତନ, ଦୀର୍ଘ ଦିନ ଧରି ମରୁଡ଼ି ବା ବନ୍ୟା ଫଳରେ କୃଷି ଧ୍ୱଂସ ହେବା, ଜନସଂଖ୍ୟା ବୃଦ୍ଧି ଏବଂ କୃଷି ଉତ୍ପାଦନ କମିବା, ଘନ ଜନବସତି ଫଳରେ ପ୍ଲେଗ ଭଳି ସଂକ୍ରାମକ ରୋଗ ବ୍ୟାପିବା ଫଳରେ ସଭ୍ୟତା ଧ୍ୱଂସ ହୋଇଥିବାର ଅନୁମାନ କରାଯାଏ ।

ଏହି ସଭ୍ୟତାର ପରବର୍ତ୍ତୀ ବହୁ ବର୍ଷ ପର୍ଯ୍ୟନ୍ତ ଇଟାର ସନ୍ଧାନ ଭାରତ ଭୂଖଣ୍ଡରେ ମିଳୁ ନାହିଁ । ଏପରିକି ଉନ୍ନତ ନଗର ଭିତ୍ତିକ ବସତି ଦେଖିବାକୁ ମିଳୁନାହିଁ ଏବଂ ଭାରତର କୌଣସି ଭାଷା ସହିତ ସିନ୍ଧୁ ସଭ୍ୟତାର ଭାଷାର ମଧ୍ୟ ସାମଞ୍ଜସ୍ୟ ନାହିଁ । ସେଥିପାଇଁ ଏହି ଭାଷାକୁ ଏପର୍ଯ୍ୟନ୍ତ ପଢ଼ିବା ମଧ୍ୟ ସମ୍ଭବ ହୋଇନାହିଁ । ଅନ୍ୟପଟରେ ଆଉ ଗୋଟେ ସଭ୍ୟତାର ସନ୍ଧାନ ନଥିପତ୍ରରେ, ସାହିତ୍ୟରେ

ଦେଖିବାକୁ ମିଳୁଛି । ଭାଷାର କ୍ରମବିବର୍ତ୍ତନକୁ ଅଧ୍ୟୟନ କରି ଜଣାଯାଏ ଏହି ସଭ୍ୟତା ପ୍ରାୟ ଖ୍ରୀ.ପୂ ୧୫୦୦ ରୁ ଖ୍ରୀ.ପୂ ୬୦୦ ବୌଦ୍ଧ ଯୁଗର ଆରମ୍ଭ ପର୍ଯ୍ୟନ୍ତ (Budhist Era) ଏହା ବ୍ୟାପ୍ତ ଥିଲା । ଐତିହାସିକମାନେ ଏହି ୧୦୦୦ ବର୍ଷକୁ ବୈଦିକ ଯୁଗ ବୋଲି କହିଛନ୍ତି ।

**ବୈଦିକ ଯୁଗ (Vedic-Age)** :- ପ୍ରାୟ ଖ୍ରୀ.ପୂ ୨୫୦୦ ବେଳକୁ ମଧ୍ୟ ଏସିଆରୁ ଆର୍ଯ୍ୟ ଭାଷା କହୁଥିବା ଆଦିମ ଗୋଷ୍ଠୀ ପଶ୍ଚିମ ଏସିଆ ତଥା ୟୁରୋପର ବିଭିନ୍ନ ଅଞ୍ଚଳକୁ (Migrated) ଚାଲିଯାଇଥିଲେ । ସେମାନଙ୍କ ମଧ୍ୟରୁ ଏକ ବା ଏକାଧିକ ଆଦିମ ଗୋଷ୍ଠୀ ଖ୍ରୀ.ପୂ ୧୮୦୦ ରୁ ୧୫୦୦ ମଧ୍ୟରେ ଭାରତ ଭୂଖଣ୍ଡକୁ ଉତ୍ତର ପଶ୍ଚିମାଞ୍ଚଳରେ ପ୍ରବେଶ କରିଥିଲେ । ସେମାନେ ଯାଯାବର ଥିଲେ, ତାଙ୍କର କୌଣସି ଲିଖିତ ଭାଷା ନଥିଲା । ପ୍ରକୃତିର ଉପାସକ ଥିଲେ । ପଶୁପାଳନ ଥିଲା ସେମାନଙ୍କର ମୁଖ୍ୟ କାମ । ପଶୁମାନଙ୍କ ଭିତରେ ଘୋଡାର ଖୁବ ଆଦୃତି ଥିଲା । ସେମାନେ ଘୋଡାକୁ ବଶ କରି ଅଶ୍ୱାରୋହ କରିବାରେ ସିଦ୍ଧହସ୍ତ ଥିଲେ । ହରପ୍ପା, ମହେଞ୍ଜୋଦାରୋ ପରି ନଗରଭିତ୍ତିକ ସଭ୍ୟତା ସେମାନେ ସୃଷ୍ଟି କରି ନଥିଲେ । (ଖ୍ରୀ.ପୂ ୬୦୦ ପରେ ଆର୍ଯ୍ୟ ଭାଷାଭାଷୀ ଅଞ୍ଚଳରେ ସହର ଗଢିଉଠିଥିବା ଜଣାଯାଏ) । ବିଜ୍ଞାନ ଓ କାରିଗରୀ ବିଦ୍ୟା କ୍ଷେତ୍ରରେ ସେମାନେ ସିନ୍ଧୁସଭ୍ୟତା ତୁଳନାରେ ପଛରେ ଥିଲେ । ସେମାନେ ଦ୍ରାବିଡ (Non-Aryan)ଙ୍କ ବିରୁଦ୍ଧରେ ଯୁଦ୍ଧରେ ବିଜୟୀ ହୋଇ ଭାରତରେ ବସତି ସ୍ଥାପନ କରି ଧୀରେ ଧୀରେ ଏକ ସଭ୍ୟତାର ଜନ୍ମ ଦେଲେ ଯାହା ସାଂସ୍କୃତିକ ଦିଗରୁ ଖୁବ ସମୃଦ୍ଧ ହୋଇ ଗଢିଉଠିଲା । ଭାରତର ଇତିହାସରେ ଏହାର ସୁଦୂରପ୍ରସାରୀ ପ୍ରଭାବ ଥିଲା ।

ଏହି ସଭ୍ୟତାର ବୈଶିଷ୍ଟ୍ୟ ବିଷୟରେ ପରେ ଆଲୋଚନା କରିବା । ତେବେ ଆସନ୍ତୁ ଦେଖିବା ସିନ୍ଧୁ ସଭ୍ୟତା ବୈଦିକ ସଭ୍ୟତାର ଅଂଶ ବିଶେଷ ନୁହେଁ କାହିଁକି ?

## ସିନ୍ଧୁ ସଭ୍ୟତା ବୈଦିକ ସଭ୍ୟତାର ଅଂଶ ନୁହେଁ କାହିଁକି ?

ସିନ୍ଧୁ ସଭ୍ୟତା ବୈଦିକ ସଭ୍ୟତାର ଅଂଶ ବିଶେଷ ନୁହେଁ । ଏହାର ମୂଳତଃ ୪ଟି କାରଣ ରହିଛି । ପ୍ରଥମତଃ, ସିନ୍ଧୁ ସଭ୍ୟତାର ଗୃହଗୁଡିକ ପୋଡା ଇଟାରେ ତିଆରି । ଅଥଚ, ତାପରେ ହଜାର ହଜାର ବର୍ଷ ଧରି ଭାରତ ଭୂଖଣ୍ଡରେ କୌଣସି ଇଟା ତିଆରି ଘର ମିଳେ ନାହିଁ । ଅର୍ଥାତ ବୈଦିକ ଆର୍ଯ୍ୟମାନେ ମାଟିରୁ ପୋଡା

ଇଟା ତିଆରି ଜାଣି ନଥିଲେ । ଯଦି ସିନ୍ଧୁ ସଭ୍ୟତା ବୈଦିକ ସଭ୍ୟତାର ଅଂଶ ହୁଏ, ତାହାହେଲେ ଏପରି ଘଟିବା କଥା ନୁହେଁ ।

ଦ୍ୱିତୀୟତଃ, ବୈଦିକ ସାହିତ୍ୟରେ ପ୍ରଧାନ ପଶୁ ଥିଲା ଘୋଡା । ଅଥଚ, କୌଣସି ଭାରତୀୟ ଜଙ୍ଗଲରେ ବନ୍ୟ ଘୋଡା ଦେଖା ଯାଆନ୍ତି ନାହିଁ । ସିନ୍ଧୁ ସଭ୍ୟତାର ଶତାଧିକ କେନ୍ଦ୍ରରେ ଖନନ କାର୍ଯ୍ୟ କରାଯାଇ ପ୍ରଚୁର ପରିମାଣରେ ପୋଡାମାଟିର ସିଲ ମୋହର ମିଳିଛି । ସେଗୁଡିକରେ ବିଭିନ୍ନ ପଶୁମାନଙ୍କର ଚିତ୍ର ଅଙ୍କା ଯାଇଛି – ବାଘ, ଗଣ୍ଡା, ହାତୀ , ହରିଣ , ଘୁଷୁରି ଆଦି । ସବୁଠାରୁ ବେଶୀ ଅଛି ଷଣ୍ଢର ଚିତ୍ର, ଏପରିକି ଷଣ୍ଢ ଶରୀର ଓ ହରିଣର ମୁଣ୍ଡରେ ଗୋଟିଏ ଶିଙ୍ଗ ଥିବା ଏକ କାଳ୍ପନିକ ଜନ୍ତୁ ମଧ୍ୟ ରହିଛି । କିନ୍ତୁ କୌଣସି ଘୋଡାର ଚିତ୍ର ନାହିଁ । ତାହେଲେ କୁହାଯିବ, ଘୋଡା ଭାରତ ଭୂଖଣ୍ଡକୁ ପରବର୍ତ୍ତୀ ସମୟରେ ଆସିଛି । ବାଘର ଚିତ୍ର ସିନ୍ଧୁ ସଭ୍ୟତାର ସିଲ, ମୋହରମାନଙ୍କରୁ ମିଳୁଛି । ମାତ୍ର ବାଘର କୌଣସି ଉଲ୍ଲେଖ ରିକବେଦରେ ନାହିଁ ।



*ସିନ୍ଧୁ ସଭ୍ୟତାରୁ ମିଳିଥିବା ସିଲ ମୋହର*

ତୃତୀୟତଃ , ସିନ୍ଧୁ ସଭ୍ୟତାର ସିଲ ମୋହର ଗୁଡିକରୁ ଜଣାଯାଏ ଯେ , ସେମାନଙ୍କର ଲିଖିତ ଭାଷା ଥିଲା । ସେ ଲିପିକୁ ଏ ପର୍ଯ୍ୟନ୍ତ ପାଠ କରାଯାଇ ପାରିନାହିଁ । ଆଧୁନିକ କୌଣସି ଭାଷା ସହିତ ତାର ସାଦୃଶ୍ୟ ନାହିଁ । କିନ୍ତୁ ଲିଖିତ ଭାଷା ଯେ ଥିଲା ତାହା ନିଶ୍ଚିତ । ପୁଣି , ଆମେ ଜାଣୁ ଯେ , ବୈଦିକ ସଭ୍ୟତାର ପ୍ରଥମ ପର୍ଯ୍ୟାୟରେ ଲିଖିତ ଭାଷା ନଥିଲା । ବେଦର ଶ୍ଳୋକଗୁଡିକ ଶ୍ରୁତି ଓ ସ୍ମୃତି ମାଧ୍ୟମରେ ପ୍ରଚାର ଓ ସଂରକ୍ଷିତ ହୋଇଥିଲା । ଯଦି ସିନ୍ଧୁ ସଭ୍ୟତା ବୈଦିକ ସଭ୍ୟତାର ଅଂଶ ହୁଏ , ତେବେ ରକ ବେଦର ରଚୟିତା ମାନଙ୍କର ଲିଖିତ ଭାଷା ରହିବା କଥା । ତାହା ହୋଇ ନାହିଁ ।

ଚତୁର୍ଥତଃ, ସିନ୍ଧୁ ସଭ୍ୟତା ମୂଳତଃ ସହର ଭିତ୍ତିକ ଥିଲା । ମାତ୍ର ବୈଦିକ ସଭ୍ୟତା ଯାଯାବର ଭିତ୍ତିକ ଥିଲା । ବେଦ, ବେଦାନ୍ତ, ବେଦାଙ୍ଗ ଉପନିଷଦ, ପୁରାଣ ଏସବୁ ବୈଦିକ ସାହିତ୍ୟରେ କେଉଁଠି ହେଲେ ମଧ୍ୟ ସିନ୍ଧୁ ସଭ୍ୟତା ଭଳି ନଗର ଜୀବନର ବର୍ଣ୍ଣନା ମିଳେ ନାହିଁ । ପୋଡା ଇଟା ତିଆରି ଘର, ପକ୍କା ରାସ୍ତା, ଆବୃତ୍ତ ଜଳ ନିଷ୍କାସନ ନାଳ, ଏସବୁର ଉଲ୍ଲେଖ ବୈଦିକ ସାହିତ୍ୟରେ କେଉଁଠି ହେଲେ ନାହିଁ ।

ଏହି ଚାରିଟି ସୂତ୍ରକୁ ଭିତ୍ତି କରି ହିଁ, ଐତିହାସିକମାନେ ସିଦ୍ଧାନ୍ତରେ ପହଞ୍ଚିଥିଲେ ଯେ, ସିନ୍ଧୁ ସଭ୍ୟତା ଓ ବୈଦିକ ସଭ୍ୟତା ମଧ୍ୟରେ କୌଣସି ସାଂସ୍କୃତିକ ସଂଯୋଗ ଘଟିନାହିଁ । ଯେହେତୁ ବୈଦିକ ସଭ୍ୟତାର ସାଂସ୍କୃତିକ ଇତିହାସ ଅବିଚ୍ଛିନ୍ନ ଭାବରେ ମିଳିଥାଏ , ତେଣୁ ସିଦ୍ଧାନ୍ତ ହୋଇଥିଲା ସିନ୍ଧୁ ସଭ୍ୟତାର ଅବସାନ ପରେହିଁ ବୈଦିକ ସଭ୍ୟତାର ଆରମ୍ଭ । ପାକିସ୍ଥାନର ସ୍ୱାତ୍ ଉପତ୍ୟକାରୁ ଭାରତ ଭୁଖଣ୍ଡର ସର୍ବ ପ୍ରାଚୀନ ଘୋଡାର ଜୀବାଶ୍ମ ମିଳିବା ଓ ଇଣ୍ଡୋ-ଇରାନୀୟ ଭାଷା ଗୋଷ୍ଠୀର ବିବର୍ତ୍ତନ ଇତିହାସ ମଧ୍ୟ-ଏସିଆର ଷ୍ଟେପି ଅଞ୍ଚଳ ମନୁଷ୍ୟଙ୍କର ଭାରତ ଆଗମନ ଏହିପରି ସମୟ କାଳର ଦିଗ ନିର୍ଦ୍ଦେଶ କରେ ।

## ଇତିହାସ ପାଠ୍ୟକ୍ରମର ପରିବ ର୍ତ୍ତନ

ପାର୍ଲାମେଣ୍ଟାରୀ ଷ୍ଟାଣ୍ଡିଙ୍ଗ କମିଟି ଇତିହାସ ପାଠ୍ୟକ୍ରମ ପରିବର୍ତ୍ତନର କଥା କହୁଛି । ପୂର୍ବ ଆଲୋଚନାରେ ଆମେ ଦେଖିଛନ୍ତି ସମାଜ ବିକାଶର ବିଜ୍ଞାନସମ୍ମତ ବିଶ୍ଳେଷଣ ହେଉଛି ଇତିହାସ । ଯେ କୌଣସି ବିଷୟ ଜାଣିବାକୁ ହେଲେ ତାହା ସହିତ ଥିବା ସଂଯୋଜିତ ବିଷୟଗୁଡିକୁ ମଧ୍ୟ ଜାଣିବା ଆବଶ୍ୟକ । ବିଖଣ୍ଡିତ ଜ୍ଞାନ ସଂପୂର୍ଣ୍ଣ ଅବୈଜ୍ଞାନିକ । ଉଦାହରଣ ସ୍ୱରୂପ – ନିଉଟନଙ୍କ ତୃତୀୟ ନିୟମ ଜାଣିବାକୁ ହେଲେ ପ୍ରଥମ, ଦ୍ୱିତୀୟ ନିୟମ ନଜାଣି ୩ୟ ନିୟମ ଜାଣିବା ଅସମ୍ଭବ । ଅର୍ଥାତ ବସ୍ତୁର ଗତି ସଂପର୍କରେ ପୂର୍ଣ୍ଣାଙ୍ଗ ଜ୍ଞାନ ଅର୍ଜନ ପାଇଁ ନିଉଟନଙ୍କ ୩ଟି ନିୟମ ଜାଣିବାକୁ ପଡିବ ।

ଠିକ୍ ସେହିଭଳି ଭାରତର ଇତିହାସ କହିଲେ କେବଳ ବୈଦିକ ଯୁଗକୁ ବୁଝାଏ ନାହିଁ । ଏହା ସିନ୍ଧୁ ଠାରୁ ଆରମ୍ଭ କରି ବୈଦିକ, ମୋଗଲ, ଇଂରେଜ ଏବଂ

ଦକ୍ଷିଣ ଓ ପୂର୍ବ ଭାରତର ଇତିହାସକୁ ମଧ୍ୟ ବୁଝାଏ । ସମସ୍ତେ ପରସ୍ପର ସହିତ ସଂପର୍କଯୁକ୍ତ । କେହି ଯଦି କେବଳ ଗୋଟେ ଯୁଗର ଇତିହାସ ବିଚ୍ଛିନ୍ନଭାବେ ଅଧ୍ୟୟନ କରେ ତେବେ ତାହା ବିଖଣ୍ଡିତ ଜ୍ଞାନ ହେବ । ଆମେ ଜାଣିଛନ୍ତି ଆଶିଂକ ସତ୍ୟ, ପୂର୍ଣ୍ଣାଙ୍ଗ ସତ୍ୟ ଜାଣିବାରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ । ସେଥିପାଇଁ ଏକପାଖିଆ ସତ୍ୟ ଜାଣିଲେ ଉଗ୍ରତା, ଅବିଶ୍ୱାସ, ଧର୍ମାନ୍ଧତା ଗଢିତୋଳିବାର କ୍ଷେତ୍ର ପ୍ରସ୍ତୁତ କରିବ ।

ସର୍ବଜନସ୍ୱୀକୃତ ଭାରତ ଇତିହାସ କଥା ବିଚାର କରାଗଲା ବେଳେ ମୋଗଲ ଯୁଗର ଅବଦାନକୁ ଅସ୍ୱୀକାର କରାଯାଇ ପାରେନା । କଳା, ସଂସ୍କୃତି, ସ୍ଥାପତ୍ୟ, ସଂଗୀତ ଠାରୁ ଆରମ୍ଭ କରି ଶାସନ ନୀତି ପର୍ଯ୍ୟନ୍ତ ଏହି ଯୁଗର ଅବଦାନ ରହିଛି । ଇତିହାସ କହିଲେ କେବଳ ରାଜା ମହାରାଜାଙ୍କ କଥାକୁ ବୁଝାଏ ନାହିଁ । ସେ ସମୟରେ ସାଂସ୍କୃତିକ, ସାମାଜିକ, ଅର୍ଥନୈତିକ କ୍ଷେତ୍ରରେ ଗଢିଉଠିଥିବା ସାମଗ୍ରିକ ପରିମଣ୍ଡଳକୁ ବୁଝାଏ । ଅନ୍ୟପଟେ ଏହା ସର୍ବବିଦିତ ଯେ ରାଜତନ୍ତ୍ରର ଚରିତ୍ର ଏକ । ସେ ମୋଗଲ ରାଜା ହେଉ କି ରାଜପୁତ ରାଜା ହେଉ ସେମାନଙ୍କର ଚରିତ୍ର ଏକ । ଯୁଦ୍ଧ କରି ରାଜ୍ୟ ଦଖଲ କରିବା, ସମ୍ପଦ ଲୁଟ କରିବା ହେଉଛି ସମସ୍ତ ରାଜାଙ୍କ ଚରିତ୍ର । ଭୋଗ ବିଳାସ ଭିତରେ ବୁଡି ରହିବା, ପ୍ରଜାମାନଙ୍କୁ ଭୂମିଦାସକରି ଖଜଣା ଆଦାୟ କରିବା ହେଉଛି ସେମାନଙ୍କର ମୁଖ୍ୟ କାମ । ଧର୍ମ ସହିତ ସେମାନଙ୍କର କିଛି ଯାଏ ଆସେ ନାହିଁ । ବହୁ ହିନ୍ଦୁ ରାଜାଙ୍କ ସେନାପତି ମୁସଲିମ ଥିଲେ ଏବଂ ମୁସଲିମ ରାଜାଙ୍କ ସେନାପତି ମଧ୍ୟ ହିନ୍ଦୁ ଥିଲେ । ତେଣୁ ଧର୍ମ ଭିତ୍ତିରେ ଗୋଟିଏ ରାଜାକୁ ଛୋଟକରି ଆଉ ଗୋଟିଏ ରାଜାକୁ ବଡକରି ଦେଖାଇବାର କିଛି ଅର୍ଥ ନାହିଁ । ଏହା ଦ୍ୱାରା ଲୋକମାନଙ୍କ ସମ୍ମୁଖରେ ଭୁଲ ବାଖ୍ୟା ଉପସ୍ଥାପନ କରାଯାଇ ଜନଗଣଙ୍କୁ ବିଭ୍ରାନ୍ତ କରାଯାଏ । ଯାହାକି ଗଣତାନ୍ତ୍ରିକ, ବିଜ୍ଞାନସମ୍ମତ, ଧର୍ମନିରପେକ୍ଷ ଶିକ୍ଷାର ପରିପନ୍ଥୀ । ପିଲାମାନଙ୍କୁ ପାଠପଢାଇ ଭଲ ମଣିଷ କରିବା ଉଦ୍ଦେଶ୍ୟରେ ନୁହେଁ ବଂର କୋମଳମତି ଶିଶୁମାନଙ୍କ ମଧ୍ୟରେ ଧର୍ମୀୟ ବିଦ୍ୱେଷର ବିଶ ମଞ୍ଜି ଭର୍ତ୍ତି କରିବା ହେଉଛି ସେମାନଙ୍କର ଉଦ୍ଦେଶ୍ୟ ।

ପାର୍ଲାମେଣ୍ଟାରୀ ଷ୍ଟାଣ୍ଡିଙ୍ଗ କମିଟି ଫ୍ରାନ୍ସ ଏବଂ ଋଷ ବିପ୍ଳବ ମଧ୍ୟରୁ ଗୋଟେ ବିପ୍ଳବ ବିଷୟରେ ପଢିବା କଥା କହୁଛି । ଏହା ଜଣା ଫ୍ରାନ୍ସ ବିପ୍ଳବ; ୧୭୮୯ ମସିହାରେ ରାଜତାନ୍ତ୍ରିକ ବ୍ୟବସ୍ଥାକୁ ଉଚ୍ଛେଦକରି ଗଣତାନ୍ତ୍ରିକ ବ୍ୟବସ୍ଥା ବା ସାମ୍ୟ,

ମୈତ୍ରୀ, ସ୍ୱାଧୀନତା ପ୍ରତିଷ୍ଠା କରିବା ପାଇଁ ସଂଗଠିତ ହୋଇଥିଲା । ମାତ୍ର ତାର ୧୨୮ବର୍ଷ ପରେ ଋଷ ବିପ୍ଳବ ୧୯୧୭ମସିହାରେ ଜାରତନ୍ତ୍ର ବିରୁଦ୍ଧରେ ସମାଜତାନ୍ତ୍ରିକ ରାଷ୍ଟ୍ର ବ୍ୟବସ୍ଥା ପ୍ରତିଷ୍ଠା କରିବା ପାଇଁ ବିପ୍ଳବ ସଂଗଠିତ ହୋଇଥିଲା । ଦୁଇଟି ବିପ୍ଳବ ଏକା ନୁହେଁ । ଭିନ୍ନ ସାମାଜିକ ପୃଷ୍ଠଭୂମି ଏବଂ ଭିନ୍ନ ଉଦ୍ଦେଶ୍ୟରେ ସଂଗଠିତ ହୋଇଥିଲା । ଯାହାକୁ ଯୁଗାନ୍ତକାରୀ ବିପ୍ଳବ ବୋଲି କୁହାଯାଏ । ଆଶ୍ଚର୍ଯ୍ୟ ବିଷୟ ଦୁଇଟି ଭିତରୁ ଗୋଟେ କିପରି ପଢାଯିବ ? ଅସଲ ଉଦ୍ଦେଶ୍ୟ ହେଉଛି ସଂଘ ପରିବାର ଦୁଇଟି ବିପ୍ଳବକୁ ହିଁ ଗୁରୁତ୍ୱହୀନ କରିବାକୁ ଚାହେଁ । ଭାରତର ବୈଦିକ ଧାରା ହିଁ କେବଳ ସମସ୍ତ ମୁକ୍ତିର ଧାରା ବୋଲି ପ୍ରତିଷ୍ଠା କରିବାକୁ ଚାହେଁ । ସେହି ଧାରାବାହିକତାରେ ହିଁ ସମସ୍ତ ପାଠ୍ୟପୁସ୍ତକ ରଚନା କରାଯିବ । ସେଥିପାଇଁ ଶୋଷିତ ମଣିଷର ମୁକ୍ତିର ପଥପ୍ରଦର୍ଶକ ମହାନ କାର୍ଲ ମାର୍କ୍ସଙ୍କୁ ମଧ୍ୟ ବାଦ ଦେବାକୁ ଚାହେଁ । ଅସଲ ଉଦ୍ଦେଶ୍ୟ ହେଉଛି ଜନଗଣଙ୍କ ସବୁଠାରୁ ସାହସୀ ଅଂଶ, ଛାତ୍ର ଯୁବକମାନଙ୍କ ସଂଗ୍ରାମୀ ମନୋବଳ ଓ ତେଜକୁ ମାରି ଦେବା ପାଇଁ ଶାସକ ଶ୍ରେଣୀ ଛାତ୍ରଯୁବକ ମାନଙ୍କୁ ସଂଗ୍ରାମୀ ଇତିହାସରୁ ଦୂରେଇ ରଖିବାକୁ ଚାହାଁନ୍ତି ଯାହାକି ଶୋଷଣମୂଳକ ପୁଞ୍ଜିବାଦୀ ଅର୍ଥନୈତିକ ବ୍ୟବସ୍ଥାକୁ ହିଁ କେବଳ ସୁହାଇବ । ତେଣୁ ପୁଞ୍ଜିବାଦୀ ଅର୍ଥନୈତିକ ବ୍ୟବସ୍ଥା ସ୍ୱାର୍ଥରେ ସେମାନଙ୍କ ଏଜେଣ୍ଟ ହିସାବରେ ବିଭିନ୍ନ ରାଜନୈତିକ ଦଳ ସମେତ ସଂଘ ପରିବାର ଇତିହାସକୁ ବିକୃତ କରିବାକୁ ଚାହାଁନ୍ତି ।

## ବୈମାନିକ ଶାସ୍ତ୍ର

## ସଂପୂର୍ଣ୍ଣ ମନଗଢା ଚିନ୍ତା ଉପରେ ପର୍ଯ୍ୟବେସିତ

୨୦୧୫ ମସିହାରେ ଆୟୋଜିତ ବିଜ୍ଞାନ କଂଗ୍ରେସରେ କୁହାଯାଇଥିବା ବୈମାନିକ ଶାସ୍ତ୍ର ସଂପର୍କରେ ଗବେଷକମାନେ କେବଳ ବିଭିନ୍ନ ଉଦ୍ଭଟ ବିଷୟ ଉପସ୍ଥାପନ କରିଥିଲେ, ତା ନୁହେଁ; ନିଜର ଦାବିକୁ ସତ୍ୟ ପ୍ରମାଣିତ କରିବା ପାଇଁ ଉଦ୍ଦେଶ୍ୟମୂଳକ ଭାବରେ ମିଥ୍ୟା ଏବଂ ବିଭିନ୍ନ ଜାଲ ତଥ୍ୟର ସାହାଯ୍ୟ ନେଇଛନ୍ତି ।

ଉଦାହରଣ ସ୍ୱରୂପ କାଚ ଉଦ୍ଭାବନ ପୂର୍ବରୁ ଆଇନା ତିଆରି ହୋଇଛି ବୋଲି କହିବା ଯେପରି ଅବାନ୍ତର; ସେହିପରି ପୃଥିବୀର ଆବର୍ତ୍ତନ ଓ ବାର୍ଷିକ ଗତି, ଗ୍ରହ-ନକ୍ଷତ୍ରର କକ୍ଷ ପଥ ସମ୍ପର୍କରେ ସଠିକ ଧାରଣା, ମହାକର୍ଷଣ ବଳ ସମ୍ପର୍କିତ ଧାରଣା, ଲୁହାର ବ୍ୟବହାର, ଆଧୁନିକ ଯନ୍ତ୍ରପାତିର ଜ୍ଞାନକୌଶଳର

ବିକାଶ ପୂର୍ବରୁ 'ବିମାନ ତିଆରି' କରିବାର ଚିନ୍ତା ମଧ୍ୟ ଅବାନ୍ତର ।

ତାଛଡା ପ୍ରାୟ ୧୦୦୦ ବର୍ଷ ମଧ୍ୟରେ ରଚିତ ଶ୍ଳୋକଗୁଡିକରେ ମହର୍ଷି ଭରଦ୍ୱାଜ ଓ ଅଗସ୍ତ୍ୟ ମୁନିଙ୍କ ରଚନା ଦେଖିବାକୁ ମିଳେ । କ୍ୟାପଟେନ୍ ବୋଦାସ 'ବୈମାନିକ ଶାସ୍ତ୍ର' ୯୦୦୦ ବର୍ଷ ତଳର ବୋଲି ଦାବି କରିଛନ୍ତି । ଅପରନ୍ତୁ 'ବୈମାନିକ ଶାସ୍ତ୍ର'ର ଶ୍ଳୋକଗୁଡିକୁ ଲକ୍ଷ୍ୟ କଲେ ବୁଝାଯାଏ ଯେ, ତାହା ୧୯୦୪ ମସିହା ପରେ ଲିଖିତ ।

ବିଭିନ୍ନ ତଥ୍ୟ ପ୍ରମାଣରୁ ଜଣାପଡିଛି ଯେ, ମହର୍ଷି ଭରଦ୍ୱାଜ 'ବୈମାନିକ ଶାସ୍ତ୍ର'ର ରଚୟିତା ନୁହନ୍ତି; ପଣ୍ଡିତ ସୁବ୍ବାରୟା ଶାସ୍ତ୍ରୀ ଏହି ଗ୍ରନ୍ଥଟିକୁ ୧୯୨୩ ମସିହାରେ ଲେଖିଥିଲେ ଏବଂ ମହୀଶୂରସ୍ଥ 'ଇଣ୍ଟରନାସନାଲ ସାଂସ୍କ୍ରିଟ ଏକାଡେମୀ'ର ପ୍ରତିଷ୍ଠାତା ଏ.ଏମ୍ ଜୟସେର ତାହା ପ୍ରକାଶ କରିଥିଲେ । ୧୯୭୩ ମସିହାରେ ଗ୍ରନ୍ଥର ଇଂରାଜୀ ସଂସ୍କରଣରେ ବିମାନର  ନକ୍ସାଗୁଡିକ ସନ୍ନିବେସିତ ହୋଇଥିଲା । ଏହାକୁ ବେଙ୍ଗାଲୁରୁର ଏକ ଇଞ୍ଜିନିୟରିଂ କଲେଜର ଡ୍ରାପଟ୍ସମ୍ୟାନ ଏଲାପ୍ପା ପ୍ରସ୍ତୁତ କରିଥିଲେ ।

ବେଙ୍ଗାଲୁରୁସ୍ଥ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସର ଏରୋନେଟିକାଲ ଇଞ୍ଜିନିୟରିଂ ବିଭାଗର ପାଞ୍ଚ ଜଣ ବୈଜ୍ଞାନିକ ପ୍ରଫେସର ଏଚ୍.ଏସ୍ ମୁକୁନ୍ଦ, ଏସ୍.ଏମ୍ ଦେଶପାଣ୍ଡେ, ଏଚ୍.ଆର ନଗେନ୍ଦ୍ର, ଏ.ପ୍ରଭୁ ଏବଂ ଏସ୍.ପି ଗୋବିନ୍ଦରାଜ ୧୯୭୪ ମସିହାରେ 'କ୍ରିଟିକାଲ ଷ୍ଟଡି ଅଫ୍ ଦି ୱାର୍କ ବୈମାନିକ ଶାସ୍ତ୍ର' ଜରିଆରେ ଏହି ଗ୍ରନ୍ଥର ଅସାରତା ପ୍ରମାଣ କରିଥିଲେ । ସେମାନେ ଦେଖାଇଥିଲେ ଯେ, ନିଉଟନଙ୍କ ଗତିସୂତ୍ର, ଏରୋ ଡାଇନାମିକ୍ସ ସହ ବିଜ୍ଞାନର କୌଣସି ନିୟମ ମାନି ଏହି ବିମାନଗୁଡିକର ଉଡିବା ସମ୍ଭବ ନୁହେଁ । କେବଳ ଖାଲି ସମ୍ଭବ ନୁହେଁ, ତାହା ଦ୍ୱାରା ଗୋଟେ ଖେଳନା ବିମାନ ମଧ୍ୟ ତିଆରି କରିବା ସଂପୂର୍ଣ୍ଣ ଅସମ୍ଭବ । ଏତଦ୍‌ସତ୍ତ୍ୱେ ମଧ୍ୟ ସରକାରଙ୍କ ପକ୍ଷରୁ ଏହା ଉପରେ ଆହୁରି ଜୋରଦେଇ ଗବେଷଣା କରିବାକୁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଏବଂ ପ୍ରୟାସ ଚାଲିଛି ।

## ଜ୍ୟୋତିଷ ଶାସ୍ତ୍ର ନା ବୈଦିକ ନା ବିଜ୍ଞାନ କାହିଁକି ?

କିଛି ଦିନ ତଳେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ବିଶ୍ୱ ବିଦ୍ୟାଳୟମାନଙ୍କରେ ଜ୍ୟୋତିଷ ଶାସ୍ତ୍ର, ପୁରୋହିତ ବିଦ୍ୟା, ବାସ୍ତୁ ଶାସ୍ତ୍ର ଉପରେ କୋର୍ସ ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଠି ଉଲ୍ଲେଖଯୋଗ୍ୟ ଏହିଭଳି ପ୍ରଚେଷ୍ଟା

୨୦୦୧ ବର୍ଷରେ ମଧ୍ୟ ହୋଇଥିଲା । ମାତ୍ର ବ୍ୟାପକ ବିରୋଧ ଫଳରେ ସେମାନେ ସଫଳ ହୋଇପାରି ନଥିଲେ । ଜାତୀୟ ଶିକ୍ଷାନୀତି ୨୦୨୦କୁ କାର୍ଯ୍ୟକାରୀ କରିବା ଭିତର ଦେଇ ପୁଣିଥରେ ସରକାରଙ୍କ ପକ୍ଷରୁ ପ୍ରଚେଷ୍ଟା ଆରମ୍ଭ ହୋଇଛି । ଜ୍ୟୋତିଷ ଶାସ୍ତ୍ର ଉପରେ ଦୁଇବର୍ଷିଆ MA କୋର୍ସ ୨୦୨୨ରୁ ଲାଗୁ କରିବାକୁ IGNOU ନିଷ୍ପତ୍ତି ନେଇଛି । ସେହିଭଳି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (BHU), IIT ଇନ୍ଦୋର ଭଳି ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗୁଡ଼ିକ ମଧ୍ୟ Astrology ଉପରେ କୋର୍ସ ଖୋଲିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ସେଥିପାଇଁ କୋର୍ସ ମଧ୍ୟ ସ୍ଥିର କରାଯାଇଛି ।

ସାଧାରଣତଃ ଜ୍ୟୋତିଷ ଶାସ୍ତ୍ର ଏବଂ ଜ୍ୟୋତିର୍ବିଜ୍ଞାନ (Astronomy) ମଧ୍ୟରେ ଗୋଟେ ଦ୍ୱନ୍ଦ ଦେଖାଯାଏ । କିଏ କିଏ ଜ୍ୟୋତିର୍ବିଜ୍ଞାନ ସହିତ ଜ୍ୟୋତିଷ ଶାସ୍ତ୍ରକୁ ମିଶାଇ ଦିଅନ୍ତି । କିନ୍ତୁ ଏହା ପରସ୍ପର ସଂପୂର୍ଣ୍ଣ ଅଲଗା । ଅକ୍ସଫୋର୍ଡ ଡିକ୍ସିନାରୀ ଅନୁଯାୟୀ ଜ୍ୟୋତିଷ ଶାସ୍ତ୍ରର ଅର୍ଥ ହେଉଛି "ମଣିଷ ଉପରେ ଗ୍ରହ ନକ୍ଷତ୍ରର ପ୍ରଭାବ ସମ୍ପର୍କରେ ଅଧ୍ୟୟନ" । ମାତ୍ର ଜ୍ୟୋତିର୍ବିଜ୍ଞାନ ମଣିଷ ଉପରେ ଗ୍ରହ ନକ୍ଷତ୍ରମାନଙ୍କର ପ୍ରଭାବ କଥା କୁହେ ନାହିଁ । ଗ୍ରହ ନକ୍ଷତ୍ର ଏବଂ ମହାଜାଗତିକ ବସ୍ତୁ (celestial bodies) ସମ୍ବନ୍ଧୀୟ ଗବେଷଣା ହେଉଛି ଜ୍ୟୋର୍ତିବିଜ୍ଞାନ । ପ୍ରାଚୀନ କାଳରେ ମଣିଷ ସୂର୍ଯ୍ୟ, ଚନ୍ଦ୍ର, ତାରାମାନଙ୍କୁ ଦେଖିବା ସହ ସେମାନଙ୍କ ସମ୍ବନ୍ଧରେ ଜାଣିବାକୁ ଚେଷ୍ଟା କରିଥିଲା କୌତୁହଳରେ ନୁହେଁ ବରଂ ଆବଶ୍ୟକତାକୁ ଭିତ୍ତିକରି ଅର୍ଥାତ୍ ଦିଗ ନିର୍ଦ୍ଧାରଣ କରିବା ସହ ସମୟ ବିଷୟରେ ଜାଣିବା ପାଇଁ । ଯାହାଦ୍ୱାରା ବର୍ଷା ଋତୁ, ଶୀତ ଋତୁ ଏବଂ ଗ୍ରୀଷ୍ମ ଋତୁର ସମୟ ନିର୍ଦ୍ଧାରଣ କରାଯାଇ ପାରିବ, ସେହି ଅନୁଯାଇ ଚାଷବାସ ହୋଇପାରିବ । ବର୍ଷ ବର୍ଷ ତାରାମାନଙ୍କୁ ଦେଖିବା ଭିତର ଦେଇ ସେଦିନ ମଣିଷ ଦିନ, ମାସ, ବର୍ଷ, କ୍ୟାଲେଣ୍ଡର ଗଢଣ କରିବା ସହ ଏପରିକି ଚନ୍ଦ୍ର ଗ୍ରହଣ, ସୂର୍ଯ୍ୟ ପରାଗ ବିଷୟରେ ମଧ୍ୟ ଗଣନା କରିବାରେ ସକ୍ଷମ ହୋଇଥିଲା । ଏହିଭଳି ଅଗ୍ରଗତି ମଧ୍ୟ ବେବିଲୋନ୍, ଚିନ ସଭ୍ୟତାରେ ଦେଖିବାକୁ ମିଳେ । ମାତ୍ର ଏତଦ୍‌ସତ୍ତ୍ୱେ ସେଦିନ ଗ୍ରହ ନକ୍ଷତ୍ର ତାରା ମାନଙ୍କ ବିଷୟରେ ବିଜ୍ଞାନସମ୍ମତ ଧାରଣା ନଥିଲା । କାଳକ୍ରମେ ବିଜ୍ଞାନସମ୍ମତ ଧାରଣାର ଅନୁପସ୍ଥିତି ଯୋଗୁଁ ବିଭିନ୍ନ କାଳ୍ପନିକ, ରହସ୍ୟବାଦୀ ଚିନ୍ତା ଦେଇ ମନଗଢା ପୁରାଣକଥାକୁ ଜନ୍ମ ଦେଇଥିଲା । ତେବେ ଆସନ୍ତୁ ଦେଖିବା ଏହା କାହିଁକି ବୈଦିକ ନୁହେଁ ?

ପ୍ରଥମତଃ କୌଣସି ବୈଦିକ ଗ୍ରନ୍ଥରେ ଗ୍ରହମାନଙ୍କର ଚଳନ ଏବଂ ମଣିଷ

ଉପରେ ତାହାର ପ୍ରଭାବ ସଂପର୍କରେ ଉଲ୍ଲେଖ ନାହିଁ । ସପ୍ତାହକ ୭ଦିନର ଧାରଣା ମଧ୍ୟ ଗ୍ରୀକ୍ ଆରବ ଦେଇ ଭାରତ ଭୂଖଣ୍ଡକୁ ଆସିଛି । ସୂର୍ଯ୍ୟ, ଚନ୍ଦ୍ରକୁ ମିଶାଇ ଗ୍ରହମାନଙ୍କର ଧାରଣା ସୃଷ୍ଟି ହୋଇଛି । ଦ୍ୱିତୀୟତଃ ଜ୍ୟୋତିଷ ଶାସ୍ତ୍ର ଉପରେ ପ୍ରାଚୀନ ଗ୍ରନ୍ଥକୁ ବିଚାର କଲେ ସର୍ବପୁରାତନ ଗ୍ରନ୍ଥ ହେଉଛି 'ବେଦାଙ୍ଗ ଜ୍ୟୋତିଷ' । ଯାହାକି ଜ୍ୟାମିତି, ତ୍ରିଗୋନୋମେଟ୍ରି ଏବଂ ଜ୍ୟୋର୍ତିବିଜ୍ଞାନ ଉପରେ ପର୍ଯ୍ୟବେଶିତ ଥିଲା । ବୈଜ୍ଞାନିକ ଚିନ୍ତା ଚେତନାର ଅଭାବ ଫଳରେ ସ୍ୱଭାବିକଭାବେ ଗ୍ରହ ନକ୍ଷତ୍ରର ଗତିବିଧି ସହିତ ବହୁକିଛି ମନଗଢା, କାଳ୍ପନିକ କଥା ମଧ୍ୟ ସାମିଲ ଥିଲା । ଏତଦସତ୍ତ୍ୱେ ମଧ୍ୟ ସେଦିନ କିନ୍ତୁ ଆଜି ଭଳି ଜାତକ, ପାଞ୍ଜି, ରାଶି ଦେଖି ମଣିଷ ଭବିଷ୍ୟତ ଆକଳନ କରିବା ଏବଂ ଗ୍ରହ ନକ୍ଷତ୍ରର ଅବସ୍ଥାନ ଅନୁଯାୟୀ ତାର ପ୍ରଭାବ ମଣିଷର ଚାଲିଚଳନ, ବ୍ୟବସାୟ ବାଣିଜ୍ୟ, ଚାକିରୀ, ହାନିଲାଭ, ବିବାହ ଇତ୍ୟାଦି ସବୁ କିଛି ନିର୍ଣ୍ଣୟ କରିବା ଯାହାକୁ ଆଜି ଜ୍ୟୋତିଷ ଶାସ୍ତ୍ର କୁହାଯାଉଛି ସେହିଭଳି କିଛି ବି ସେଦିନ ନଥିଲା । ଏହିଭଳି କୌଶଳ ସର୍ବ ପ୍ରଥମେ 'ସିଦ୍ଧାନ୍ତ ଜ୍ୟୋତିଷ'ରେ ଆମେ ଦେଖିବାକୁ ପାଉ । ଯାହାକି ବହୁ ଶତାବ୍ଦୀ ପରର ଘଟଣା । ଏହାର ଭାରତୀୟତାକୁ ନେଇ ବହୁ ବିବାଦ ମଧ୍ୟ ରହିଛି । କାରଣ ଜ୍ୟୋତିଷ ଶାସ୍ତ୍ର ଉପରେ ସିଦ୍ଧାନ୍ତ ଗ୍ରନ୍ଥ ଭଳି 'ରୋମାକ୍ ସିଦ୍ଧାନ୍ତ' (ରୋମାକ ରୋମକୁ ବୁଝାଏ), 'ଜଭନ୍ ସିଦ୍ଧାନ୍ତ' (ଜଭନ ହେଉଛି ଗ୍ରିକ ଶବ୍ଦ), 'ପୌଲିକ୍ ସିଦ୍ଧାନ୍ତ' (ପୌଲିକ ହେଉଛନ୍ତି ଆଲେକ୍‌ଜାଣ୍ଡାରଙ୍କ ଲେଖକ ଥିଲେ) ଆଦି ଗ୍ରନ୍ଥ ସବୁ ରହିଛି । ସିଦ୍ଧାନ୍ତ ଗ୍ରନ୍ଥ ପୂର୍ବରୁ ମଧ୍ୟ ଜ୍ୟୋତିଷ ଶାସ୍ତ୍ର ଉପରେ ୧୪୯ରୁ ୧୫୦ ଖ୍ରୀଷ୍ଟାବ୍ଦ ବେଳକୁ 'ଜାଭାନେଶ୍ୱର' ନାମକ ଗ୍ରନ୍ଥ ଥିଲା ଯାହାକି ଗ୍ରିକ୍‌ରେ ଥିବା ଏକ ଜ୍ୟୋତିଷ ଶାସ୍ତ୍ର ବହିର ସଂସ୍କୃତ ଅନୁବାଦ । ଏସମସ୍ତ କିଛି ପ୍ରମାଣ କରୁଛି ଜ୍ୟୋତିଷ ଶାସ୍ତ୍ର କଦାପି ବୈଦିକ ନୁହେଁ ।

ଏହା ମଧ୍ୟ ଆଦୌ ବିଜ୍ଞାନ ନୁହେଁ । ଜ୍ୟୋତିଷ ଶାସ୍ତ୍ରକୁ ବିଜ୍ଞାନ ବୋଲି ପ୍ରଚାର କରୁଥିବା ବ୍ୟକ୍ତି ବିଶେଷମାନଙ୍କ ଯୁକ୍ତି ହେଉଛି ୧. ପଦାର୍ଥ ବିଜ୍ଞାନ(Physics) ଯଥାର୍ଥ ଏବଂ ଉନ୍ନତ ବିଜ୍ଞାନ ଭାବେ ପ୍ରତିଷ୍ଠିତ ହୋଇଛି । ମାତ୍ର Psychology ଏବଂ Physiology ଯଥାର୍ଥ ବିଜ୍ଞାନ ନହେଲେ ବି ବହୁ ମନଗଢା ଏବଂ ଯାଞ୍ଚ କରାଯାଇ ନଥିବା ବହୁ ବିଷୟ ସେଥିରେ ସାମିଲ ଅଛି । ତା ସତ୍ତ୍ୱେ ଆମେ ବିଜ୍ଞାନ କହି ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପଢୁଛନ୍ତି । ଠିକ୍ ସେହିଭଳି

ଜ୍ୟୋତିଷ ଶାସ୍ତ୍ର କମ ବିଜ୍ଞାନ ହୋଇପାରେ ଏବଂ ଅଧିକ ଗବେଷଣାର ଆବଶ୍ୟକତା ଥାଇପାରେ ମାତ୍ର ଏହାକୁ ବିଜ୍ଞାନ ରୂପେ ଗ୍ରହଣ କରିବା ଉଚିତ୍ । ୨. ଏହା ଯଦି ବିଜ୍ଞାନ ନୁହେଁ ତେବେ କିପରି ବହୁ ଜ୍ୟୋତିଷ ମାନଙ୍କର ଆକଳନ ସତ ହେଉଛି ଏବଂ ମେଳ ଖାଉଛି । ୩. କାହିଁକି ଏହାକୁ ବିଶ୍ୱାସ କରି ବହୁ ଲୋକ ବିବାହ, ଚାକିରୀ, ଘର କରିବା, କିଛି ସମସ୍ୟା ହେଲେ ଜ୍ୟୋତିଷମାନଙ୍କ ପାଖକୁ ଯାଉଛନ୍ତି ଇତ୍ୟାଦି ।

ପ୍ରଥମକଥା ହେଉଛି ଯେକୌଣସି ବିଷୟବସ୍ତୁ ଲାଗୁ କରିବା ପୂର୍ବରୁ ତାହା ସମ୍ପର୍କରେ ଗଣତାନ୍ତ୍ରିକ ଉପାୟରେ ବିଚାର ବିମର୍ଶ କରି ମତାମତ ନେବାକଥା । ମାତ୍ର ଆମେ ଦେଖୁଛନ୍ତି ଯେହେତୁ ତା'ର ସାମାଜିକ ଆବଶ୍ୟକତାକୁ ଶିକ୍ଷାବିତ୍, ଗବେଷକମାନଙ୍କ ମହଲରେ ସ୍ୱୀକୃତି ମିଳି ନାହିଁ, ସେଥିପାଇଁ ଏଭଳି ଏକ ଅବାନ୍ତର, ଅବାସ୍ତବ ଓ ଅକାର୍ଯ୍ୟକାରି ପରିତ୍ୟକ୍ତ ବିଷୟବସ୍ତୁକୁ କୌଣସି ବିଶ୍ୱବିଦ୍ୟାଳୟରେ ଦୀର୍ଘଦିନ ହେଲା ଲାଗୁ କରାଯାଇ ନଥିଲା ।

ଦ୍ୱିତୀୟ କଥା ହେଉଛି Physics ଏବଂ Psychology ର ସଠିକତା ମଧ୍ୟରେ ତାରତମ୍ୟ ଥାଇପାରେ । ମାତ୍ର ବିଜ୍ଞାନ କ୍ଷେତ୍ରରେ କାଳ୍ପନିକ, ଭିତ୍ତିହୀନ, ମନଗଢା କଥାର କୌଣସି ସ୍ଥାନ ନାହିଁ । ଜଣେ ବୈଜ୍ଞାନିକଙ୍କର ଜ୍ୟୋତିଷ ଶାସ୍ତ୍ର ଉପରେ ଭରସା ଥାଇପାରେ, ଚନ୍ଦ୍ରକୁ ଯାନ ପଠାଇଲା ବେଳେ ହୋମ, ନଡିଆ ବାଡେଇପାରନ୍ତି ମାତ୍ର ତାହାଦ୍ୱାରା ଜ୍ୟୋତିଷ ଶାସ୍ତ୍ର ବିଜ୍ଞାନ ହୋଇପାରେ ନାହିଁ । ସମସ୍ତେ ବିଶ୍ୱାସ କରୁଥାଇ ପାରନ୍ତି । ତାହାଦ୍ୱାରା କଣ ପ୍ରମାଣ ହୋଇଯିବ ଜ୍ୟୋତିଷ ଶାସ୍ତ୍ର ବିଜ୍ଞାନ ବୋଲି ? ବିଜ୍ଞାନ କାହାର ବିଶ୍ୱାସ, ଭରସା ଉପରେ ଚାଲେ ନାହିଁ । ଗଣେଶ ଖିର ପିଇପାରେ ! ସାଇବାବା ବିଭୂତିରୁ ସୁନା ବାହାର କରିପାରନ୍ତି ! ପ୍ରାଚୀନ ଯୁଗରେ ମୁନିଋଷିମାନେ ଗାଈ ମୂତ୍ରରେ ଚାଲୁଥିବା ପଥର ତିଆରି ବିମାନରେ ଉଡୁଥାଇ ପାରନ୍ତି ! ମାତ୍ର ତାହା ଦ୍ୱାରା, ଏହି ବିଶ୍ୱାସକୁ ବିଜ୍ଞାନ କୁହାଯାଇ ପାରେନାହିଁ । ଏହିଭଳି ବହୁ ଘଟଣା ରହିଛି । ବହୁ ଲୋକଙ୍କ ବିଶ୍ୱାସ ଉପରେ କିନ୍ତୁ ବିଜ୍ଞାନ ଭିନ୍ନମତ ପୋଷଣ କରିଛି । ବିଜ୍ଞାନ observation,hypothesis, experimentation, inference ଭିତର ଦେଇ କୌଣସି hypothesisକୁ theoryରେ ପରିଣତ କରେ । ଏହି ଆଧାରରେ ଆମକୁ ବିଚାର କରିବାକୁ ପଡିବ

## ଜ୍ୟୋତିଷ ଶାସ୍ତ୍ର ବିଜ୍ଞାନ କି ନୁହେଁ ?

ପ୍ରଥମତଃ ଜ୍ୟୋତିଷ ଶାସ୍ତ୍ର ବିଶ୍ୱାସ କରେ ଯେ ଗ୍ରହ, ନକ୍ଷତ୍ର, celestial ପଦାର୍ଥମାନଙ୍କର ସିଧାସଳଖ ପ୍ରଭାବ ମଣିଷ ଉପରେ ଅଛି ଏବଂ ଏହା ଭବିଷ୍ୟତ ମଧ୍ୟ ନିରୂପଣ କରେ । ଏହି ପ୍ରସଂଗରେ ଭାରତୀୟ ଜ୍ୟୋତିଷମାନେ ଚାଇନିଜ୍ ଏବଂ ଇଉରୋପିଆନ ମାନଙ୍କ ଠାରୁ କିଛି କ୍ଷେତ୍ରରେ ଭିନ୍ନମତ ପୋଷଣ କରନ୍ତି । ତେବେ ଏହାର ମୂଳ କାରଣ ହେଉଛି ଜ୍ୟୋତିଷ ଶାସ୍ତ୍ର ମନଗଢା subjectiveଚିନ୍ତା ଦ୍ୱାରା ପରିଚାଳିତ ହେଉଛନ୍ତି । ମାତ୍ର ବିଜ୍ଞାନ ହେଉଛି ବସ୍ତୁନିଷ୍ଠ(objective), ବିଶେଷ(concrete) ଏବଂ ସାର୍ବଜନୀନ(universal) । ଭାରତୀୟ ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ନବଗ୍ରହ ହେଉଛି ସୂର୍ଯ୍ୟ( !), ଚନ୍ଦ୍ର( !), ମଙ୍ଗଳ(Mars), ବୁଧ(Mercury), ବୃହସ୍ପତି(Jupiter), ଶୁକ୍ର(Venus), ଶନି(Saturn), ରାହୁ( ?), କେତୁ( ?) । ଏହାଛଡା ୧୨ଟି ରାଶି ମଧ୍ୟ ରହିଛି । ଆମେ ଜାଣନ୍ତି ସୂର୍ଯ୍ୟ, ଚନ୍ଦ୍ର ଗ୍ରହ ନୁହଁନ୍ତି । ମାତ୍ର ସେମାନେ ଗ୍ରହ ବୋଲି ବିବେଚନା କରନ୍ତି । ତା'ର ପ୍ରମୁଖ କାରଣ ହେଉଛି ଜ୍ୟୋତିଷ ଶାସ୍ତ୍ର ଆଜି ବି ବିଶ୍ୱାସ କରେ ଏହି ବିଶ୍ୱ ବ୍ରହ୍ମାଣ୍ଡ ହେଉଛି 'ପୃଥିବୀକେନ୍ଦ୍ରୀକ',(Geocentric) । ଅର୍ଥାତ୍ ପୃଥିବୀ କେନ୍ଦ୍ରରେ ଅବସ୍ଥାନ କରେ ଏବଂ ଅନ୍ୟାନ୍ୟ ଗ୍ରହ ନକ୍ଷତ୍ର ମାନେ ତାର ଚାରିପଟେ ଯାତାୟତ କରନ୍ତି । ଏକଦା ପ୍ରଚଳିତ ଓ ବିଶ୍ୱାସଯୋଗ୍ୟ ଏହି ତତ୍ତ୍ୱ ଆଜି ସମ୍ପୂର୍ଣ୍ଣ ଭୁଲ ବୋଲି ପ୍ରମାଣିତ ହୋଇଛି । ଏହା ୧୬୦୦ମସିହା ବେଳକୁ କୋପରନିକସ୍ ଏବଂ ତାଙ୍କ ପରେ ବ୍ରୁନୋ, କେପଲର୍, ଟାଇକୋବ୍ରାହେ, ଗାଲିଲିଓ ଭଳି ବୈଜ୍ଞାନିକମାନେ ରକ୍ତକ୍ଷୟୀ ସଂଗ୍ରାମ ଓ ଆତ୍ମତ୍ୟାଗ ଭିତର ଦେଇ ପୃଥିବୀକେନ୍ଦ୍ରୀକ ବିଶ୍ୱ ବ୍ରହ୍ମାଣ୍ଡ ଭୁଲ ବୋଲି ପ୍ରମାଣିତ କରି 'ସୂର୍ଯ୍ୟକେନ୍ଦ୍ରୀକ' (Heliocentric) ବିଶ୍ୱବ୍ରହ୍ମାଣ୍ଡର ସତ୍ୟତା ପ୍ରତିଷ୍ଠା କରିଥିଲେ ।



କୋପରନିକସ୍ ବ୍ରୁନୋ କେପଲର୍ ଟାଇକୋବ୍ରାହେ ଗାଲିଲିଓ

ଦ୍ୱିତୀୟତଃ, ଜ୍ୟୋତିଷ ଶାସ୍ତ୍ର ନବଗ୍ରହକୁ ଦେବତା, ଅର୍ଦ୍ଧ ଦେବତା, ଦାନବ ରୂପେ ବିବେଚନା କରେ । ମାତ୍ର ଆଧୁନିକ ବିଜ୍ଞାନ ପ୍ରମାଣ କରିଛି ସୂର୍ଯ୍ୟ ହେଉଛି ସବୁଠାରୁ ନିକଟତମ ଗ୍ୟାସୀୟ ପଦାର୍ଥରେ ଗଢା ଅତ୍ୟନ୍ତ ଉତ୍ତପ୍ତ ତାରା ଏବଂ ବୃହସ୍ପତି, ଶୁକ୍ର, ଶନି, ମଙ୍ଗଳ, ବୁଧ ହେଉଛନ୍ତି ପୃଥିବୀ ଭଳି ସମ ପଦାର୍ଥରେ ଗଢା ଗ୍ରହ । ଅନ୍ୟପଟରେ ରାହୁ, କେତୁର କୌଣସି ଅବସ୍ଥାନ ନାହିଁ । ଚନ୍ଦ୍ର ହେଉଛି ପୃଥିବୀର ଗୋଟେ ଉପଗ୍ରହ । ତାରକାପୁଞ୍ଜର ଆକୃତିକୁ ନେଇ ଯେଉଁ ରାଶି ଗୁଡିକ ସୃଷ୍ଟି ହୋଇଛି ଯଥା ସିଂହ, ବିଛା, କର୍କଟ ଇତ୍ୟାଦି । ମାତ୍ର ଇତିମଧ୍ୟରେ ତାରା ମାନଙ୍କ ଚଳନ ଯୋଗୁଁ ସ୍ଥାନ ପରିବର୍ତ୍ତନ ଫଳରେ ଆଜି ତାରକାପୁଞ୍ଜ ମାନଙ୍କର ସେହି ଆକୃତି ମଧ୍ୟ ନାହିଁ ।

ତୃତୀୟତଃ, ଜ୍ୟୋତିଷ ଶାସ୍ତ୍ର କହିବା ମୁତାବକ ଯଦି ମହାଜାଗତିକ ବସ୍ତୁ celestial bodiesମାନଙ୍କର ପୃଥିବୀ ଉପରେ ପ୍ରଭାବ ନାହିଁ ତାହେଲେ ପୂର୍ଣ୍ଣିମା ଏବଂ ଅମାବାସ୍ୟା ଦିନ ଉଚ୍ଚ ଜୁଆର ସୃଷ୍ଟି ହେଉଛି କାହିଁକି ? ଆଧୁନିକ ବିଜ୍ଞାନ କହୁଛି ଚନ୍ଦ୍ରର ମାଧ୍ୟାକର୍ଷଣ ଶକ୍ତି ଦ୍ୱାରା ଦୂରତାକୁ ନେଇ ଏହା ସୃଷ୍ଟି ହେଉଛି । କେବଳ ସମୁଦ୍ର ଉପରେ ଏହାର ପ୍ରଭାବ ପଡୁନାହିଁ, ଚନ୍ଦ୍ରର ମାଧ୍ୟାକର୍ଷଣ ଶକ୍ତି ପୃଥିବୀର ସମସ୍ତଙ୍କ ଉପରେ ସମାନଭାବେ ପଡୁଛି । ଏଥିରେ ଗୁଣଗତ ଦିଗରୁ ପାତରଅନ୍ତର ରହିବ କଣ ପାଇଁ ? ଆହୁରି ମଧ୍ୟ ତାରକାପୁଞ୍ଜ ଗୁଡିକ ପୃଥିବୀଠାରୁ ଶହ ଶହ ଆଲୋକବର୍ଷ ଦୂରରେ ଅବସ୍ଥିତ । କନ୍ୟା ରାଶିକୁ ଇଙ୍ଗିତ କରୁଥିବା ତାରକାପୁଞ୍ଜ ପୃଥିବୀଠାରୁ ୧୯୦ ଆଲୋକ ବର୍ଷ ଦୂରରେ ଅବସ୍ଥିତ । ତେଣୁ ଏତେ ଦୂରରୁ ତାର ଆଲୋକ, ତରଙ୍ଗ ପ୍ରଭାବ ପୃଥିବୀ ଉପରେ ଅତ୍ୟନ୍ତ କ୍ଷିଣ, ଅର୍ଥାତ କିଛି ନାହିଁ । ସେଥିପାଇଁ ଏଭଳି ଯୁକ୍ତି ଆଦୌ ଗ୍ରହଣୀୟ ନୁହେଁ । ସଂପୂର୍ଣ୍ଣ ଭିତ୍ତିହୀନ ଏବଂ ହାସ୍ୟାସ୍ପଦ ।

ଚତୁର୍ଥତଃ, ପିଲାମାନଙ୍କ ଜନ୍ମ ବେଳେ ଗ୍ରହମାନଙ୍କ ଅବସ୍ଥାନ ଯଦି ତାର ଭବିଷ୍ୟତ ନିର୍ଣ୍ଣୟ କରେ ତେବେ ଏକା ଦିନରେ ଏକା ସମୟରେ ଜନ୍ମ ଗ୍ରହଣ କରୁଥିବା ପିଲାମାନଙ୍କ ଭବିଷ୍ୟତ ତ ସମାନ ହେବାକଥା ! ମାତ୍ର ତାହା ହୁଏ କି ?

ପଞ୍ଚମତଃ Uranus, Neptune ଏବଂ Pluto ଗ୍ରହ ଗୁଡିକ ବହୁ ପରେ

ଆବିଷ୍କୃତ ହୋଇଛି ଏବଂ ଅନ୍ୟାନ୍ୟ ତାରକାପୁଞ୍ଜଠାରୁ ବହୁ କମ୍ ଦୂରତାରେ ପୃଥିବୀ ଠାରୁ ଅଛନ୍ତି । ମାତ୍ର ସେମାନଙ୍କ ବିଷୟରେ ଜ୍ୟୋତିଷ ଶାସ୍ତ୍ର ସଂପୂର୍ଣ୍ଣ ନିରବ । ସେମାନଙ୍କର ପ୍ରଭାବ କଣ ମଣିଷ ଉପରେ ପଡେ ନାହିଁ କି !

ଷଷ୍ଠତଃ, ଗ୍ରହ, ନକ୍ଷତ୍ରର ଚଳନ ମଣିଷର ବର୍ତ୍ତମାନ ଓ ଭବିଷ୍ୟତକୁ ନିର୍ଦ୍ଧାରଣ କରେ। ଅର୍ଥାତ ଜ୍ୟୋତିଷ ଶାସ୍ତ୍ରର ସମସ୍ତ କିଛି ମଣିଷର ଭବିଷ୍ୟତ, ସମାଜ ବିଶ୍ୱବ୍ରହ୍ମାଣ୍ଡର ଭବିଷ୍ୟତ ପୂର୍ବନିର୍ଦ୍ଧାରିତ ଧାରଣା ଉପରେ ହିଁ ଦଣ୍ଡାୟମାନ । ଜୀବନର ସମସ୍ତ କିଛି ପୂର୍ବ ନିର୍ଦ୍ଧାରିତ ଏବଂ କମ୍ପ୍ୟୁଟର ମେମୋରିରେ ରଖିଲାଭଳି ଆମ କପାଳ, ହାତ ଏବଂ ଅନ୍ୟ କେଉଁଠି ଗଚ୍ଛିତ ହୋଇ ରହିଛି । ଏହା କଣ ସତ୍ୟ ? ଏହା ଯଦି ସତ୍ୟ ହୋଇଥାନ୍ତା ତାହେଲେ ଭବିଷ୍ୟତକୁ ଜାଣିବା ପାଇଁ ନିଶ୍ଚିତ କିଛି ବୈଜ୍ଞାନିକ ପଦ୍ଧତି ଆବିଷ୍କୃତ ହୋଇ ସାରିଥାନ୍ତା । ମାତ୍ର ସେଭଳି କିଛି ହୋଇ ନାହିଁ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ସମସ୍ତ କିଛି ପୂର୍ବ ନିର୍ଦ୍ଧାରିତ ଅର୍ଥାତ୍ ସାର୍ବଜନୀନ ଏକ 'ସମୟ ଦଣ୍ଡ' ରହିଛି । ସମୟ ହେଉଛି ଶାଶ୍ୱତ, ଏହା କେବଳ ନଦୀ ଭଳି ଅତୀତରୁ ଭବିଷ୍ୟତକୁ ପ୍ରବାହିତ ହେଉଛି । କି ଅଦ୍‌ଭୁତ ଚିନ୍ତା ? ଆଇନ୍‌ଷ୍ଟାଇନ୍‌ଙ୍କ 'Special theory of Relativity' ଏସମସ୍ତ କିଛିକୁ ମିଥ୍ୟା ବୋଲି ପ୍ରମାଣିତ କରିଛି । ଗୋଟିଏ ନିର୍ଦ୍ଦିଷ୍ଟ ଡୋମେନ୍ (domain)ରେ ଗୋଟିଏ ମାତ୍ର 'ସମୟ ଦଣ୍ଡ' ରହିପାରିବ । ବସ୍ତୁ(matter) ଏବଂ ସ୍ଥାନ(space)ଠାରୁ ବିଚ୍ଛିନ୍ନ ସାର୍ବଜନୀନ ଏବଂ ଶାଶ୍ୱତ ଏକ 'ସମୟ ଦଣ୍ଡ' ରହିପାରିବ ନାହିଁ । 'ସମୟ' ହେଉଛି ଆପେକ୍ଷିକ ଏବଂ ବସ୍ତୁ, ସ୍ଥାନ ସହିତ ଜଡିତ । କୌଣସି ନିର୍ଦ୍ଦିଷ୍ଟ ବସ୍ତୁ ବା ମଣିଷର ଭବିଷ୍ୟତ ସେ ଅବସ୍ଥାନ କରୁଥିବା ପରିବେଶ ସହିତ ପାରସ୍ପରିକ ଦ୍ୱନ୍ଦ ସଂଘାତ, ଉଭୟ ବାହ୍ୟ ଦ୍ୱନ୍ଦ ଏବଂ ଅର୍ନ୍ତ ଦ୍ୱନ୍ଦ ଉପରେ ନିର୍ଭର କରେ । ତାହା ଊର୍ଦ୍ଧ୍ୱରେ କେହି ନୁହଁନ୍ତି । ବସ୍ତୁ ଏବଂ ମଣିଷର ପରିବର୍ତ୍ତନ ପାଇଁ ଅନେକ ସମୟରେ ତତକ୍ଷଣାତ ବାହ୍ୟ ଦ୍ୱନ୍ଦ ଏବଂ ଅନ୍ୟାନ୍ୟ କାରକ(factors) ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିଥାଏ । ତେଣୁ ଭବିଷ୍ୟତ କଦାପି ପୂର୍ବନିର୍ଦ୍ଧାରିତ ନୁହେଁ ।

ଉପରୋକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ଯେ ଜ୍ୟୋତିଷ ଶାସ୍ତ୍ର କଦାପି ବୈଦିକ କିମ୍ବା ବିଜ୍ଞାନ ନୁହେଁ । ଏହା ସଂପୂର୍ଣ୍ଣ ମନଗଢା, କାଳ୍ପନିକ ଧାରଣା ଉପରେ ପର୍ଯ୍ୟବେସିତ । ଯଦି କାହାର ଜାଣିବାକୁ ଇଚ୍ଛା ଅଛି ତେବେ ହଜାର ହଜାର ବର୍ଷ

ଧରି ଯେପରି ମଣିଷ ଜ୍ୟୋତିଷ ଶାସ୍ତ୍ର ବିଷୟରେ ଜାଣି ଆସିଛି ସେହିଭଳି ଜାଣିବାରେ ଅସୁବିଧା ନାହିଁ । ମାତ୍ର ଏହାକୁ କୌଣସି ବିଶ୍ୱବିଦ୍ୟାଳୟର କୋର୍ସ ଆକାରରେ ଲାଗୁ କରାଯାଇ ପାରେନା । ଜ୍ୟୋତିଷ ଶାସ୍ତ୍ର ପ୍ରଚଳନର ପ୍ରକୃତ ଉଦ୍ଦେଶ୍ୟ ହେଉଛି ମଣିଷକୁ ଭାଗ୍ୟବାଦୀ କରିବାର ଏକ ଷଡଯନ୍ତ୍ର ମାତ୍ର ।

## ବୈଦିକ ଗଣିତ ବୈଦିକ ନୁହେଁ କାହିଁକି ?

ବର୍ତ୍ତମାନ ଆମେ ଲକ୍ଷ୍ୟ କରୁଛନ୍ତି ବୈଦିକ ଗଣିତ ନାଁରେ କିଛି ହିସାବ ପତ୍ର ପ୍ରଣାଳୀ ସ୍କୁଲ ପାଠ୍ୟ ପୁସ୍ତକରେ ଭର୍ତ୍ତି କରାଯାଉଛି । ଏଠି ଉଲ୍ଲେଖଯୋଗ୍ୟ ବୈଦିକ ଗଣିତ ଉପରେ ଏକ ବହି ସର୍ବପ୍ରଥମେ ୧୯୬୫ ମସିହାରେ ପୁରୀସ୍ଥିତ ଗୋବର୍ଦ୍ଧନ ମଠର ୧୪୩ତମ ଶଙ୍କରାଚାର୍ଯ୍ୟ ଜଗତ୍‌ଗୁରୁ ସ୍ୱାମୀ ଭାରତୀ କିଷ୍ଣା ତୀର୍ଥଜୀ ମହାରାଜଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା । ସେଥିରେ ୧୬ଗୋଟି ସୂତ୍ର ଏବଂ ୧୩ଟି ଉପସୂତ୍ର ରହିଛି । ଯଥା ୧. ଏକାଧିକେନ ପୂର୍ବେଣ ୨. ନିଖିଳଂ ନବତଶ୍ଚରମଂ ଦଶତଃ (ସମସ୍ତ ୯ରୁ ଶେଷଟିକୁ ୧୦ରୁ) ୩. ଉର୍ଦ୍ଧ୍ୱତିର୍ଯ୍ୟଗଭ୍ୟାମ୍ (ଉଲ୍ଲମ୍ବ ଓ ତିର୍ଯ୍ୟକାକାର) ୪. ପରାବର୍ତ୍ତ୍ୟ ଯୋଜୟେତ୍ (ପାର୍ଶ୍ୱ ପରିବର୍ତ୍ତନ ଓ ସଂସ୍ଥାପନ କରି) ୫. ଶୂନ୍ୟଂ ସାମ୍ୟସମୁଚ୍ଚୟେ ୬. ଶୂନ୍ୟମନ୍ୟତ୍ ୭. ସଂକଳନବ୍ୟବକଳନାଭ୍ୟାମ୍ (ଯୋଗ ଓ ବିୟୋଗ ଦ୍ୱାରା) ୮. ପୂରଣାପୂରଣାଭ୍ୟାମ୍ ୯. ଚଳନକଳନାଭ୍ୟାମ୍ ୧୦. ଯାବଦୂନମ୍ ୧୧. ବ୍ୟଷ୍ଟିସମଷ୍ଟିଃ ୧୨. ଶେଷାଣ୍ୟଙ୍କେନ ଚରମେଣ ୧୩. ସୋପାନ୍ତ୍ୟଦ୍ୱୟମନ୍ତ୍ୟମ୍ ୧୪. ଏକନ୍ୟୂନେନ ପୂର୍ବେଣ (ପୂର୍ବଟିଠାରୁ ୧କମ୍ କରି) ୧୫. ଗୁଣିତସମୁଚ୍ଚୟଃ (ଗୁଣଫଳରେ ସମୁଚ୍ଚୟ) ୧୬. ଗୁଣକସମୁଚ୍ଚୟଃ (ଗୁଣନୀୟକମାନଙ୍କର ସମୁଚ୍ଚୟ)

ଗୋଟେ ଉଦାହରଣ ଦିଆଯାଇପାରେ - ସୂତ୍ର: ଏକାଧିକେନ ପୂର୍ବେଣ (ପୂର୍ବଟିକୁ ୧ଅଧିକା କରି) ଅନୁଯାୟୀ ୭୫ର ବର୍ଗ ବାହାର କରିବା ପାଇଁ କିଛି ପଦ ନିମ୍ନ ପ୍ରକାରେ ଅନୁସରଣ କରିବାକୁ ପଡିବ -

୧. ଶେଷ ସଂଖ୍ୟାର ପୂର୍ବ ସଂଖ୍ୟା ସହିତ ଶେଷ ସଂଖ୍ୟାର ୧ ଅଧିକା ସଂଖ୍ୟାକୁ ଗୁଣନ କରିବାକୁ ହେବ ଅର୍ଥାତ୍ ୭+୧=୮, ୭x୮=୫୬

୨. ତାପରେ ୨୫ ଲେଖିବାକୁ ହେବ

୩. ଯାହା ପାଇଲେ ୫୬୨୫ ହେଉଛି ୭୫ର ବର୍ଗ

ଏହି ପ୍ରଣାଳୀ କେବଳ ଯେଉଁ ସଂଖ୍ୟା ୫ରେ ଶେଷ ହେଉଛି ସେଗୁଡିକ

ପାଇଁ । ମାତ୍ର ଅନ୍ୟ ସଂଖ୍ୟା ପାଇଁ ଅନ୍ୟ ପ୍ରକାର ପ୍ରଣାଳୀ ପ୍ରୟୋଗ କରିବାକୁ ପଡିବ । ଏହା କେତେ ସହଜ ଆପଣମାନେ ଅନୁମାନ କରୁଥିବେ ! ପିଲାମାନଙ୍କୁ ଗାଣିତିକ ହିସାବ କରିବା ପାଇଁ ଅନେକ ଗୁଡିଏ ସୂତ୍ର ମନେ ରଖିବାକୁ ପଡିବ । ସମୟକୁ ବିଚାର କଲେ ଏହା କଦାପି କମ୍ ସମୟ ନେବ ନାହିଁ, ସହଜ ମଧ୍ୟ ନୁହେଁ ଏବଂ ସବୁଠାରୁ ବଡ କଥା ହେଉଛି ପିଲାମାନେ ଗୁଣନ ପ୍ରକ୍ରିୟା ଏହା ଦ୍ୱାରା ଶିଖିବେ ନାହିଁ ।

ସ୍ୱାମୀ ଭାରତୀ କିମ୍ବା ତୀର୍ଥଜୀ ମହାରାଜ ଏହି ସୂତ୍ର ଗୁଡିକୁ କୁଆଡୁ ପାଇଲେ । ତାଙ୍କ କହିବା ମୁତାବିକ ସେ ଏହି ସୂତ୍ର ଗୁଡିକୁ ଅଥର୍ବ ବେଦର(Appendix portion of Atharva Veda) ପରିଶିଷ୍ଟରୁ ପାଇଛନ୍ତି । ୧୯୧୧ ରୁ ୧୯୧୮ ଦୀର୍ଘ ୮ ବର୍ଷ ବ୍ୟାପୀ କର୍ଣ୍ଣାଟକସ୍ଥିତ ଶୃଙ୍ଗେରୀ ନିକଟବର୍ତ୍ତୀ ଘଞ୍ଚ ଅରଣ୍ୟାନୀ ମଧ୍ୟରେ କଠୋର ତପସ୍ୟା ଦ୍ୱାରା ଅଥର୍ବ ବେଦକୁ ତନ୍ନ ତନ୍ନ ଅଧ୍ୟୟନ କରି ଏହି ୧୬ଟି ଗାଣିତିକ ସୂତ୍ର ପାଇଛନ୍ତି ।

ପ୍ରାଚୀନ ଭାରତ ଗଣିତ ବିଶାରଦ ପ୍ରଫେସର କେ.ଏସ୍ ଶୁକ୍ଳ ଏହି ସୂତ୍ର ଗୁଡିକର ମୂଳ ଉତ୍ସ ଏକଦା ଖୋଜିବାକୁ ଚେଷ୍ଟା କରିଥିଲେ । ସେ ୧୯୫୦ ମସିହାରେ ସ୍ୱାମୀଜୀଙ୍କୁ ସାକ୍ଷାତକରି ଅଥର୍ବ ବେଦର ବାସ୍ତବ ପରିଶିଷ୍ଟଗୁଡିକୁ ଦେଖିବାକୁ ଚେଷ୍ଟା କରିଥିଲେ । ମାତ୍ର ସ୍ୱାମୀଜୀ ଉତ୍ତରରେ କହିଥିଲେ ଏଗୁଡିକ ମୋ ନିଜର ପରିଶିଷ୍ଟ ।

ଅର୍ଥାତ ବୈଦିକ ଗଣିତର ଯେଉଁ ସମସ୍ତ ସୂତ୍ର କଥା କୁହାଯାଉଛି ସେଗୁଡିକ ସ୍ୱାମୀଜୀଙ୍କ ନିଜସ୍ୱ ପ୍ରସ୍ତୁତ ସୂତ୍ର ସେଥିରେ ବେଦର ସଂପର୍କ ନାହିଁ । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କଳା ଓ ସ୍ଥାପତ୍ୟ ବିଭାଗର ପ୍ରଫେସର ପଣ୍ଡିତ ଡଃ ଭି.ଏସ୍. ଅଗ୍ରୱାଲ୍ ଯାହାଙ୍କ ସମ୍ପାଦନାରେ ଏହି ବୈଦିକ ଗଣିତ ପୁସ୍ତକଟି ଆତ୍ମପ୍ରକାଶ କରିଛି, ସେହି ପୁସ୍ତକର General Editor's Noteରେ ଯେଉଁ ଅଭିମତ ରଖିଛନ୍ତି ତାହା ହେଉଛି, ସୂତ୍ର ଗୁଡିକ ଅଥର୍ବ ବେଦର ପରିଶିଷ୍ଟ ପରି ମନେ ହେଉନି, ତାର ଭାଷା ଶୈଳୀରୁ ଏହା ସ୍ୱାମୀଜୀଙ୍କ ଦ୍ୱାରା ନିଜସ୍ୱ ସୃଷ୍ଟି ଧରିନେଇ ଏକ ନୂତନ ପରିଶିଷ୍ଟ ରୂପେ ଗ୍ରହଣ କରାଯିବା ଉଚିତ ।

ବମ୍ବେ ଆଇ.ଆଇ.ଟି ପ୍ରଫେସର ତଥା National Board of Higher Mathematics ର ପୂର୍ବତନ ଚେୟାରମ୍ୟାନ ପ୍ରଫେସର ଏସ୍.ଜି.ଦାନି ଙ୍କ କହିବା

ଅନୁଯାୟୀ, ସ୍ୱାମୀଜୀଙ୍କ ଦ୍ୱାରା ଆବିଷ୍କୃତ ବିଷୟବସ୍ତୁ ସହିତ ବୈଦିକ ଯୁଗର ଗଣିତର କୌଣସି ସାମଞ୍ଜସ୍ୟ ନାହିଁ । ଏପରିକି ଆଧୁନିକ ଯୁଗ ପର୍ଯ୍ୟନ୍ତ ଗଣିତର ଯେଉଁ ଅଗ୍ରଗତି ଘଟିଥିଲା ତାହା ସହିତ ମଧ୍ୟ ନାହିଁ । ସ୍ୱାମୀଜୀ ନିଜସ୍ୱ ଶୈଳିରେ ସଂସ୍କୃତ ବାକ୍ୟାଂଶକୁ ଏରିଥମେଟିକ ସହ ଯୋଡି ଦେଇଛନ୍ତି ।

ପୂର୍ବରୁ ଆମେ ଆଲୋଚନା କରି ଦେଖିଛନ୍ତି ବୈଦିକ ଯୁଗରେ ଲୋକମାନେ ଶୂନ(୦) ବିଷୟରେ ଜାଣିନଥିଲେ । ସଂଖ୍ୟା ଲେଖିବା ପାଇଁ ୯ଟି ସଂକେତ ବ୍ୟବହାର କରୁଥିଲେ, ତେଣୁ place value system ଅନୁଯାୟୀ ସଂଖ୍ୟା ଲେଖିବା ଜଣା ନଥିଲା । ଏପରିକି ବୈଦିକ ଯୁଗର ବହୁ ପରେ ବୌଦ୍ଧ ଯୁଗରେ ଶୂନ(୦)ର ଆବିଷ୍କାର ହୋଇଥିଲା । ମାତ୍ର ସ୍ୱାମୀଜୀଙ୍କ ସୂତ୍ରରେ ତାହାର ବ୍ୟବହାର ବ୍ୟାପକ ହୋଇଛି । ସ୍ୱାମୀଜୀଙ୍କ ବୈଦିକ ଗଣିତରେ ଆଧୁନିକ ସ୍ଥାନାଙ୍କ ପଦ୍ଧତି decimal number system ର ବ୍ୟବହାର ହୋଇଛି । ଡେସିମାଲ ସଂଖ୍ୟାକୁ ଫ୍ରାକ୍ସନରେ ପରିଣତ କରିବା ଯାହାକି ୧୭ତମ ଶତାବ୍ଦୀ ପର୍ଯ୍ୟନ୍ତ ମଧ୍ୟ ଜଣା ନଥିଲା, ତାହାର ବ୍ୟବହାର ମଧ୍ୟ ହୋଇଛି । ତେଣୁ ଏସମସ୍ତ କଥାରୁ ଆମେ କହି ପାରିବା ବୈଦିକ ଗଣିତ, ଆଦୌ ବୈଦିକ ଯୁଗର ନୁହେଁ । ଯାହା କିଛି ବି ସଂସ୍କୃତରେ ଲେଖାଗଲା ତାହା ବୈଦିକ କହି ସେଗୁଡିକୁ ପୁରୁଣା ନଥିପତ୍ରରେ ଭର୍ତ୍ତି କରିବା ଅର୍ଥ ପ୍ରଫେସର ନରଲିକରଙ୍କ ଭାଷାରେ ପ୍ରାକ୍‌ସିପ୍ତ ବା inserted କୁହାଯାଇପାରେ ତାହା ଠାରୁ ଅଧିକ କିଛି ନୁହେଁ ।

## ସଂସ୍କୃତକୁ ଗୁରୁତ୍ୱ ଦେବା ପ୍ରସଂଗରେ

ଜାତୀୟ ଶିକ୍ଷାନୀତି-୨୦ରେ ସଂସ୍କୃତ ଭାଷା ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଏଥିରେ କୁହାଯାଇଛି ଯେ ସଂସ୍କୃତକୁ ତ୍ରୀଭାଷୀ ସୂତ୍ରର ଏକ ମଜବୁତ ବିକଳ୍ପ ଭାବରେ ବିଦ୍ୟାଳୟ ଓ ଉଚ୍ଚଶିକ୍ଷାର ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରଦାନ କରାଯିବ ।(NEP-20, clause 22.15 says - Sanskrit will be mainstreamed with strong offerings in school...as well as in higher education) ଯଦିଓ ଏହାକୁ ଇଚ୍ଛାଧିନ ବିଷୟ ଆକାରରେ ରଖାଯାଇଛି କିନ୍ତୁ ଏହା ପଛରେ ତାଙ୍କର ଉଦ୍ଦେଶ୍ୟ ହେଉଛି ସଂସ୍କୃକୁ ବାଧ୍ୟତାମୂଳକ ବିଷୟ ଆକାରରେ ଶିକ୍ଷା ଦେବା । ଏପରିକି ଇଂରାଜୀ ଭାଷା ଶିକ୍ଷାର ଗୁରୁତ୍ୱ ହ୍ରାସ କରି ସଂସ୍କୃତକୁ ମାତ୍ରାଧିକ ଗୁରୁତ୍ୱ ଆରୋପ କରିବା ।

ଏକଥା ସତ୍ୟ ଯେ ସଂସ୍କୃତ ହେଉଛି ଏକ ପ୍ରାଚୀନ ଭାଷା। ଏକଦା ଏହି ଭାଷାରେ ଅତ୍ୟନ୍ତ ସମୃଦ୍ଧ ସାହିତ୍ୟ ମଧ୍ୟ ସୃଷ୍ଟି ହୋଇଥିଲା। ବିଶ୍ୱ ଜ୍ଞାନ ଓ ସାହିତ୍ୟ ଭଣ୍ଡାରକୁ ଏହା ବୃଦ୍ଧିମନ୍ତ କରିଥିଲା। ବିଶ୍ୱ ସାହିତ୍ୟର ତୁଳନାତ୍ମକ ଅଧ୍ୟୟନରତ ଯେକୌଣସି ଗବେଷକ ସଂସ୍କୃତ ଭାଷା ସାହିତ୍ୟକୁ ଅଧ୍ୟୟନ କରି ନିଶ୍ଚିତ ଉପକୃତ ହେବେ। କିନ୍ତୁ ତା'ସହିତ ଏକଥା ମଧ୍ୟ ସତ ଯେ ହଜାର ହଜାର ବର୍ଷ ଧରି ସଂସ୍କୃତ ଭାଷା କେବଳ ତଥାକଥିତ ଉଚ୍ଚ ବଂଶଜ ଓ ବିଶେଷ କରି ଧର୍ମୀୟ ରୀତିନୀତିର ପ୍ରକାଶ ପାଇଁ ଉଦ୍ଦିଷ୍ଟ ବ୍ରାହ୍ମ ମାନଙ୍କ ଭାଷା ହୋଇ ରହିଥିଲା। ଏହା ଭାରତବର୍ଷର ସାର୍ବଜନୀନ ଭାଷା ବା lingua franca ନଥିଲା। ଏହାର ପ୍ରମାଣ ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର ଗ୍ରନ୍ଥରୁ ମିଳେ। "ସଂସ୍କୃତ ନାଟକରେ ସ୍ତ୍ରୀ, ଶୁଦ୍ର ଓ ଅଶିକ୍ଷିତ ମୁଖରେ ପ୍ରାକୃତ ଭାଷାରେ କଥା କୁହାଇବାର ବିଧି ନାଟ୍ୟଶାସ୍ତ୍ରରେ ନିୟମାବଦ୍ଧ ହୋଇଥିବାରୁ ଏକଥା ସ୍ପଷ୍ଟ ପ୍ରମାଣିତ ହୁଏ ଯେ ସଂସ୍କୃତ ଭାଷା ରଚନା ଓ ପ୍ରଚଳନ କେବଳ ସର୍ବସାଧାରଣ ପ୍ରାକୃତ ଭାଷାରେ ବାକ୍ୟାଳାପ କରୁଥିଲେ। ନାଟ୍ୟଶାସ୍ତ୍ରର ଆଦେଶ ଏହି ଯେ ସଂସ୍କୃତ ନାଟକରେ ଅଶିକ୍ଷିତମାନେ ଆପଣା ଭାଷାରେ ମନୋଗତ ଭାବ ବ୍ୟକ୍ତ କରିବେ। ପ୍ରଥମେ ପୈଶାଳୀ, ପାଲିର ବ୍ୟବହାର ଥିଲା। ପରେ ସୌରସେନୀ, ମଗଧ, ମରାଠୀ ମଧ୍ୟ ନାଟକରେ ସ୍ଥାନ ପାଇଲା।"(ଜଳନ୍ଧର ଦେବଙ୍କ ଭାରତୀୟ ସାହିତ୍ୟର ଅଭିବ୍ୟକ୍ତି ଓ ଗତି, ପୃଷ୍ଠା ୬୭ ଜଳନ୍ଧର ଦେବ ରଚନାବଳୀ, ପ୍ରଥମଖଣ୍ଡ)

ତେଣୁ ଏକଥା ସ୍ପଷ୍ଟ ଯେ ସଂସ୍କୃତ କଦାପି ଜନ ସମୁଦାୟର କଥିତ ଭାଷା ନଥିଲା। ଏହା କେବଳ ମୁଷ୍ଟିମେୟ ତଥାକଥିତ ଉଚ୍ଚବର୍ଗଙ୍କ ମଧ୍ୟରେ ଏକ କ୍ଲିଷ୍ଟ ଭାଷାରୂପେ ଅବସ୍ଥାନ କରୁଥିଲା। ସ୍ୱାମୀ ବିବେକାନନ୍ଦ ସଂସ୍କୃତ ଭାଷା ଶିକ୍ଷା ସଂପର୍କରେ କହିଛନ୍ତି - "ପ୍ରାଚୀନ କାଳରୁ ହିଁ ସଂସ୍କୃତ ଆମ ଦେଶରେ ଜ୍ଞାନ ଅର୍ଜନର ମାଧ୍ୟମ ହୋଇଥିବାରୁ ସାଧାରଣ ଲୋକ ଓ ପଣ୍ଡିତମାନଙ୍କ ମଧ୍ୟରେ ବିରାଟ ଦୂରତ୍ୱ ସୃଷ୍ଟି ହୋଇଥିଲା। ବୁଦ୍ଧଦେବଙ୍କ ଠାରୁ ଆରମ୍ଭ କରି ଚୈତନ୍ୟ ଓ ରାମକୃଷ୍ଣ ପର୍ଯ୍ୟନ୍ତ ପୃଥିବୀର ମଙ୍ଗଳପାଇଁ ସଂଗ୍ରାମ କରିଯାଇଥିବା ମହାପୁରୁଷମାନେ ସାଧାରଣ ଲୋକଙ୍କ ଭାଷାରେ ହିଁ ସେମାନଙ୍କୁ ଶିକ୍ଷା ଦେଇଛନ୍ତି। ଜ୍ଞାନ ଚର୍ଚ୍ଚା ଅବଶ୍ୟ ଏକ ଉତ୍ତମ ବିଷୟ। କିନ୍ତୁ ଜ୍ଞାନଚର୍ଚ୍ଚା କଣ ସଂସ୍କୃତ ଭଳି ଏକ କଠିନ, ଅବୋଧ, ଅସ୍ୱାଭାବିକ ଓ କୃତ୍ରିମ ଭାଷା ବ୍ୟତୀତ ସରଳ ଭାଷାରେ କରାଯାଇ ପାରିବନି।" (ରଚନାବଳୀ ଖଣ୍ଡ-୬) ତାଙ୍କ କଥାରୁ ଏକଥା ସ୍ପଷ୍ଟ ଯେ ସଂସ୍କୃତ ଭାଷା ଜ୍ଞାନାର୍ଜନ

କ୍ଷେତ୍ରରେ ଉପଯୁକ୍ତ ନଥିଲା ଏବଂ ଏହା ସାଧାରଣ ମଣିଷଠାରୁ ଯୋଗସୂତ୍ର ହରାଇ ବସିଥିଲା ।

ସମୟକ୍ରମେ ସଂସ୍କୃତ ଭାଷାର ଗୁରୁତ୍ୱ ତେଣୁ ହ୍ରାସ ପାଇବାରେ ଲାଗିଲା । ଆଧୁନିକ ଜ୍ଞାନ ବିଜ୍ଞାନର ବିକାଶ, ଅଗ୍ରଗତି ସହିତ ସମାଜର ପ୍ରୟୋଜନୀୟତା ସହିତ ସଂସ୍କୃତ ଭାଷାର ଶବ୍ଦ ଭଣ୍ଡାର ଓ ବ୍ୟାକରଣର ଯେଉଁ ବିକାଶ, ଅଭିବୃଦ୍ଧିର ଆବଶ୍ୟକତା ଥିଲା ତାହା ନ ହୋଇପାରିବା ହେତୁ ଏହାର ବ୍ୟବହାରିକ ଆବଶ୍ୟକତା ଆହୁରି ହ୍ରାସ ପାଇବାରେ ଲାଗିଲା । ତା' ସ୍ଥାନରେ ଅନ୍ୟାନ୍ୟ ଭାରତୀୟ ଭାଷାଗୁଡ଼ିକ ସମୃଦ୍ଧ ହେବାରେ ଲାଗିଲା । ତାହା ସଂସ୍କୃତ ଅପେକ୍ଷା ସରଳ, ସାବଲୀଳ ହେବାରେ ଲାଗିଲା । ସେ ପର୍ଯ୍ୟନ୍ତ ସମାଜର ବଡପଣ୍ଡାମାନେ ମନେ କରୁଥିଲେ ଶାସ୍ତ୍ର ପୁରାଣାଦି ବିଷୟ କେବଳ ଦିବ୍ୟ ଭାଷା ସଂସ୍କୃତରେ ହିଁ ରଚନା କରାଯାଇ ପାରିବ । ତେଣୁ ଏହି ଭାରତୀୟ ଭାଷାସମୂହ ନିଜସ୍ୱ ଭାଷାରେ ସାହିତ୍ୟାଦି ସୃଷ୍ଟି କରିବା ପାଇଁ ସଂସ୍କୃତ ଭାଷା ବିରୁଦ୍ଧରେ ସଂଗ୍ରାମ କରିବାକୁ ପଡିଛି । ସାହିତ୍ୟକୁ, ଶାସ୍ତ୍ର ପୁରାଣାଦିକୁ ଲୋକାଭିମୁଖୀ କରିବା ପାଇଁ ସଂସ୍କୃତର ଠିକାଦାରମାନଙ୍କ ରୋଷର ଶିକାର ହେବାକୁ ପଡିଛି । ଓଡିଆ ସାହିତ୍ୟର ଆଦିକବି ସାରଳା ଦାସ ଏହି ବଡପଣ୍ଡାଙ୍କ ରୋଷରୁ ବର୍ଞ୍ଚି 'ଓଡିଆ ମହାଭାରତ' ଭଳି କାବ୍ୟ ରଚନା କରିବା ପାଇଁ ନିଜକୁ ଅପଣ୍ଡିତ ମୁର୍ଖ ବୋଲି କହି ଦେବୀ ସାରଳାଙ୍କ ସ୍ୱପ୍ନାଦେଶ ଫଳରେ ସେ ଲେଖୁଛନ୍ତି ବୋଲି କାହାଣୀର ଅବତାରଣା କରି ନିଜକୁ ସିଦ୍ଧେଶ୍ୱର ପରିଡାରୁ ସାରଳାଙ୍କ ଦାସ 'ସାରଳା ଦାସ' ନାମ ଧାରଣ କରି କାବ୍ୟ ରଚନା କରିବାକୁ ପଡିଲା । ଓଡିଆ ଭାଷାରେ ରଚିତ କବି ଜଗନ୍ନାଥ ଦାସଙ୍କ ଓଡିଆ ଭାଗବତକୁ ବହୁ ବର୍ଷ ତେଲି ଭାଗବତ ବୋଲି ଆଖ୍ୟାୟିତ କରି ପଣ୍ଡିତ ବ୍ରାହ୍ମଣମାନେ ବର୍ଜନ କରିଥିଲେ ।

ସେତେବେଳେ କଟ୍ଟରପନ୍ଥୀ ମୁସଲମାନମାନଙ୍କ ପାଇଁ ଆରବିକ, କଟ୍ଟରପନ୍ଥୀ ଖ୍ରୀଷ୍ଟିଆନମାନଙ୍କ ପାଇଁ ଲାଟିନ ଭଳି ସଂସ୍କୃତ ଭାଷା କଟ୍ଟରପନ୍ଥୀ ବ୍ରାହ୍ମଣ୍ୟଧର୍ମର ପ୍ରତିକରେ ପରିଣତ ହୋଇଥିଲା । ପରବର୍ତ୍ତି ସମୟରେ କଟ୍ଟରପନ୍ଥୀ ମାନେ ଏହି ସଂସ୍କୃତକୁ ଆୟୁଧ କରି ପୁରାତନ, ପଚମାନ, ସାମନ୍ତୀ ଚିନ୍ତାଚେତନା, ଧର୍ମୀୟ ଅନ୍ଧତା, କୁସଂସ୍କାର, କୁପମଣ୍ଡୁକତାକୁ ସୁରକ୍ଷା ଦେଇ ନବଜାଗରଣର ଗଣତାନ୍ତ୍ରିକ, ଧର୍ମନିରପେକ୍ଷ, ବୈଜ୍ଞାନିକ ଯୁକ୍ତିବାଦୀ ଚିନ୍ତା ଚେତନା ମୂଲ୍ୟବୋଧ, ଧାରଣାକୁ ପ୍ରତିହତ କରିବାକୁ ଚାହିଁଛନ୍ତି । ସେଥିପାଇଁ ନବଜାଗରଣ ଯୁଗରେ

ୟୁରୋପରେ କାଗଜ ଓ ମୁଦ୍ରଣଯନ୍ତ୍ରର ଉଦ୍ଭାବନ ଫଳରେ ସେଠାରେ ମଧ୍ୟ ନବଜାଗରଣ ଚିନ୍ତାକୁ ଜନଗଣଙ୍କ ନିକଟକୁ ନେଇଯିବା ପାଇଁ ଗ୍ରୀକ ଏବଂ ଲାଟିନ ଭାଷା ବିପକ୍ଷରେ ସେଠାକାର ଆଞ୍ଚଳିକ ସରଳ ଭାଷରେ ରେନେସାଁ ବାର୍ତ୍ତାବହ ସାହିତ୍ୟକୃତି ସମୂହର ରଚନା ଅର୍ଥାତ୍ ସାହିତ୍ୟକରଣ କରିଥିଲେ।

ଭାରତବର୍ଷରେ ମଧ୍ୟ ଆଧୁନିକ ଶିକ୍ଷାରେ ଶିକ୍ଷିତ ଗୋଷ୍ଠି ଅନୁଭବ କରିଥିଲେ ଯେ ସଂସ୍କୃତ ଭାଷାରେ ରଚିତ ବେଦ ଉପନିଷଦ ପୁରାଣ ଆଦି ପାଠକରି ବିଶ୍ୱର ଉନ୍ନତ ଆଧୁନିକ ଜ୍ଞାନ ବିଜ୍ଞାନ ସଂପର୍କରେ ଜାଣିବା ଅସମ୍ଭବ ଯାହା ଭାରତର ପଛୁଆ ସମାଜର ବିକାଶ ଘଟାଇ ପାରିବ ନାହିଁ। ଏପରିକି ଜନଗଣଙ୍କ ମଧ୍ୟରେ ସ୍ୱାଧୀନତାର ଚେତନା ମଧ୍ୟ ଜାଗ୍ରତ କରିବା ସମ୍ଭବ ନୁହେଁ। ତେଣୁ ତତକାଳୀନ ନବଜାଗରଣର ମନିଷୀମାନେ ସଂସ୍କୃତ ଅପେକ୍ଷା ଇଂରାଜୀ ଏବଂ ଭାରତୀୟ ପ୍ରାନ୍ତୀୟ ଭାଷାରେ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଭାରତବର୍ଷର ନବଜାଗରଣର ଅଗ୍ରଦୂତ ରାଜା ରାମମୋହନ ରାୟ ସଂସ୍କୃତ ଶିକ୍ଷାକୁ ବିରୋଧ କରି କହିଥିଲେ – "ସଂସ୍କୃତ ଭାଷା ଏତେ କଠିନ ଯେ ଏହା ସହିତ ଭଲ ଭାବରେ ପରିଚିତ ହେବା ପାଇଁ ସାରା ଜୀବନ ମଧ୍ୟ ଯଥେଷ୍ଟ ହେବ ନାହିଁ। ଏଥିପାଇଁ ହିଁ ଏହି ଭାଷା ଯୁଗ ଯୁଗ ଧରି ଆମ ଦେଶରେ ଜ୍ଞାନର ପ୍ରସାର କ୍ଷେତ୍ରରେ ମୁଖ୍ୟ ବାଧା ଭାବେ ଠିଆ ହୋଇଛି। ଏହି ଭାଷା ଶିକ୍ଷା ପାଇଁ ଯାହା ପରିଶ୍ରମ କରିବାକୁ ହେବ ସେ ତୁଳନାରେ ଏହାଦ୍ୱାରା ଲବ୍ଧ ଉପକାର ଅତ୍ୟନ୍ତ ନଗଣ୍ୟ।"(ଲର୍ଡ ଆମହର୍ଷ୍ଟଙ୍କ ନିକଟକୁ ଚିଠି, ୧୧ ଡିସେମ୍ବର, ୧୮୨୩)

ଭାରତବର୍ଷର ନବଜାଗରଣର ଶ୍ରେଷ୍ଠ ଅଭିବ୍ୟକ୍ତି ମହାନ ପାର୍ଥିବ ମାନବତାବାଦୀ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ନିଜେ ସଂସ୍କୃତରେ ବିଦ୍ୱାନ ଥିବା ସତ୍ତ୍ୱେ ପ୍ରାଚୀନ ସଂସ୍କୃତ ବଦଳରେ ବିଜ୍ଞାନ, ଇଂରାଜୀ ପଢାଇବାକୁ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ "ଭାରତର ଶିକ୍ଷିତ ଲୋକମାନେ ଧର୍ମୀୟ ଅସହିଷ୍ଣୁତା କ୍ଷେତ୍ରରେ ଆରବୀୟମାନଙ୍କ ଠାରୁ କୌଣସି ଗୁଣରେ କମ ନୁହନ୍ତି। ସେମାନେ କହନ୍ତି ଯେ ସେମାନଙ୍କ ଶାସ୍ତ୍ରରେ ଯାହା ସବୁ ଅଛି ସେ ସବୁ ସର୍ବଦ୍ରଷ୍ଟା ଋଷିମାନଙ୍କର ମୂଖନିସୃତ ବାଣି ଏବଂ ସେଥିପାଇଁ ପ୍ରଶ୍ନାତୀତ। ଆଲୋଚନା ବା କଥାବାର୍ତ୍ତା ପ୍ରସଂଗରେ ଯେତେବେଳେ ୟୁରୋପର ବୈଜ୍ଞାନିକମାନଙ୍କ ଦ୍ୱାରା କିଛି ନୂଆ ଉଦ୍ଭାବନ ବିଷୟ ସେମାନଙ୍କୁ କୁହାଯାଏ, ସେମାନେ ସେ ସବୁକୁ ହସରେ ଉଡାଇ ଦିଅନ୍ତି। ଆମ

ଦେଶର ଏହି ଅଞ୍ଚଳ ବିଶେଷକରି କଲିକତା ଓ ଏହାର ଆଖପାଖ ଅଞ୍ଚଳରେ ଶିକ୍ଷିତ ଲୋକମାନଙ୍କ ମଧ୍ୟରେ ଏକ ବିଶେଷ ଧରଣର ମାନସିକତା ସୃଷ୍ଟି ହୋଇଛି । ଯାହା ଫଳରେ ସେମାନେ ପ୍ରତ୍ୟେକ ବୈଜ୍ଞାନିକ ସତ୍ୟକୁ ସେମାନଙ୍କ ଶାସ୍ତ୍ର ମାନଙ୍କରୁ ହିଁ ଖୋଜିପାଉଛନ୍ତି । ସମସ୍ତ ନୂତନ ଆବିଷ୍କାର ଓ ଉଦ୍ଭାବନକୁ ଶାସ୍ତ୍ରସମ୍ମତ ବୋଲି ପ୍ରଚାର କରି ଶାସ୍ତ୍ରକାରମାନଙ୍କ ପ୍ରତି କୁସଂସ୍କାରାଚ୍ଛନ୍ନ ସମ୍ମାନ ବହୁଗୁଣିତ କରାଯାଉଛି ।"

ପୁନଶ୍ଚ ଆଜି ଯଦି କେହି ପ୍ରାଚୀନ ବୈଜ୍ଞାନିକମାନଙ୍କ କାର୍ଯ୍ୟାବଳୀ ସଂପର୍କରେ ଅଧ୍ୟୟନ କରିବାକୁ ଚାହାଁନ୍ତି, ଆଉ ସଂସ୍କୃତ ପଢିବା ଆବଶ୍ୟକ ନାହିଁ । ଏସବୁର ଅତ୍ୟାବଶ୍ୟକୀୟ ମୂଳନୀତି ଗୁଡିକ ଆଧୁନିକ ସରଳ ଭାଷାରେ ଛାତ୍ରଛାତ୍ରୀମାନଙ୍କ ନିକଟରେ ଉପଲବ୍ଧ । ଆଜି ଯେମିତି ନିଉଟନଙ୍କ ଦ୍ୱାରା ଆବିଷ୍କୃତ ସୂତ୍ରାବଳୀ ପଢିବା ପାଇଁ ଆଉ ଲାଟିନ ଭାଷା ଶିକ୍ଷାର ଆବଶ୍ୟକତା ନାହିଁ । ସେହିପରି ସଂସ୍କୃତ ସମେତ ବିଶ୍ୱର ଯେକୌଣସି ଭାଷାର ଜ୍ଞାନଭଣ୍ଡାର ଇଂରାଜୀ ଭାଷାରେ ଉପଲବ୍ଧ । ଇଂରାଜୀ ଆଜି ବିଶ୍ୱର ଏକ ଉନ୍ନତ ଏବଂ ସାର୍ବଜନୀନ ଭାବେ ଗ୍ରହଣୀୟ ଭାଷା ଭାବେ ପ୍ରତିଷ୍ଠିତ । ଆମ ଦେଶରେ ମଧ୍ୟ ବିଭିନ୍ନ ଭାଷାଭାଷୀ ଲୋକଙ୍କୁ ଯୋଡିବା ପାଇଁ ଏକ lingua franca ଭାବେ କାର୍ଯ୍ୟକରୁଛି । ସରକାରୀ, ବେସରକାରୀ ଅଫିସ ଦପ୍ତର ସ୍କୁଲ କଲେଜଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ ଇଂରାଜୀ ଭାଷାରେ ହିଁ ହୋଇଆସୁଛି । ତେଣୁ ଆଜି ସଂସ୍କୃତ ବଦଳରେ ମାତୃଭାଷା ସହିତ ଇଂରାଜୀ ଭାଷା ଶିକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭାଷା ହେଉଛି ଚିନ୍ତାର ବାହକ । ଉନ୍ନତ ଚିନ୍ତାକୁ ପରିପ୍ରକାଶ କରିବା ପାଇଁ ଉନ୍ନତ ଭାଷାର ଅର୍ଥାତ ଉନ୍ନତ ଶବ୍ଦ ଭଣ୍ଡାର ଓ ବ୍ୟାକରଣର ପ୍ରୟୋଜନ ରହିଁଛି । ଭାଷାକୁ ସ୍ରୋତସ୍ୱିନୀ କୁହାଯାଏ । ଉନ୍ନତ ଚିନ୍ତା ଚେତନା ଜ୍ଞାନ ବିଜ୍ଞାନର ପରିପ୍ରକାଶ ପାଇଁ ଭାଷା ସ୍ରୋତସ୍ୱିନୀରେ ପ୍ରତିନିୟତ ନୂତନ ଶବ୍ଦ ସୃଷ୍ଟି କରି, ସଂଯୋଗକରି ଏହାକୁ ସମୃଦ୍ଧ କରିବାର ଆବଶ୍ୟକ ପଡେ । ତେଣୁ ଏ ଯୁଗର ଉନ୍ନତ ଜ୍ଞାନ ବିଜ୍ଞାନ ଚିନ୍ତା ଚେତନାକୁ ଆହରଣ କରିବା, ତାକୁ ପରିପ୍ରକାଶ କରିବା ଲାଟିନ୍ ଗ୍ରୀକ କିମ୍ୱା ସଂସ୍କୃତ ଭଳି ସ୍ଥବିର ମୃତପ୍ରାୟ ଭାଷା ଦ୍ୱାରା ସମ୍ଭବ ନୁହେଁ । କିନ୍ତୁ ସରକାର ସଂସ୍କୃତ ଭାଷା ଶିକ୍ଷା ପାଇଁ ଅର୍ଥ, ସମୟ ଅପଚୟ କରିବା ପାଇଁ ତତ୍ପର । ଏହା ଦ୍ୱାରା ଉଗ୍ରଜାତୀୟତା ସୃଷ୍ଟି କରିବା ହେଉଛି ଅସଲ ଉଦ୍ଦେଶ୍ୟ । ଯାହା ଆଦୌ ଗ୍ରହଣୀୟ ନୁହେଁ । ପୁଣି ଆମ ଦେଶରେ ସଂସ୍କୃତ ଭାଷା ପଢିବା ଗବେଷଣା କରିବାକୁ ବହୁ ଶିକ୍ଷାନୁଷ୍ଠାନ

ରହିଛି । ତେଣୁ ସଂସ୍କୃତ ଭାଷା ଉପରେ ମାତ୍ରାଧିକ ଗୁରୁତ୍ୱ ଦେବାର କୌଣସି ଆବଶ୍ୟକତା ନାହିଁ ।

## ବିଶ୍ୱ ଜ୍ଞାନ ଭଣ୍ଡାରରେ ଭାରତର ଅବଦାନ

ପୂର୍ବ ଆଲୋଚନାରେ ଆମେ ଦେଖିଲେ ଜ୍ଞାନକୁ କୌଣସି ଜାତୀୟ ରାଷ୍ଟ୍ରର ପରିଧି ମଧ୍ୟରେ ଆବଦ୍ଧ କରାଯାଇ ପାରେନା । ଏହା ମାନବ ସଭ୍ୟତାର ସମ୍ପଦ । ସମସ୍ତଙ୍କ ପାଇଁ ସମାନ ଭାବେ ଉପଲବ୍ଧ । ଭାରତର ଇତିହାସକୁ ବୈଜ୍ଞାନିକମାନେ ୫ଟି ସ୍ତରରେ ବିଭକ୍ତ କରିଛନ୍ତି ।

ପ୍ରଥମ ସ୍ତର – ସିନ୍ଧୁ ସଭ୍ୟତା – ୩୫୦୦ BC ରୁ ୧୮୦୦BC

ଦ୍ୱିତୀୟ ସ୍ତର – ବୈଦିକ ଯୁଗ – ୧୫୦୦BC ରୁ 600BC

ତୃତୀୟ ସ୍ତର – ପରବର୍ତ୍ତୀ ବୈଦିକ ଯୁଗ – ୬୦୦BC ରୁ ୧୧୦୦AD

ଚତୁର୍ଥ ସ୍ତର – ମଧ୍ୟ ଯୁଗ – ୧୧୦୦AD ରୁ ୧୮୫୦AD

ପଞ୍ଚମ ସ୍ତର – ଆଧୁନିକ ଯୁଗ – ୧୮୫୦ AD ରୁ ବର୍ତ୍ତମାନ ପର୍ଯ୍ୟନ୍ତ

କେଉଁ ଆଧାରରେ ଏସବୁ କଥା କୁହାଯାଇଛି ? କାହାର ମସ୍ତିଷ୍କ ପ୍ରସୂତ କାଳ୍ପନିକ କଥା ଦ୍ୱାରା ନୁହେଁ । ବରଂ ବୈଜ୍ଞାନିକମାନେ ପ୍ରତ୍ନତାତ୍ତ୍ୱିକ ଖନନ ଏବଂ ତାର କାର୍ବନ ଡେଟିଙ୍ଗ ସାହାଯ୍ୟରେ ଏହା ପ୍ରତିପାଦନ କରିଛନ୍ତି । ବୈଦିକ ଯୁଗରେ ଯେହେତୁ କୌଣସି ପ୍ରତ୍ନତାତ୍ତ୍ୱିକ ଖନନର ପ୍ରମାଣ ମିଳି ନାହିଁ ସେଥିପାଇଁ ଯେଉଁ ସମସ୍ତ ସାହିତ୍ୟ ଅଛି ସେଗୁଡିକୁ ଅଧ୍ୟୟନ କରାଯାଇ ବୈଦିକ ଯୁଗର ସମୟ ଅବଧି ସ୍ଥିର କରାଯାଇଛି । ଜୈନ ଏବଂ ବୌଦ୍ଧ ଧର୍ମର ପ୍ରଚାର ପ୍ରସାର ଭିତର ଦେଇ ବୈଦିକ ଯୁଗର ଶେଷ ଏବଂ ପରବର୍ତ୍ତୀ ବୈଦିକ ଯୁଗର ଆରମ୍ଭ ହୋଇଥିଲା । ଏହି ସମୟ ଭିତରେ ଜ୍ଞାନ ବିଜ୍ଞାନ, ଗଣିତରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଥିଲା । ସେହି ସମୟରେ ଆର୍ଯ୍ୟଭଟ୍ଟ, ବ୍ରହ୍ମଗୁପ୍ତ, ଭାସ୍କରା – ୨ ପ୍ରଭୃତି ବୈଜ୍ଞାନିକମାନଙ୍କର ଅବଦାନ ରହିଥିଲା । ତାପରେ ମଧ୍ୟ ଯୁଗରେ ଅର୍ଥାତ୍ ଗୁପ୍ତ ବଂଶ, ମୌର୍ଯ୍ୟ ବଂଶର ଉତଥାନ ଭିତର ଦେଇ ପୁଣି ବୈଜ୍ଞାନିକ ଚର୍ଚ୍ଚା ଆଲୋଚନା କ୍ଷେତ୍ରରେ ଶିଥିଳତା ଦେଖାଦେଲା । ୧୧୦୦AD ରୁ ୧୮୫୦AD ପର୍ଯ୍ୟନ୍ତ ଏହି ସମୟ ଭିତରେ ସେହିଭଳି କୌଣସି ଉଲ୍ଲେଖନୀୟ କାମ ହୋଇନି । ମାତ୍ର ଅଷ୍ଟାଦଶ ଶତାବ୍ଦୀ ଶେଷ ଏବଂ ଊନବିଂଶ

ଶତାବ୍ଦୀ ପ୍ରଥମଭାଗ ପରେ ନବଜାଗରଣ ଗଣତାନ୍ତ୍ରିକ ଚିନ୍ତା ଚେତନା ଏବଂ ମଣିଷ କେନ୍ଦ୍ରିକ ଚିନ୍ତା ଭାବନାକୁ ଭିତ୍ତି କରି ପୁଣିଥରେ ଜ୍ଞାନ ବିଜ୍ଞାନ, ସାହିତ୍ୟ କ୍ଷେତ୍ରରେ ବହୁ ଅଗ୍ରଗତି ଘଟିଥିଲା । ରାଜା ରାମମୋହନଙ୍କ ଠାରୁ ଆରମ୍ଭ କରି ବିଦ୍ୟାସାଗର, ଫୁଲେ, ଫକୀରମୋହନ ସେନାପତି, ପ୍ରେମଚାନ୍ଦ, ଜଗଦିଶ୍ ଚନ୍ଦ୍ର ବୋଷ, ପ୍ରଫୁଲ୍ଲ ଚନ୍ଦ୍ର ରାୟ, ସି.ଭି ରମଣ, ରାମାନୁଜନ, ମେଘନାଦ୍ ଶାହା, ଏସ୍.ଏନ୍ ବୋଷ ଭଳି ବହୁ ସାହିତ୍ୟିକ, ବୈଜ୍ଞାନିକ, ଗଣିତଜ୍ଞ ମାନଙ୍କର ଆବିର୍ଭାବ ଘଟିଥିଲା । ତେବେ ଆସନ୍ତୁ ପ୍ରାଚୀନ ଭାରତରେ ହୋଇଥିବା ବୈଜ୍ଞାନିକ ଆବିଷ୍କାର ସଂପର୍କରେ ଚୁମ୍ବକରେ ଆଲୋଚନା କରିବା ।

**ସିନ୍ଧୁ ସଭ୍ୟତା** – ପୂର୍ବ ଆଲୋଚନାରେ ଆମେ ସିନ୍ଧୁ ସଭ୍ୟତାର ଉତ୍ପତ୍ତି, କ୍ରମ ବିକାଶ ଏବଂ ଅବଲୁପ୍ତିର ସ୍ତର ଦେଖିଲେ । ସିନ୍ଧୁ ସଭ୍ୟତାର ସବୁଠାରୁ ଉଲ୍ଲେଖନୀୟ ବିଶେଷତ୍ୱ ହେଉଛି ସିଭିଲ ଇଞ୍ଜିନିୟରିଂ, ଜ୍ୟାମିତି, ସ୍ଥାପତ୍ୟ ବିଜ୍ଞାନ, ଜଳ ସେଚନ, କୃଷି, ନଦୀରେ ଡ୍ୟାମ ତିଆରି, ଜଳ ସଂରକ୍ଷଣ ଓ ନିଷ୍କାସନ ଏବଂ ଇଟାର ବ୍ୟବହାର ଇତ୍ୟାଦି ।

**ବୈଦିକ ସଭ୍ୟତା** – ପ୍ରାୟ ଖ୍ରୀ.ପୂ ୧୫୦୦ ରୁ ଖ୍ରୀ.ପୂ ୬୦୦ ବୌଦ୍ଧ ଯୁଗର ଆରମ୍ଭ ପର୍ଯ୍ୟନ୍ତ (Budhist Era) ଏହି ୧୦୦୦ ବର୍ଷକୁ ବୈଦିକ ଯୁଗ ବୋଲି କୁହାଯାଏ । ବୈଦିକ ଯୁଗରେ ବ୍ୟବହାର ହେଉଥିବା ବସ୍ତୁ ଯଥା ଘର, ଉପକରଣ, ଅସ୍ତ୍ରଶସ୍ତ୍ରର ଅବଶେଷାଂଶ କିଛି ବି ଦେଖିବାକୁ ମିଳେନାହିଁ । ବେଦ, ବେଦାନ୍ତ, ପୁରାଣ, ଉପନିଷଦ, ସଂହିତା ସେ ସମୟର (Intellectual Creation)ବୌଦ୍ଧିକ ସୃଷ୍ଟି । ସେହି ସମୟର ବସ୍ତୁନିଷ୍ଠ ପ୍ରମାଣ (Material Object)ର ଅଭାବ ଯୋଗୁଁ ବୈଦିକ ଯୁଗର ସମୟ ସୀମା ମଧ୍ୟରେ ଚିକିତ୍ସା ଶାସ୍ତ୍ର, ଜ୍ୟୋତିର୍ବିଜ୍ଞାନ, ଗଣିତଶାସ୍ତ୍ର ଓ ସାଂସ୍କୃତିକ ଅଗ୍ରଗତି ଜାଣିବା ପାଇଁ ବେଦ, ବେଦାନ୍ତ ଉପନିଷଦ, ପୁରାଣ ସଂହିତା ଭଳି ସାହିତ୍ୟିକ ଗ୍ରନ୍ଥଗୁଡିକ ହିଁ ଏକମାତ୍ର ମୂଲ୍ୟାୟନ (Objective Assessment)ର ଉତ୍ସ । ଏହି ଗ୍ରନ୍ଥଗୁଡିକରୁ ଜଣାପଡେ ବୈଦିକ ଯୁଗର ଲୋକମାନେ ଗଣନା ପାଇଁ ୯ଟି ବିଭିନ୍ନ ସଂକେତ ବ୍ୟବହାର କରୁଥିଲେ । ଶୂନ(୦)ର ଆବିଷ୍କାର ହୋଇନଥିଲା, ଆଧୁନିକ ସଂଖ୍ୟା ଲେଖିବା ପ୍ରଣାଳୀ ଉଦ୍ଭାବନ ହୋଇନଥିଲା, ସେଥିପାଇଁ ଦଶ ଲେଖିବା ପାଇଁ ଗୋଟିଏ ସଂକେତ ବ୍ୟବହାର କରୁଥିଲେ । ସେହିପରି କୋଡିଏ , ତିରିଶ, ଶହେ, ହଜାର... ଇତ୍ୟାଦି ଲେଖିବା

ପାଇଁ ଭିନ୍ନ ଭିନ୍ନ (Symbol) ସଂକେତ ବ୍ୟବହାର କରୁଥିଲେ । ଏ ସବୁ ସତ୍ତ୍ୱେ ବି ବୈଦିକ ଯୁଗରେ ଏତେ ବଡ ବଡ ସଂଖ୍ୟାର ବ୍ୟବହାର ଦେଖି ବୈଜ୍ଞାନିକମାନେ ବିସ୍ମିତ ହୋଇପଡିଛନ୍ତି । ଉଦାହରଣ ସ୍ୱରୂପ 'ତୈତିରୀୟ ସଂହିତା'ରେ ଗାଣିତିକ ଅନୁପାତ (Arithmatic Progression) ଓ ଜ୍ୟାମିତିକ ଅନୁପାତ (Geometric Progression) ଉଲ୍ଲେଖ ରହିଛି । ସେମାନଙ୍କୁ ମିଶାଣ, ଫେଡାଣ, ଗୁଣନ ଓ ବିଭାଜନର ପ୍ରକ୍ରିୟା ଜଣାଥିଲା । ଦୁଇ, ତିନି ଇତ୍ୟାଦି ସଂଖ୍ୟାର ବର୍ଗମୂଳ ବାହାର କରିବାର ପ୍ରଚେଷ୍ଟା କରିଥିବା ଦେଖିବାକୁ ମିଳେ । ଯଜ୍ଞବେଦୀ (ପୂଜା ମଣ୍ଡପ) ତିଆରି କରିବାର ପ୍ରୟୋଜନରୁ ଜ୍ୟାମିତିର କିଛି କିଛି ସମସ୍ୟାର ସମାଧାନ ବୈଦିକ ଯୁଗରେ ହୋଇଥିବା ଦେଖିବାକୁ ମିଳେ । ଯାହା 'ସତପଥ ବ୍ରାହ୍ମଣ' ଓ 'ତୈତିରୀୟ ସଂହିତା'ରେ ଦେଖିବାକୁ ମିଳେ । ଜ୍ୟାମିତି କ୍ଷେତ୍ରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି 'ସୁଲ୍‌ଭସୂତ୍ର'ରେ ଦେଖିବାକୁ ମିଳେ । ଏହି ଗ୍ରନ୍ଥ ଖ୍ରୀ.ପୂ ୮୦୦ରୁ ଖ୍ରୀ.ପୂ ୨୦୦ ମଧ୍ୟରେ ଲେଖା ହୋଇଥିବାର ଅନୁମାନ କରାଯାଏ । ଲକ୍ଷ୍ୟ କରିବାର ବିଷୟ ହେଉଛି ସଂପ୍ରତି ବିଭିନ୍ନ ରାଜ୍ୟରେ ପଢାଯାଉଥିବା 'ବୈଦିକ ଗଣିତ' ସହିତ ବୈଦିକ ଯୁଗରେ ଗଣିତଶାସ୍ତ୍ରର ଯେଉଁ ବାସ୍ତବ ଅଗ୍ରଗତି ଘଟିଥିଲା, ତା'ର କୌଣସି ସଂପର୍କ ନାହିଁ ।

ବୈଦିକ ଯୁଗର ଶେଷ ପର୍ଯ୍ୟାୟରେ ପଶୁପାଳନ ସହ ଚାଷବାସ କରିବା ଆରମ୍ଭ ହୋଇଥିଲା । ବିହନ ବୁଣିବା, ଉତ୍ପାଦନ ବା ଅମଳ କରିବା, ଅନ୍ୟାନ୍ୟ ଚାଷବାସର ତଥା ଯଜ୍ଞ ଓ ବିଭିନ୍ନ ପବିତ୍ର କାର୍ଯ୍ୟର ସମୟ ନିର୍ଦ୍ଧାରଣ ଉଦ୍ଦେଶ୍ୟରେ ସମୟ ସାରଣୀ (Calender) ତିଆରି କରାଯାଇଥିଲା । ଏହି କ୍ୟାଲେଣ୍ଡର ପ୍ରସ୍ତୁତ କରିବା ପାଇଁ ବୈଦିକ ଯୁଗର ଲୋକମାନେ ଆକାଶର ଗ୍ରହ ନକ୍ଷତ୍ରଗୁଡିକର ଗତିବିଧିକୁ ପର୍ଯ୍ୟବେକ୍ଷଣ କରିବା ଆରମ୍ଭ କରିଥିଲେ । ସୂର୍ଯ୍ୟଙ୍କର ଉତ୍ତରାୟନ ଗତି ଓ ଦକ୍ଷିଣାୟନ ଗତି । ଏହି ୨ ଭାଗକୁ ମିଶାଇ ଏକ ବର୍ଷ ବୋଲି ଗଣନା କରାଯାଉଥିଲା । ଯର୍ଯୁବେଦରେ ଗୋଟିଏ ବର୍ଷକୁ ୧୨ ମାସ ଓ ୬ଟି ଋତୁରେ ବିଭକ୍ତ କରାଯାଇଥିବାର ଲକ୍ଷ୍ୟ କରାଯାଏ । ଚନ୍ଦ୍ରର ଗତିବିଧି ଅନୁଯାୟୀ ମାସ ଏବଂ ତା ମଧ୍ୟରେ ଯଜ୍ଞ ଓ ଅନ୍ୟାନ୍ୟ ଶୁଭ ଦିନଗୁଡିକ ନିର୍ଦ୍ଧାରଣ କରାଯାଉଥିଲା । ସୂର୍ଯ୍ୟ ଓ ଚନ୍ଦ୍ରର ଗତିପଥରେ ୨୭ ଟି ନକ୍ଷତ୍ରର ନାମକରଣ କରାଯାଇଥିଲା ଏବଂ ତାହା ସାହାଯ୍ୟରେ ସୂର୍ଯ୍ୟ ଓ ଚନ୍ଦ୍ରର ଗତି ନିରୁପଣ କରାଯାଇଥିଲା ।

ସବୁଠାରୁ ଅଭୁତପୂର୍ବ ଅଗ୍ରଗତି ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ହୋଇଥିଲା । ଅଥର୍ବ ବେଦର ବିଭିନ୍ନ ଶ୍ଳୋକରେ ଶରୀର ବ୍ୟବଚ୍ଛେଦବିଦ୍ୟା (Anatomy), ଶରୀର ବିଦ୍ୟା (Physiology), ଭେଷଜ ବିଦ୍ୟା (Medicine) ଏବଂ ଚିକିତ୍ସା ପଦ୍ଧତି ସମ୍ବନ୍ଧରେ ଯେଉଁ ସବୁ ତଥ୍ୟ ରହିଛି ତାହା ଆଧୁନିକ ଚିକିତ୍ସା ବିଜ୍ଞାନ ଅନୁଯାୟୀ ସଂପୂର୍ଣ୍ଣ ଠିକ୍ ନ ହେଲେ ବି ସେ ଯୁଗରେ ପୃଥିବୀର ଅନ୍ୟାନ୍ୟ ଦେଶରେ ଜ୍ଞାନର ଯେଉଁ ସ୍ତର ଦେଖାଯାଏ ତାହାଠାରୁ ଅନେକ ଆଗୁଆ ଥିଲା ।

ଏହାରି ଧାରବାହିକତାରେ ଆୟୁର୍ବେଦିକ ଚିକିତ୍ସା ଶାସ୍ତ୍ର ଲେଖା ହୁଏ । ଯାହାର ଆଠଟି ଅଧ୍ୟାୟରେ ସେ ସମୟର ଚିକିତ୍ସା ବିଦ୍ୟା ସଂପର୍କିତ ସମସ୍ତ ଜ୍ଞାନ ସୁସଂଯୋଜିତ ଭାବେ ସଂକଳିତ କରାଯାଇଛି । ଏହି ଆଠଟି ଭାଗ ହେଲା- ଭେଷଜ ବିଦ୍ୟା, ଶଲ୍ୟ ଚିକିତ୍ସା (Surgery), ଚକ୍ଷୁ, କର୍ଣ୍ଣ, ନାସା ଓ ଗଳା ଚିକିତ୍ସା, ମାନସିକ ଚିକିତ୍ସାଶାସ୍ତ୍ର (Psyschological), ଶିଶୁ ଚିକିତ୍ସା ଶାସ୍ତ୍ର, ବିଷ ଓ ବିଷକ୍ରିୟାର ପ୍ରଭାବ, ରସାୟନ ତନ୍ତ୍ର ଓ ଔଷଧ ତିଆରି ପ୍ରଣାଳୀ, ଯୌନରୋଗ ଚିକିତ୍ସା । ସେହି ଯୁଗର ଅଭିଜ୍ଞତାଲବ୍ଧ ଜ୍ଞାନକୁ ଏହିଭଳି ଭାବରେ ସୁଶୃଙ୍ଖଳିତ କରିବାର ପ୍ରକ୍ରିୟା ନିଶ୍ଚିତ ଭାବରେ ପ୍ରଶଂସନୀୟ ।

**ଦର୍ଶନ କ୍ଷେତ୍ରରେ ଅବଦାନ -** ଋକ୍ ବେଦର ମୁଖ୍ୟ ଅଂଶ ଦେବାଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ମନ୍ତ୍ର ଓ ଶ୍ଳୋକ ପାଠ ଇତ୍ୟାଦି ହେଲେ ବି ସେହି ଦେବାଦେବୀମାନେ କୌଣସି ନା କୌଣସି ପ୍ରାକୃତିକ ଶକ୍ତିର (ଅଗ୍ନି, ବରୁଣ, ସୂର୍ଯ୍ୟ) ମନୁଷ୍ୟ କଳ୍ପିତ ରୂପ । ତେଣୁ ଐତିହାସିକମାନଙ୍କ ମତରେ ସେହି ସମୟରେ ମଣିଷର ଚିନ୍ତା ପ୍ରକ୍ରିୟାର ମୂଳ ଉପାଦାନ ଥିଲା ବସ୍ତୁଭିତ୍ତିକ । ଋକ୍‌ବେଦର ଶ୍ଳୋକରେ ପ୍ରାକୃତିକ ଘଟଣାବଳୀ ଓ ପ୍ରାକୃତିକ ଶକ୍ତି ସଂପର୍କରେ ଏକ କୌତୁହଳ ଦେଖାଯାଏ, ଯାହା ଜ୍ଞାନବିଜ୍ଞାନର ଉନ୍ନତି ପାଇଁ ସହାୟକ ହୋଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ବେଦଗୁଡିକରେ ଯଜ୍ଞ, ପୂଜାପାଠ, ହୋମ, ମନ୍ତ୍ରତନ୍ତ୍ରରେ କିଭଳି ଆଚରଣ କରିବ ଓ କ'ଣ କରିବ ନାହିଁ ଏସବୁ ମୁଖ୍ୟ ହୋଇ ଦେଖାଦେଇଛି । ଫଳରେ ଜ୍ଞାନବିଜ୍ଞାନର ଅଗ୍ରଗତି ଶିଥିଳ ହୋଇପଡିଛି । ମାତ୍ର ବୌଦ୍ଧ ଯୁଗରେ ଜ୍ଞାନ ବିଜ୍ଞାନର ବିଶେଷ ଅଗ୍ରଗତି ଲକ୍ଷ୍ୟ କରାଯାଏ ।

**ବୈଦିକ ପରବର୍ତ୍ତୀ ଯୁଗ -** ୬୦୦BC ରୁ ୧୧୦୦AD ସମୟ ଅବଧିକୁ "ପୋଷ୍ଟ ବୈଦିକ ଯୁଗ" ବା "ବୈଦିକ ପରବର୍ତ୍ତୀ ଯୁଗ" କୁହାଯାଏ । ଏହି ସମୟ

ଭିତରେ ଅନେକ କ୍ଷେତ୍ରରେ ଅଗ୍ରଗତି ଘଟିଥିଲା । ବିଶେଷକରି ବୈଦିକ ଯୁଗର ବିଧି ବିଧାନ, ଅଭ୍ୟାସ, କଣ କରିବା ଉଚିତ ଓ ଅନୁଚିତର ଚକ୍ରବ୍ୟୁହରେ ଅତିଷ୍ଠ ହୋଇ କିଛି ଲୋକ ଏହାର ବିରୋଧ କରି ଅନ୍ୟ ଦାର୍ଶନିକ ଚିନ୍ତାର ସନ୍ଧାନ କରିବାକୁ ବାହାରି ଥିଲେ । ସେହି ସମୟରେ ବୌଦ୍ଧ, ଜୈନଙ୍କ ଜନ୍ମ ହୋଇଥିଲା ଏବଂ ଲୋକାୟତ ଦର୍ଶନ ଯାହା ପୂର୍ବରୁ ସୃଷ୍ଟି ହୋଇଥିଲା ତାହା ମଧ୍ୟ ଏହି ସାମାଜିକ ପରିବେଶରୁ ଶକ୍ତି ସଞ୍ଚୟ କରି ପ୍ରଭାବ ବିସ୍ତାର କରିବାକୁ ଲାଗିଲା । ଗୌତମ ବୁଦ୍ଧ ଯିଏ ନିଜେ କୌଣସି ଈଶ୍ୱର ଉପରେ ବିଶ୍ୱାସ କରୁନଥିଲେ; ତାଙ୍କର ନିରିଶ୍ୱରବାଦୀ ଦାର୍ଶନିକ ଚିନ୍ତା ସମଗ୍ର ଭାରତ ଏବଂ ଓଡିଶାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ବ୍ୟାପକ ପ୍ରଭାବ ବିସ୍ତାର କରିଥିଲା । ଯାହାର ପ୍ରମାଣ ଆମେ ବର୍ତ୍ତମାନ ପ୍ରତ୍ନତାତ୍ତ୍ୱିକ ଖନନରୁ ପାଉଛନ୍ତି । ଚିକିତ୍ସା ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, ଭାଷା, ଜ୍ୟୋତିର୍ବିଜ୍ଞାନ ସମସ୍ତ କ୍ଷେତ୍ରରେ ବୈପ୍ଳବିକ ଅଗ୍ରଗତି ଘଟିଥିଲା । ଏହି ସମୟ ମଧ୍ୟରେ ଆର୍ଥେୟା, ଶୁଶ୍ରୃତ(୬୦୦BC)- ଶୁଶ୍ରୃତ ସଂହିତା, ଜିଭିକା(୫୬୬ରୁ ୪୮୬BC), ଚରକ-ଚରକ ସଂହିତା (ଚରକ ଲୋକାୟତ ଦର୍ଶନ ଦ୍ୱାରା ପ୍ରଭାବିତ ହୋଇଥିଲେ, ସେ ମନେ କରୁଥିଲେ ସମସ୍ତ ବସ୍ତୁ ୫ଟି ପଦାର୍ଥ ପାଣି, ନିଆଁ, ମାଟି, ବାୟୁ, space ବା ଇଥର ଦ୍ୱାରା ଗଠିତ), ନାଗାର୍ଜୁନ(୧୦୦BC), ଭାଷାବିତ ପାଣିନି(୪୦୦BC), ସିଦ୍ଧାନ୍ତ ଜ୍ୟୋତିଷ, ଆର୍ଯ୍ୟଭଟ(୫୦୦BC), ବରାହମିହିର(୬୦୦BC), ବ୍ରହ୍ମଗୁପ୍ତ(୭୦୦BC), ଜୈନ ଗଣିତଜ୍ଞ, ମାନୁସ୍କ୍ରିଷ୍ଟ ବାଖଶାଳି, ଶୁନର ଆବିଷ୍କାର, place value ବ୍ୟବସ୍ଥା ଇତ୍ୟାଦି ସେହି ସମୟ ମଧ୍ୟରେ ସୃଷ୍ଟି ହୋଇଥିଲା । ସେଥିପାଇଁ ବୈଦିକ ପରବର୍ତ୍ତୀ ଯୁଗକୁ ବିଜ୍ଞାନର ସ୍ୱର୍ଣ୍ଣ ଯୁଗ କୁହାଯାଏ ।

ଏଠାରେ ଉଲ୍ଲେଖଯୋଗ୍ୟ, ବୈଦିକ ଯୁଗରେ ଶିକ୍ଷା ଗୁରୁକୂଳ ଭିତ୍ତିକ ଥିଲା । ଅର୍ଥାତ ଶିଷ୍ୟମାନେ ଗୁରୁଙ୍କ ଘରେ ରହି ପାଠ ପଢୁଥିଲେ । ପାଠପଢାର ସୁଯୋଗ କେବଳ ତଥାକଥିତ ଉଚ୍ଚଜାତିର ଲୋକମାନଙ୍କ ମଧ୍ୟରେ ସୀମିତ ଥିଲା । ମାତ୍ର ବୌଦ୍ଧ ଯୁଗରେ ବ୍ୟକ୍ତିକେନ୍ଦ୍ରିକ ପାଠପଢା ବଦଳରେ ସ୍ତୁପ, ମଠ ମାନ ପ୍ରତିଷ୍ଠା ଲାଭକଲା । ଏହି ଧାରାରେ 'ତକ୍ଷଶୀଳା' ବର୍ତ୍ତମାନ ପାକିସ୍ତାନର ରାଓଲପିଣ୍ଡି ଠାରେ ୬୦୦BC ବେଳକୁ ଏବଂ 'ନାଳନ୍ଦା' ମଗଧ ରାଜାଙ୍କ ପ୍ରୋତ୍ସାହନରେ ବିହାର ସ୍ଥିତ ରାଜଗିର ଠାରେ ୫୦୦ADରେ ପ୍ରତିଷ୍ଠା ହୋଇଥିଲା । ସେହିଭଳି ଓଡିଶାରେ







ପୁଷ୍ପଗିରି, ବଙ୍ଗଳାରେ ବିକ୍ରମଶୀଳା, ଗୁଜରାଟରେ ବଲ୍ଲଭି ମଧ୍ୟ ପ୍ରତିଷ୍ଠା ହୋଇଥିଲା ।

ଏତଦସତ୍ତ୍ୱେ ୧୦ମ ଶତାବ୍ଦୀ ପରେ ସମାଜରେ ଅନ୍ଧକାର ଯୁଗ ଆରମ୍ଭ ହୋଇଥିଲା । ସ୍ୱର୍ଣ୍ଣ ଯୁଗର ଶେଷ ଉଜ୍ଜ୍ୱଳ ତାରା ହେଉଛନ୍ତି ଭାସ୍କରା । ତା’ପରେ ଜ୍ଞାନ ଜଗତରେ ଅନ୍ଧାର ଘୋଟି ଆସିଥିଲା । ଏହାର କାରଣ ସଂପର୍କରେ ବିଶିଷ୍ଟ ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ତାଙ୍କ ‘ହିନ୍ଦୁ ରସାୟନ ବିଜ୍ଞାନର ଇତିହାସ’(The History of Hindu Chemistry) ବହିରେ ସ୍ପଷ୍ଟଭାବେ ଉଲ୍ଲେଖ କରିଛନ୍ତି । ସଂକ୍ଷେପରେ କହିଲେ; ଜାତିପ୍ରଥା, ହିନ୍ଦୁ ଶାସ୍ତ୍ରର ପ୍ରଚଳନ(କଣ କରିବା ଉଚିତ-କଣ କରିବା ଅନୁଚିତକୁ ନେଇ ଆଚରଣ ବିଧି), ବେଦାନ୍ତ ଦର୍ଶନ (ସବୁ କିଛି ମାୟା(illusion), ଏ ବସ୍ତୁଜଗତ ଯାହା ଦେଖୁଛନ୍ତି ସବୁ ମାୟା)ର ଆଧିପତ୍ୟ ଫଳରେ ଜ୍ଞାନ ବିଜ୍ଞାନର ଚର୍ଚ୍ଚା ମାରାତ୍ମକଭାବେ କଣ୍ଠରୋଧ ହୋଇଥିଲା । ବୌଦ୍ଧ ଧର୍ମ ହ୍ରାସ ପାଇବାସହ ବ୍ରାହ୍ମଣବାଦର ପ୍ରଭାବ ବୃଦ୍ଧି ପାଇଥିଲା । ଜାତିପ୍ରଥାର କଠୋରତା ଫଳରେ କେବଳ ତଥାକଥିତ ଉଚ୍ଚ ଜାତିର ମୁଷ୍ଟିମେୟ ପିଲାମାନେ ପାଠପଢିବାର ସୁଯୋଗ ପାଉଥିଲେ । ମାତ୍ର ଶୁଦ୍ର, ବୈଷ୍ୟମାନଙ୍କୁ କେବଳ ଶାରୀରିକ କାମରେ ନିୟୋଜିତ କରାଯାଉଥିଲା । ଅର୍ଥାତ ସମାଜରେ ଦଳେ କ୍ରିୟାଶୂନ୍ୟ ବୌଦ୍ଧିକ ଚର୍ଚ୍ଚା କଲେ ଏବଂ ଅନ୍ୟପଟେ ଅଧିକାଂଶଙ୍କୁ କେବଳ ଶାରୀରିକ କାମରେ ନିୟୋଜିତ କରାଗଲା । ଏହା ଦ୍ୱାରା ବୌଦ୍ଧିକ ଚର୍ଚ୍ଚାକୁ ଶାରୀରିକ ଶ୍ରମଠାରୁ ଅଲଗା କରାଗଲା । ଆମେ ଜାଣିଛନ୍ତି ବୌଦ୍ଧିକ ଶ୍ରମ ଓ ଶାରୀରିକ ଶ୍ରମ ଦୁହେଁ ମିଳନାତ୍ମକ ହେଲେ ଜ୍ଞାନ ସାମଗ୍ରିକ ହୁଏ । ଯଦି ଏହାକୁ ବିରୋଧାତ୍ମକ କରାଯାଏ ତାହାହେଲେ ଜ୍ଞାନ ହୁଏ ଆଂଶିକ, ନିଷ୍ଫଳା ଓ ଅକାର୍ଯ୍ୟକାରୀ । ସେଥିପାଇଁ ବିଜ୍ଞାନ ଗଢି ଉଠିବାର ପ୍ରାଥମିକ ସର୍ତ୍ତ ହେଉଛି ମସ୍ତିଷ୍କ ଏବଂ ହାତ ମଧ୍ୟରେ ବିଭିନ୍ନ ପ୍ରକାର କ୍ରିୟାର ଆଦାନ ପ୍ରଦାନ, ଘାତ ପ୍ରତିଘାତ, କାର୍ଯ୍ୟ-କାରଣ ସମ୍ପର୍କ । ଏହା ଭିତର ଦେଇ ନୂତନ ବୈଜ୍ଞାନିକ ଚିନ୍ତା ସୃଷ୍ଟି ହୁଏ । କହିବାକୁ ଗଲେ ଜାତିପ୍ରଥା ହିଁ ସେଦିନ ଜ୍ଞାନ ବିଜ୍ଞାନର ଚର୍ଚ୍ଚାର ଅଗ୍ରଗତି କ୍ଷେତ୍ରରେ ବିରାଟ ବାଧା ସୃଷ୍ଟି କରିଥିଲା । ଅର୍ଥାତ

ରାଜତନ୍ତ୍ରର କ୍ଷୟିଷ୍ଣୁ ଯୁଗରେ ରାଜା-ଭୂମିଦାସ ଉତ୍ପାଦନ ସଂପର୍କକୁ ନେଇ ଗଢିଉଠିଥିବା ଅର୍ଥନୀତି ଏବଂ ତା'ର ବହିଃରାବରଣ(super structure)ରେ ମଧ୍ୟ ଅବକ୍ଷୟ ଆରମ୍ଭ ହୋଇଥିଲା । ମାତ୍ର ଆମେ ଲକ୍ଷ୍ୟ କରୁଛନ୍ତି ଇଂରେଜ ସାମ୍ରାଜ୍ୟବାଦ ବିରୋଧି ଲଢେଇ ଓ ନବଜାଗରଣ ଚିନ୍ତା ଚେତନାର ଉନ୍ମେଷ ଭିତର ଦେଇ ଭାରତବର୍ଷରେ ପୁଣିଥରେ ସ୍ୱର୍ଣ୍ଣିମ ଅଧ୍ୟାୟ ଆରମ୍ଭ ହୋଇଥିଲା । ନବଜାଗରଣ ଚିନ୍ତା ସେଦିନ ଘୋଷଣା କରିଥିଲା ମଣିଷ ଉର୍ଦ୍ଧ୍ୱରେ କେହି ନାହାଁନ୍ତି । ଯାହା ଯୁକ୍ତିସିଦ୍ଧ, ସତ୍ୟ ତାହା ଗ୍ରହଣୀୟ । ପ୍ରଥମଥର ପାଇଁ hypothesisକୁ ପରିକ୍ଷା କରିବା ଭିତର ଦେଇ ନିର୍ଦ୍ଦିଷ୍ଟ ସତ୍ୟ ପାଖରେ ପହଁଚିବାର ରାସ୍ତା ଫିଟି ଥିଲା । ଯାହାକୁ ଆଧୁନିକ ବିଜ୍ଞାନ କୁହାଯାଉଛି ।

ତେବେ ଆମେ ଦେଖିଲେ, ପ୍ରାଚୀନ ଭାରତରେ ବିଶେଷକରି ଗଣିତ, ଜ୍ୟୋତିର୍ବିଜ୍ଞାନ, ସାହିତ୍ୟ, ଭାଷା, ଦର୍ଶନ କ୍ଷେତ୍ରରେ ଅଗ୍ରଗତି ଘଟିଥିଲା। ଏଠି ଉଲ୍ଲେଖଯୋଗ୍ୟ ଏ ସମସ୍ତ କିଛି ବିଶ୍ୱ ଜ୍ଞାନ ଭଣ୍ଡାରରେ ଯୁକ୍ତ ହୋଇଛି ଏବଂ ସ୍ୱୀକୃତି ପାଇଛି। ଏଠାରେ ବିଶେଷଭାବେ ଉଲ୍ଲେଖଯୋଗ୍ୟ ବିଜ୍ଞାନ ସାଧନାରେ କୌଣସି ବିରାମ ନାହିଁ। ନିତ୍ୟ ନୂତନ ଜ୍ଞାନରେ ଏହା ସଂଯୋଜିତ ହୋଇ କ୍ରମାଗତ ଭାବେ ବିକାଶଲାଭ କରିଥାଏ। ଏହା ହିଁ ନିୟମ ନିର୍ଦ୍ଧାରିତ ଧାରା। ନୂତନ ସଂଯୋଜନ ପାଇଁ ବିଜ୍ଞାନର ଦ୍ୱାର ସର୍ବଦା ଉନ୍ମୁକ୍ତ ଥାଏ। ଏତଦସତ୍ତ୍ୱେ ଯଦି କିଛି ହୋଇ ନଥାଏ ତେବେ ବିଜ୍ଞାନସମ୍ମତ ଭାବେ ସଂଯୁକ୍ତ ହେବା ଉଚିତ। ମାତ୍ର ସବୁଠାରୁ ଚିନ୍ତାର ବିଷୟ ହେଉଛି, ପ୍ରାଚୀନ ଭାରତରେ ଏବଂ ପରବର୍ତ୍ତୀ ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଯେଉଁ ଅଗ୍ରଗତି ହୋଇଥିଲା ତାହା ସଂପର୍କରେ ଜାତୀୟ ଶିକ୍ଷାନୀତି-୨୦ ସଂପୂର୍ଣ୍ଣ ନିରବ ରହିଛି। ଯେପରି ପ୍ରାଚୀନ ଭାରତରେ ଭାବବାଦୀ ଦର୍ଶନର ଚର୍ଚ୍ଚା ହୋଇଛି, ବସ୍ତୁବାଦୀ ଦର୍ଶନର ମଧ୍ୟ ଚର୍ଚ୍ଚା ହୋଇଛି। ପ୍ରଚାର କରାଯାଉଛି ଯେ, ବସ୍ତୁବାଦୀ ଦର୍ଶନ ବାହାରୁ ଆମଦାନୀ କରାଯାଇଛି। ଏହା ସଂପୂର୍ଣ୍ଣ ମିଥ୍ୟା। ଆଦ୍ୟ କାଳରେ ମଣିଷର ଚିନ୍ତା ବସ୍ତୁତାନ୍ତ୍ରିକ ହିଁ ଥିଲା। ମଣିଷ ସେଦିନ ଯାହା ଦେଖୁଥିଲା ତାକୁ ନେଇ ହିଁ ଭାବୁଥିଲା । ତା ବାହାରେ କିଛି ନଥିଲା । ବରଂ ସମାଜ କ୍ରମବିକାଶର ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ଆସି ମଣିଷ ମନରେ ଭାବବାଦୀ ଚିନ୍ତା ସୃଷ୍ଟି ହୋଇଛି । ଏପରିକି ବୈଦିକ ଶାସ୍ତ୍ରମାନଙ୍କ (ଋକବେଦ, ଉପନିଷଦ)ରେ ମଧ୍ୟ ବସ୍ତୁବାଦର ଉପାଦାନ ରହିଛି । ଚାରବାକଙ୍କ ଲୋକାୟତ ଦର୍ଶନ ଯାହାକି ୬୦୦BC ବେଳକୁ

ସୃଷ୍ଟି ହୋଇଥିଲା ଏବଂ ଭାରତ ଇତିହାସରେ ସୁଦୂରପ୍ରସାରୀ ପ୍ରଭାବ ପକାଇଥିଲା; ତାହାର ଉଲ୍ଲେଖ ଏହି ଶିକ୍ଷାନୀତିରେ ନାହିଁ । ବସ୍ତୁବାଦୀ ଦର୍ଶନ ହିଁ ସେଦିନ ଜ୍ଞାନ ବିଜ୍ଞାନର ବିକାଶ ଘଟାଇଥିଲା । କାରଣ ବସ୍ତୁବାଦ ବସ୍ତୁ ବାହାରେ ଆତ୍ମାର ଅବସ୍ଥାନ, ପୂର୍ବଜନ୍ମ ପରଜନ୍ମ, ପୁନଃଜନ୍ମ, ଅତିପ୍ରାକୃତିକ ସତ୍ତା ଉପରେ ଆଦୌ ବିଶ୍ୱାସ କରେ ନାହିଁ । ବିଭିନ୍ନ ଘଟଣାର କାରଣ ବସ୍ତୁ ମଧ୍ୟରେ ନିହିତ ରହିଛି । ଏହି ଚିନ୍ତା ହିଁ ସେଦିନ ଜ୍ଞାନ ବିଜ୍ଞାନର ଅଗ୍ରଗତିର ରାସ୍ତା ଫିଟାଇ ଦେଇଥିଲା ।

ସେହିପରି ଜାତୀୟ ଶିକ୍ଷାନୀତି-୨୦୨୦ରେ ନବଜାଗରଣ ଚିନ୍ତା ଭାବନା ବିଶେଷକରି ଧର୍ମନିରପେକ୍ଷତା ବିଷୟ ଇଚ୍ଛାକୃତ ଭାବେ ବାଦ ଦିଆଯାଇଛି । ଗୋଟେ ଶବ୍ଦ ହେଲେ ବି ଉଲ୍ଲେଖ ନାହିଁ! ଇଂରେଜମାନଙ୍କ ଭାରତ ଆଗମନ ପରର ବିଷୟବସ୍ତୁ କିଛି ବି ସାମିଲ କରାଯାଇ ନାହିଁ । ଇଂରେଜ ସାମ୍ରାଜ୍ୟବାଦ ବିରୋଧି ସ୍ୱାଧୀନତା ଆନ୍ଦୋଳନର ଗୌରବୋଜ୍ଜ୍ୱଳ ସଂଗ୍ରାମ, ନବଜାଗରଣ ଚିନ୍ତାର ପ୍ରବକ୍ତା ରାଜା ରାମମୋହନ ରାୟ, ବିଦ୍ୟାସାଗର, ସମାଜ ସଂସ୍କାରକ ଜ୍ୟୋତିବା ରାଓ ଫୁଲେ, ସାବିତ୍ରୀ ବାଈ ଫୁଲେ, ସାହିତ୍ୟ କ୍ଷେତ୍ରରେ ପ୍ରେମଚନ୍ଦ, ଶରତଚନ୍ଦ୍ର, ଫକୀର ମୋହନ ସେନାପତି, ବିଜ୍ଞାନ କ୍ଷେତ୍ରରେ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ସମେତ ଅନେକଙ୍କ ସଂଗ୍ରାମ ବିଷୟରେ ମଧ୍ୟ ଜାତୀୟ ଶିକ୍ଷାନୀତି-୨୦୨୦ରେ ଇଚ୍ଛାକୃତ ଭାବେ ବାଦ ଦିଆଯାଇଛି । ସ୍ୱାଧୀନତା ଆନ୍ଦୋଳନ ସମୟରେ ପ୍ରମୁଖ ଶିକ୍ଷାଗତ ଦାବି ଧର୍ମନିରପେକ୍ଷ, ଗଣତାନ୍ତ୍ରିକ, ବିଜ୍ଞାନସମ୍ମତ ଶିକ୍ଷା ବ୍ୟବସ୍ଥାର ପ୍ରଚଳନ ବିଷୟରେ ମଧ୍ୟ ଉଲ୍ଲେଖ ନାହିଁ । ବିଦ୍ୟାସାଗର, ଗୋପବନ୍ଧୁ, ଫୁଲେଙ୍କ ଭଳି ବିଦ୍ୱାନଙ୍କ ବିନା ଶିକ୍ଷା ବିଷୟରେ ଚିନ୍ତା କରାଯାଇ ପାରେନା । ମାତ୍ର ଏହି କ୍ଷେତ୍ରରେ ଶିକ୍ଷାନୀତି ନିରବ । ଏହା କ'ଣ ଇଙ୍ଗିତ କରୁଛି ? କାହା ସ୍ୱାର୍ଥରେ ଏହା ପ୍ରସ୍ତୁତ କରାଯାଇଛି ? ଏହା ନିଶ୍ଚିତଭାବେ ଛାତ୍ର ଏବଂ ଭାରତର ବୃହତ୍ତର ଜନସାଧାରଣଙ୍କ ସ୍ୱାର୍ଥରେ ନୁହେଁ ।

## ଉପସଂହାର

ପ୍ରତ୍ୟେକ ମଣିଷର ଦେଶ ପ୍ରତି ଆବେଗ ଓ ଭଲପାଇବା ରହିଛି । ଭାରତବାସୀଙ୍କର ମଧ୍ୟ ଦେଶ ପାଇଁ ଗର୍ବ କରିବା ଭଳି ବହୁ ବିଷୟ ଅଛି । ମାତ୍ର ମିଥ୍ୟା ଦ୍ୱାରା କେହି ନିଜକୁ ମହିମାନ୍ୱିତ କରିପାରେ କି ? ନା, ତାହା ସମ୍ଭବ ନୁହେଁ । ତାହା ଦ୍ୱାରା କେବଳ କୁସଂସ୍କାର, ଉଗ୍ରତା, ଅନ୍ଧତା ଓ କୂପମଣ୍ଡୁକତା ସୃଷ୍ଟି କରାଯାଇ ପାରେ । ଜ୍ଞାନବିଜ୍ଞାନର ବିକାଶ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି

କରାଯାଇପାରେ ।

ଅତୀତର କଳ୍ପନାପ୍ରସୂତ କୀର୍ତ୍ତି କଥା କହି ସଂଘ ପରିବାରର ତାତ୍ତ୍ୱିକମାନେ ଜନସାଧାରଣଙ୍କୁ ପ୍ରାଚୀନ ଯୁଗକୁ ଫେରାଇ ନେବାର ଚେଷ୍ଟା କରୁଛନ୍ତି । ଜଣେ ଚାହିଁଲେ କଣ ଅତୀତ ଯୁଗକୁ ଫେରିଯାଇ ପାରିବ ? ଜଣେ ଗୋଟିଏ ପର୍ଯ୍ୟାୟରୁ ଉନ୍ନିତ ହୋଇ ଗୁଣାତ୍ମକ ଭାବରେ ଆଉ ଏକ ଉଚ୍ଚତର ପର୍ଯ୍ୟାୟକୁ ପହଞ୍ଚିଥାଏ । ଶୈଶବ, ଜଣେ ମଣିଷ ଜୀବନରେ ଯେତେ ସୁନ୍ଦର ହେଲେ ବି ଯୁବକ ଅବସ୍ଥାରେ ଜଣେ ମଣିଷ ଶାରୀରିକ ଓ ବୌଦ୍ଧିକ କ୍ଷେତ୍ରରେ ବହୁ ଉଚ୍ଚ ସ୍ତରରେ ପହଞ୍ଚିଥାଏ । ସେ ଶାରୀରିକ ଭାବରେ ଅତୀତକୁ ଫେରିପାରିବ ନାହିଁ । ମାତ୍ର ମାନସିକ ସ୍ତରରେ ସେ ଅତୀତକୁ ଫେରି ପାରେ । ନିଜ ଚିନ୍ତାକୁ ହଜାର ବା ଦୁଇ ହଜାର ବର୍ଷ ତଳକୁ ନେଇଯାଇପାରେ । ନିଜକୁ ଅନ୍ଧବିଶ୍ୱାସ, କୂପମଣ୍ଡୁକତା ଓ କୁସଂସ୍କାର ମଧ୍ୟରେ ବୁଡାଇ ରଖିପାରେ । ତା ଦ୍ୱାରା ତା'ର ଅଗ୍ରଗତି ହିଁ ବାଧାପ୍ରାପ୍ତ ହେବ । ଭାରତର ସମାଜ ବ୍ୟବସ୍ଥାକୁ ପୁଣି ରାଜତନ୍ତ୍ର ଯୁଗକୁ ଫେରାଇ ନେଇ ପାରିବା ସମ୍ଭବ ନୁହେଁ । ଅନ୍ୟଦିଗରେ ବିଚାର କଲେ ପ୍ରାଚୀନ ଯୁଗର ସାମାଜିକ, ସାଂସ୍କୃତିକ ସ୍ତର କିପରି ଥିଲା ? ସେତେବେଳେ ସମାଜ ଗୁରୁକୂଳ, ମନୁବାଦୀ, ଜାତିଭେଦ ଭିତରେ ବୁଡି ରହିଥିଲା । ଶିକ୍ଷାର ଆଲୋକ ଉଚ୍ଚ ବର୍ଣ୍ଣ ମଧ୍ୟରେ ସୀମିତ ଥିଲା । ବୈଶମ୍ୟ ହିଁ ଥିଲା ମୂଳ ନୀତି ? ଯାହାକୁ ଇତିହାସରେ ଅନ୍ଧକାର ଯୁଗ ବୋଲି ବର୍ଣ୍ଣନା କରାଯାଇଛି । ସେଥିପାଇଁ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ 'ହିଷ୍ଟ୍ରି ଅଫ୍ ହିନ୍ଦୁ କେମିଷ୍ଟ୍ରି' (History of Hindu Chemistry)ରେ ଲେଖିଥିଲେ ଯେ, ଜାତିଭେଦ ପ୍ରଥା, ମନୁଙ୍କ ଆଚାର ସଂହିତା ଏବଂ ଶିକ୍ଷିତ ବ୍ୟକ୍ତିଙ୍କ ମଧ୍ୟରେ ବେଦାନ୍ତର ପ୍ରସାର ହିଁ ଭାରତରେ ବିଜ୍ଞାନ ଚର୍ଚ୍ଚାର ଅଧଃପତନ ପାଇଁ ଦାୟୀ ।

ତେଣୁ ଏସବୁ ବିରୁଦ୍ଧରେ ନବଜାଗରଣ ଯୁଗର ମନୀଷୀମାନେ ଲଢେଇ କରିଥିଲେ; ହିନ୍ଦୁ ଧର୍ମର ମିଥ୍ୟା ଗୌରବବୋଧ ପରିବର୍ତ୍ତେ ପ୍ରକୃତ ଗୌରବର ଦିଗଗୁଡିକୁ ତୋଳି ଧରିଥିଲେ । ବୈଜ୍ଞାନିକ ମେଘନାଦ ଶାହା 'ସବୁ ବେଦରେ ଅଛି' ପ୍ରବନ୍ଧ ଜରିଆରେ ଅନ୍ଧତାର ପ୍ରତିବାଦ କରିଥିଲେ । ଈଶ୍ୱରଚନ୍ଦ୍ର ବିଦ୍ୟାସାଗର କହିଥିଲେ ଯେ,"କେତେକ ନିର୍ଦ୍ଦିଷ୍ଟ କାରଣରୁ ଯାହା ଏଠାରେ କହିବା ଅନାବଶ୍ୟକ, ଆମେ ସଂସ୍କୃତ ମହାବିଦ୍ୟାଳୟ ଗୁଡ଼ିକରେ ବେଦାନ୍ତ ଓ ସାଂଖ୍ୟ ଦର୍ଶନ ଶିକ୍ଷାଦାନ ଚାଲୁକରିବାକୁ ବାଧ ହେଉଛୁ । ବେଦାନ୍ତ ଓ ସାଂଖ୍ୟ ଯେ ମିଥ୍ୟାଦାର୍ଶନିକ ପଦ୍ଧତି

ଏହା ଏକ ନିର୍ବିବାଦୀୟ ବିଷୟ । ଏହି ପଦ୍ଧତି ଯଦିଓ ମିଥ୍ୟା ଉପରେ ପର୍ଯ୍ୟବସିତ ତଥାପି ହିନ୍ଦୁମାନଙ୍କର ଏହା ପ୍ରତି ଅପରିସୀମ ଶ୍ରଦ୍ଧା ରହିଛି । ଯେତେବେଳେ ଏଗୁଡ଼ିକୁ ସଂସ୍କୃତ ପାଠ୍ୟକ୍ରମରେ ପଢ଼ାଯାଉଛି, ଆମକୁ ସେମାନଙ୍କର କୁ ପ୍ରଭାବକୁ ପ୍ରତିହତ କରିବା ପାଇଁ ଇଂରାଜୀ ପାଠ୍ୟକ୍ରମର ସୁସ୍ଥ ଦର୍ଶନ ଦ୍ୱାରା ସେଗୁଡ଼ିକୁ ବିରୋଧ କରିବା ଦରକାର ।"

ତାହାଲେ ଆମେ ଆଜି କଣ ଦେଖୁଛନ୍ତି ? ଭାରତର ପ୍ରଧାନମନ୍ତ୍ରୀ ଗୋଟିଏ ଦିଗରେ ଡିଜିଟାଲ ଇଣ୍ଡିଆ, ୱାନ୍ କ୍ଲାସ - ୱାନ୍ ଟିଭିର କଥା କହୁଛନ୍ତି । ନିର୍ବାଚନ ସମୟରେ ୩ଡି ଜରିଆରେ ପ୍ରଚାର କରୁଛନ୍ତି । ଇଣ୍ଟରନେଟ୍, ଫେସବୁକ, ଟ୍ୱିଟର, ଟେଲି ପ୍ରମ୍ପଟର, ୫ଜି ଭଳି ଅତ୍ୟାଧୁନିକ ଜ୍ଞାନ କୌଶଳର ବହୁଳ ବ୍ୟବହାର କରୁଛନ୍ତି । ବୁଲେଟ୍ ଟ୍ରେନ ଚଳାଇବା, ସ୍ମାର୍ଟ କ୍ଲାସ ରୁମ, ଡ୍ରୋନ ବିଦ୍ୟାର ବହୁଳ ବ୍ୟବହାର ଉପରେ ଜୋର ଦେଉଛନ୍ତି । ସାଟେଲାଇଟ୍ ପାଠପଢା ଠାରୁ ଆରମ୍ଭ କରି ମେକ୍ ଇନ୍ ଇଣ୍ଡିଆ, ଆତ୍ମନିର୍ଭର ଭାରତ ଭଳି କେତେ କଣ କଥା ଫୋପାଡୁଛନ୍ତି । ମାତ୍ର ଅନ୍ୟ ଦିଗରେ ଯୁକ୍ତିଶୀଳ ମାନସିକତାକୁ ଧ୍ୱଂସ କରି ଜନସାଧାରଣଙ୍କୁ ଅନ୍ଧ ବିଶ୍ୱାସ, କୁସଂସ୍କାର ମଧ୍ୟରେ ନିମଜ୍ଜିତ କରିବା ପାଇଁ କାଳ୍ପନିକ ଗଳ୍ପ, ପରିରାଇଜର କଥା ଜରିଆରେ ଅବୈଜ୍ଞାନିକ ଚିନ୍ତାର ପ୍ରସାର କ୍ଷେତ୍ରରେ ସାହାଯ୍ୟ କରୁଛନ୍ତି । ଚିନ୍ତା କ୍ଷେତ୍ରରେ ଦୁଇ ହଜାର ବର୍ଷ ତଳକୁ ଫେରାଇ ନେବାର ବ୍ୟବସ୍ଥା କରୁଛନ୍ତି । ଏହା ଦେଶର ସମ୍ବିଧାନର ଧାରା -୫୧ଏ (ଏଚ୍)ରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଗଢିତୋଳିବା ପ୍ରତ୍ୟେକ ନାଗରିକର ମୌଳିକ ଦାୟିତ୍ୱ ବୋଲି ଯାହା ଉଲ୍ଲିଖିତ ହୋଇଛି ତାହାକୁ ମଧ୍ୟ ଉଲ୍ଲଂଘନ କରୁନାହିଁ କି ? ଏହା ସତ୍ତ୍ୱେ ଏପରି କାହିଁକି କରୁଛନ୍ତି ?

ଏ ଯୁଗର ବିଶିଷ୍ଟ ମାର୍କ୍ସବାଦୀ ଦାର୍ଶନିକ ଶିବଦାସ ଘୋଷ ବିଶ୍ଳେଷଣ କରି ଦର୍ଶାଇଥିଲେ ଯେ, "ଆଧ୍ୟାତ୍ମବାଦ ଓ ବିଜ୍ଞାନର ଏକ ଉଭଟ ସମ୍ମିଶ୍ରଣ ଘଟାଇବାର ପ୍ରବଣତା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଶିକ୍ଷା ଜୀବନର ଏହି ଧାରା ଅତ୍ୟନ୍ତ ମାରାତ୍ମକ, କାରଣ ଏହା ହେଉଛି ଫାଶିବାଦୀ ସଂସ୍କୃତିର ବୈଶିଷ୍ଟ୍ୟ । ଫାଶିବାଦ ହେଉଛି ବିଜ୍ଞାନ ଓ ଆଧ୍ୟାତ୍ମ୍ୟବାଦର ଏକ ଉଭଟ ମିଶ୍ରଣ । ଗୋଟିଏ ପଟରେ ଏହା ଫାସିଷ୍ଟ ରାଷ୍ଟ୍ରର ଅର୍ଥନୀତି ଓ ସାମରିକ ଶକ୍ତିର ବିକାଶ ଏବଂ ଅଭିବୃଦ୍ଧି ସକାଶେ ବିଜ୍ଞାନର କାରିଗରୀ ଦିଗକୁ ଗ୍ରହଣ କରିଥାଏ, ଅନ୍ୟ ପଟରେ

ନୀତି ନୈତିକତା ପରିପ୍ରେକ୍ଷୀରେ ଜାତୀୟ ସଂସ୍କୃତି ଓ ଐତିହ୍ୟ ନାଁରେ ସମସ୍ତ ରକମର ବିଜ୍ଞାନ ବିରୋଧୀ ଧର୍ମୀୟ କୁସଂସ୍କାରକୁ ଲୋକଙ୍କ ମନ ମଧ୍ୟରେ ଭର୍ତ୍ତି କରାଇଥାଏ – ଯାହାର ଉଦ୍ଦେଶ୍ୟ ହେଲା, ଜନସାଧାରଣଙ୍କ ମାନସିକ ପ୍ରକ୍ରିୟାକୁ କାର୍ଯ୍ୟକାରଣ ନିରୂପଣର ବୈଜ୍ଞାନିକ ପଦ୍ଧତି କ୍ଷେତ୍ରରୁ ଦୂରେଇ ଆଣି ଅନ୍ଧବିଶ୍ୱାସ, ମନଗଢା ଧାରଣା, ତମସାଚ୍ଛନ୍ନ ଚିନ୍ତାଧାରାର ରହସ୍ୟ ଜାଲ ମଧ୍ୟରେ ଆବଦ୍ଧ କରି ଚୂଡ଼ାନ୍ତ ଭାବେ ସାମାଜିକ କ୍ରିୟାକଳାପ ପ୍ରତି ବୀତସ୍ପୃହ ମନୋଭାବ ସୃଷ୍ଟି କରିବା ।" (ଶିକ୍ଷା ଓ ଛାତ୍ର ଆନ୍ଦୋଳନ ପ୍ରସଙ୍ଗରେ – ଶିବଦାସ ଘୋଷ)

ଏହି ଆସନ୍ନ ବିପଦରୁ ମାନବ ସଭ୍ୟତାକୁ ବଞ୍ଚାଇବାକୁ ହେଲେ ଛାତ୍ରଛାତ୍ରୀ ତଥା ଜନସାଧାରଣଙ୍କ ମଧ୍ୟରେ ବିଜ୍ଞାନସମ୍ମତ ଯୁକ୍ତିଶୀଳ ମାନସିକତା ଗଢିତୋଳିବାକୁ ହେବ ଏବଂ ସେହି ଉଦ୍ଦେଶ୍ୟରେ ଶିକ୍ଷାର ସାମ୍ପ୍ରଦାୟୀକରଣକୁ ସମସ୍ତ ଶକ୍ତି ଦେଇ ପ୍ରତିରୋଧ କରିବାକୁ ହେବ । ଦ୍ୱିତୀୟତଃ ଯେଉଁ ପୁଞ୍ଜିବାଦ ତାର ପ୍ରାରମ୍ଭିକ ପର୍ଯ୍ୟାୟରେ, ତା'ର ପ୍ରଗତିଶୀଳ ଯୁଗରେ ସମସ୍ତ ପ୍ରକାରର କୂପମଣ୍ଡୁକତା, କୁସଂସ୍କାର ଓ ଧର୍ମୀୟ ଅନ୍ଧତା ବିରୁଦ୍ଧରେ ଯାଇ ବିଜ୍ଞାନସମ୍ମତ ଦୃଷ୍ଟିଭଙ୍ଗୀର ବିକାଶ ଘଟାଇଥିଲା, ଜ୍ଞାନବିଜ୍ଞାନର ପ୍ରସାର ପାଇଁ ଉଦ୍ୟମ କରିଥିଲା; ସେହି ପୁଞ୍ଜିବାଦ ତାର କ୍ଷୟିଷ୍ଣୁ ଯୁଗରେ ନିଜର ସୁରକ୍ଷା ପାଇଁ ଜ୍ଞାନବିଜ୍ଞାନର ପ୍ରସାର କ୍ଷେତ୍ରରେ ବାଧା ସୃଷ୍ଟି କରୁଛି । ଭାରତୀୟ ଜ୍ଞାନ କଥା କହି ଜନସାଧାରଣଙ୍କ ମଧ୍ୟରେ ଉଗ୍ର ଜାତୀୟତାବୋଧ ସୃଷ୍ଟି କରିବା ଭିତର ଦେଇ ଜନଗଣଙ୍କ ଉପରେ ଶୋଷଣ ଶାସନକୁ ଦୀର୍ଘସ୍ଥାୟୀ କରିବାକୁ ଚେଷ୍ଟା କରୁଛି । ତେଣୁ ଜ୍ଞାନବିଜ୍ଞାନର ପ୍ରସାର ପାଇଁ, ମଣିଷ ଉପରେ ମଣିଷର ଶୋଷଣ ଜୁଲୁମ ଚିରଦିନ ପାଇଁ ଅନ୍ତ କରିବା ପାଇଁ ଏବଂ ଭାରତବର୍ଷରେ ଏକ ବିଜ୍ଞାନସମ୍ମତ, ଗଣତାନ୍ତ୍ରିକ, ଧର୍ମନିରପେକ୍ଷ ଜାତୀୟ ଶିକ୍ଷାନୀତି ପ୍ରସ୍ତୁତ କରିବା ପାଇଁ ସମସ୍ତଙ୍କୁ ଆଗେଇ ଆସିବାକୁ ହେବ ।

★★★

## ଅକ୍ଷୟ ମନୁଷ୍ୟତ୍ୱର ଜୀବନ୍ତ ପ୍ରତୀକ ବିଦ୍ୟାସାଗରଙ୍କ କିଛି ଗୁରୁତ୍ୱପୂର୍ଣ୍ଣ ଉଦ୍ଧୃତି

ବିଦ୍ୟାସାଗର ସଂସ୍କୃତ କଲେଜରେ ଆଧୁନିକ ଶିକ୍ଷାର ଆଲୋକ ପହଞ୍ଚାଇବାକୁ ଚାହୁଁଥିଲେ। ସେ ନିଜେ ବ୍ରାହ୍ମଣ ପରିବାରର ସନ୍ତାନ ହୋଇ ସଂସ୍କୃତରେ ମହା ପାଣ୍ଡିତ୍ୟ ଅର୍ଜନ କରିବା ପରେ ମଧ୍ୟ ଇଂରାଜୀ ଭାଷା ଶିକ୍ଷା ମଧ୍ୟ ଦେଇ ୟୁରୋପୀୟ ଜ୍ଞାନ ବିଜ୍ଞାନର ସଂସ୍ପର୍ଶରେ ଆସିଥିଲେ। ସେ ବୁଝିଥିଲେ ଯେ ବେଦ, ବେଦାନ୍ତ, ସାଂଖ୍ୟ ପ୍ରଭୃତି ଆଧ୍ୟାତ୍ମବାଦୀ ଦର୍ଶନ ସହିତ କୁସଂସ୍କାର, ଅନ୍ଧବିଶ୍ୱାସ, ରକ୍ଷଣଶୀଳ ଓ ଯୁକ୍ତିହୀନ ମାନସିକତାର ପ୍ରଭାବ ସମାଜରେ କାମ କରୁଛି। ଏଥିରୁ ଜନସାଧାରଣଙ୍କୁ ମୁକ୍ତ କରିବାର ଏକମାତ୍ର ରାସ୍ତା ହେଲା ବିଜ୍ଞାନଭିତ୍ତିକ ଶିକ୍ଷା ବ୍ୟବସ୍ଥା। ବିଜ୍ଞାନଭିତ୍ତିକ ଶିକ୍ଷାର ବିସ୍ତାର ମଧ୍ୟ ଦେଇ ମଣିଷ ଯୁକ୍ତି ଓ ବିଚାର କରିବା ଶିଖିବ ଏବଂ ସମାଜରେ ପ୍ରଚଳିତ କୁସଂସ୍କାରରୁ ମୁକ୍ତିର ଆକାଂକ୍ଷା ସୃଷ୍ଟି ହେବ। ଏହି ଆଶାକୁ ବୁକୁରେ ବହନ କରି ବିଦ୍ୟାସାଗର ଶିକ୍ଷାବିସ୍ତାରରେ ସାମିଲ ହେଲେ। ସେ କହିଥିଲେ- “ଆଧୁନିକ ୟୁରୋପୀୟ ଜ୍ଞାନର ଆଲୋକ ଯେଉଁଠି ଯେତିକି ଟିକକ ମଧ୍ୟ ପହଞ୍ଚିଛି, ସେଠି ଶାସ୍ତ୍ରୀୟ ବିଦ୍ୟାର ପ୍ରଭାବ ସେତିକି କମିଛି। ତେଣୁ ଏହି ଶିକ୍ଷାର ପ୍ରସାର ଘଟାଇବାକୁ ପଡ଼ିବ।” ସେଥିପାଇଁ ସେ ସଂସ୍କୃତ କଲେଜରେ ଇଂରାଜୀ ଭାଷାକୁ ବାଧ୍ୟତାମୂଳକ କରିଲେ। ପ୍ରାରମ୍ଭରେ ଗଣିତକୁ ସଂସ୍କୃତ ଶ୍ଳୋକ ମାଧ୍ୟମରେ ଶିଖାଯାଉଥିଲା। ଯାହାକି ଅତ୍ୟନ୍ତ କଠିନ ଥିଲା। ବିଦ୍ୟାସାଗର କହିଲେ “ଯେଉଁ ସଂସ୍କୃତ ବହି ମାଧ୍ୟମରେ ଗଣିତ ଶିଖାଯାଉଛି ସେଥିରେ ସହଜ ବିଷୟଗୁଡ଼ିକୁ ସରଳ ଭାବେ କୁହାଯାଉ ନ ଥିବାଯୋଗୁ ଶିଖିବା ପାଇଁ ଛାତ୍ରମାନଙ୍କର ବହୁ ସମୟ ଲାଗିଯାଉଛି। ସଂସ୍କୃତ ବଦଳରେ ଇଂରାଜୀରେ ଗଣିତ ଶିକ୍ଷା ଦିଆଗଲେ ଛାତ୍ରମାନେ ଅନେକ ବେଶୀ ଶିଖି ପାରିବେ।” ତେଣୁ ସେ ଇଂରାଜୀ ମାଧ୍ୟମରେ ଗଣିତ ଶିଖିବା ଚାଲୁ କଲେ। ଏହି ପ୍ରସଙ୍ଗରେ ସେ ଆହୁରି ମଧ୍ୟ କହିଛନ୍ତି “ଶିକ୍ଷା କହିଲେ କେବଳ ରିଡ଼ିଂ, ରାଇଟିଂ ଏବଂ ଆରିଥମେଟିକ୍‌କୁ ବୁଝାଏ ନାହିଁ, ଯଥାର୍ଥ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରଦାନ କରାଯିବା ଉଚିତ। ଭୂଗୋଳ, ଜ୍ୟାମିତି, ସାହିତ୍ୟ, ନେଚୁରାଲ ଫିଲୋସୋଫି, ମୋରାଲ ଫିଲୋସୋଫି, ଫିଜିଓଲୋଜି, ପଲିଟିକାଲ ଇକୋନୋମି ଇତ୍ୟାଦି ଶିକ୍ଷା ଦରକାର।”

## ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ କିଛି ଗୁରୁତ୍ୱପୂର୍ଣ୍ଣ ଉଦ୍ଧୃତି

“ଭାରତରେ ବ୍ରିଟିଶ ଶାସନର ପ୍ରାରମ୍ଭରେ, ଶିକ୍ଷା ବ୍ୟବସ୍ଥାରେ ଭାରତ ଇଂରାଜୀ ଭାଷା ପ୍ରବର୍ତ୍ତନ କରିବ କି ନାହିଁ ଏହି ପ୍ରଶ୍ନ ଉତ୍‌ଥାପିତ ହୁଅନ୍ତେ, ରାଜାରାମମୋହନ ରାୟ ଦୃଢ଼ତାର ସହିତ କହିଥିଲେ ଯେ, ଇଂରାଜୀ ଭାଷା ନ ଶିଖିଲେ ଆମ୍ଭମାନଙ୍କର କୌଣସି ବିକାଶ ବା ଉନ୍ନତି ହେବ ନାହିଁ । ଖାସ୍ ପାଶ୍ଚାତ୍ୟ ଦେଶଗୁଡିକରୁ ପାଶ୍ଚାତ୍ୟ ଧାରା ଶିକ୍ଷା ନକଲେ ଆମେ ନିଜକୁ ରକ୍ଷା କରିପାରିବା ନାହିଁ ।”

– ୧୨ ଜୁଲାଇ ୧୯୩୧, ଯଶୋର ଜିଲ୍ଲା ରାଜନୈତିକ ସମ୍ମିଳନୀରେ ଭାଷଣ

"ଯୁଗେ ଯୁଗେ ମନୁଷ୍ୟ ନିଜର ଶିକ୍ଷା ଦିକ୍ଷାରେ ସତ୍ୟକୁ ପରମ ଆଶ୍ରୟ କରି ସିଦ୍ଧି ଲାଭ କରିଛି । ଆମ୍ଭେମାନେ କିନ୍ତୁ ମିଥ୍ୟା ଶିକ୍ଷାରେ ମନୁଷ୍ୟତ୍ୱ ହରାଇଛୁ, ସତ୍ୟଠାରୁ ଦୂରେଇ ମିଥ୍ୟାକୁ ହିଁ ଏତେଦିନ ପ୍ରଶୟ ଦେଇଆସିଛୁ । ଆଜି ସତ୍ୟକୁ ଫେରି ପାଇବାକୁ ହେଲେ ମଣିଷ ହେବାକୁ ହେବ ଏବଂ ମଣିଷ ହେବାକୁ ହେଲେ ଆବଶ୍ୟକ ପ୍ରକୃତ ଶିକ୍ଷା।" - ଜାତୀୟ ଶିକ୍ଷା କଥା ୧୯୩୦

...ଜାତୀୟ ଶିକ୍ଷା ସମ୍ବନ୍ଧରେ ଭାବିଲେ ଆଉ ଗୋଟିଏ କଥା ମନେପଡ଼େ - ସେଇଟି ହେଉଛି ଶିକ୍ଷାନୁଷ୍ଠାନ କଥା।.... ଶିକ୍ଷାନୁଷ୍ଠାନ ଯେପରି ସ୍ନେହମୟୀ ଜନନୀ ସଦୃଶ ଆପଣାର ସକଳ ସନ୍ତାନକୁ ଐକାନ୍ତିକ ସ୍ନେହର ସହିତ ବୁକୁ ଉପରକୁ ଟାଣି ନେଇପାରେ । ସେଠାରେ ବ୍ରାହ୍ମଣ, ଶୁଦ୍ର, ଚଣ୍ଡାଳ, ହିନ୍ଦୁ, ମୁସଲମାନ, ଶିଖ, ପାର୍ସି, ନିର୍ଧନ, କାଙ୍ଗାଳ ସମସ୍ତେ ଯେପରି ଜାତି-ଧର୍ମ ନିର୍ବିଶେଷରେ ସମାନ ସ୍ଥାନ ପାଆନ୍ତି ।"

- ଜାତୀୟ ଶିକ୍ଷା କଥା ୧୯୩୦

"ଧର୍ମ ନାମରେ, ଦେଶ ନାମରେ ବା ରାଜନୀତି ନାମରେ କୌଣସି ଅନ୍ଧ ଆନୁଗତ୍ୟ ଯେପରି ଆମ ଶିକ୍ଷା ମନ୍ଦିରରେ ପ୍ରବେଶ କରିନପାରେ ସେ ଦିଗରେ ଆମ୍ଭମାନଙ୍କର ଦୃଷ୍ଟି ରହିବା ଉଚିତ୍ ।" - ଜାତୀୟ ଶିକ୍ଷା କଥା ୧୯୩୦

"ଏହି ଯେଉଁ ଶିକ୍ଷା, ଏହାତ ଯାନ୍ତ୍ରିକ ଶିକ୍ଷା । କିନ୍ତୁ ମଣିଷର ଜୀବନତ ଯନ୍ତ୍ର ନୁହେଁ । ଏହା ଏକ Organic whole, ବିଭିନ୍ନ ସୂକ୍ଷ୍ମ ବୃତ୍ତିଗୁଡିକ ଯଦି କଳଚାପରେ ନିଷ୍ପେଷିତ ହୋଇଯାଏ, ମନରେ ଆଶା ଆକାଂକ୍ଷା ଯଦି କଳ ଧୂଆଁରେ ଅଙ୍କୁରିତ ହୋଇ ହିଁ ଶୁଖିଯାଏ ତେବେ ସେ ଶିକ୍ଷା ଯେ କେବଳ ଆମ ଜୀବନକୁ ଆଂଶିକ ଭାବେ ବ୍ୟର୍ଥ କରିବ ତାହା ନୁହେଁ, ତାହା ଦ୍ୱାରା ଆମ୍ଭେମାନେ ବିଶ୍ୱଦରବାରରେ ଚିରଦିନ କାଙ୍ଗାଳ ହୋଇ ରହିବା । ଆମର ଦୈନ୍ୟ, ଅଭାବ ଓ ଦୁଃଖ କୌଣସି ଦିନ ଘୁଞ୍ଚିବ ନାହିଁ । ଏହି ଯାନ୍ତ୍ରିକ ଶିକ୍ଷାଦ୍ୱାରା ମଣିଷ ବଡ଼ ବଡ଼ କଳ ଗଢ଼ିପାରେ, କିନ୍ତୁ ମଣିଷ ଗଢ଼ିପାରେନା।"

- ଜାତୀୟ ଶିକ୍ଷା କଥା ୧୯୩୦

"ଆଉ ଗୋଟିଏ ଦିଗରୁ ମଧ୍ୟ ଧର୍ମନିରପେକ୍ଷ ଓ ବିଜ୍ଞାନ ଭିତ୍ତିକ ଶିକ୍ଷାର ଉପଯୋଗିତା ରହିଛି । ଏହା ଅର୍ଥନୈତିକ ଚେତନା ଜାଗ୍ରତ କରିବାରେ ସହାୟତା କରେ । ଅର୍ଥନୈତିକ ଚେତନାର ପ୍ରଭାବ ଅନ୍ଧତ୍ୱର ମୃତ୍ୟୁ ଘୋଷଣା କରେ । ଜଣେ ମୁସଲମାନ କୃଷକ ସହିତ ଜଣେ ମୁସଲମାନ ଜମିଦାରର ଯେଉଁ ମେଳ, ତାହା ଅପେକ୍ଷା ଅନେକ ବେଶୀ ମେଳ ରହିଛି ଜଣେ ହିନ୍ଦୁ କୃଷକ ସହିତ ଜଣେ ମୁସଲମାନ କୃଷକର । ଜନସାଧାରଣଙ୍କର ଅର୍ଥନୈତିକ ସ୍ୱାର୍ଥ କେଉଁଥିରେ ନିହିତ ଅଛି ତାହା ସେମାନଙ୍କୁ ବୁଝାଇବାକୁ ହେବ ଏବଂ ଥରେ ତାହା ଉପଲବ୍ଧି କରିପାରିଲେ ସେମାନେ କେବେ ହେଲେ ଏହି ସାଂପ୍ରଦାୟିକ ପଶାଖେଳର ଗୋଟି ହେବାପାଇଁ ରାଜି ହେବେ ନାହିଁ ।"

- ୩ ମଇ ୧୯୨୮ ପୁନାରେ ମହାରାଷ୍ଟ୍ର ପ୍ରାଦେଶିକ ସମ୍ମିଳନୀରେ ଭାଷଣ

"ଜଣେ ତୃଷାତୁରକୁ ଜଳ ଦାନ ନ କଲେ ଯେତିକି ଅପରାଧ ହୁଏ, ଜଣେ ଜ୍ଞାନାତୁରକୁ ଜ୍ଞାନ ଆହରଣରୁ ବଞ୍ଚିତ କଲେ ତା' ଠାରୁ ହଜାରେ ଗୁଣରେ ଅପରାଧ ହୋଇଥାଏ।" **- *ଗୋପବନ୍ଧୁ ଦାସ***

"ଆଧିପତ୍ୟ ଜାହିର କରୁଥିବା ଶ୍ରେଣୀର ଚକ୍ଷୁରେ ଶିକ୍ଷାର କାର୍ଯ୍ୟ ହେଉଛି ସ୍ୱାଧୀନଚିନ୍ତା ସମ୍ପନ୍ନ ଓ ଆତ୍ମନିର୍ଭରଶୀଳ ମଣିଷ ପରିବର୍ତ୍ତେ ଯାନ୍ତ୍ରିକ ଦିଗରୁ କୁଶଳୀ ଓ ଆଜ୍ଞାବହ ମଣିଷ ସୃଷ୍ଟି କରିବା। ଏହି ତତ୍ତ୍ୱ ଗୋଟିଏ ଜାତିର ଶାସନକ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ଆଧିପତ୍ୟକୁ ପୂର୍ବରୁ ହିଁ ମାନି ନେଇଥାଏ। ଗୋଟିଏ ସରକାରର ଗଣତାନ୍ତ୍ରିକ ଆଦର୍ଶ ଏପରି କୌଣସି ଧୃଷ୍ଟତାକୁ ବିରୋଧ କରିଥାଏ।"

**- *ଲାଲା ଲାଜପତରାୟ:*** *ଜାତୀୟ ଶିକ୍ଷା ସମସ୍ୟା*

"କେତେକ ନିର୍ଦ୍ଦିଷ୍ଟ କାରଣରୁ ଯାହା ଏଠାରେ କହିବା ଅନାବଶ୍ୟକ, ଆମେ ସଂସ୍କୃତ ମହାବିଦ୍ୟାଳୟ ଗୁଡ଼ିକରେ ବେଦାନ୍ତ ଓ ସାଂଖ୍ୟ ଦର୍ଶନ ଶିକ୍ଷାଦାନ ଚାଲୁକରିବାକୁ ବାଧ ହେଉଛି। ବେଦାନ୍ତ ଓ ସାଂଖ୍ୟ ଯେ ମିଥ୍ୟାଦାର୍ଶନିକ ପଦ୍ଧତି ଏହା ଏକ ନିର୍ବିବାଦୀୟ ବିଷୟ। ଏହି ପଦ୍ଧତି ଯଦିଓ ମିଥ୍ୟା ଉପରେ ପର୍ଯ୍ୟବେସିତ ତଥାପି ହିନ୍ଦୁମାନଙ୍କର ଏହା ପ୍ରତି ଅପରିସୀମା ଶ୍ରଦ୍ଧା ରହିଛି। ଯେତେବେଳେ ଏଗୁଡ଼ିକୁ ସଂସ୍କୃତ ପାଠ୍ୟକ୍ରମରେ ପଢ଼ାଯାଉଛି, ଆମକୁ ସେମାନଙ୍କର କୁ ପ୍ରଭାବକୁ ପ୍ରତିହତ କରିବା ପାଇଁ ଇଂରାଜୀ ପାଠ୍ୟକ୍ରମର ସୁସ୍ଥ ଦର୍ଶନ ଦ୍ୱାରା ସେଗୁଡ଼ିକୁ ବିରୋଧ କରିବା ଦରକାର।" **- *ବିଦ୍ୟାସାଗର***

"ଆମ ଦେଶର କେତେକ ନିର୍ଦ୍ଦିଷ୍ଟ କୁସଂସ୍କାର ମଧ୍ୟରେ ଶିକ୍ଷାକୁ ସୀମାବଦ୍ଧ କରି ରଖିବା ଓ କେତେକ ସାମାଜିକ ଚଳଣି ଭିତରେ ସଂକୀର୍ଣ୍ଣ ଜାତୀୟତାବାଦୀ ମନୋଭାବକୁ ଉସ୍କାଇବା ଉଦ୍ଦେଶ୍ୟରେ ପରିଚାଳିତ ଶିକ୍ଷାକୁ ମୁଁ କଦାପି ଜାତୀୟ ଶିକ୍ଷା ବୋଲି ଗ୍ରହଣ କରିପାରିବି ନାହିଁ।" **- *ରବୀନ୍ଦ୍ର ନାଥ ଠାକୁ: ଶିକ୍ଷା***

"ଯଦି ବର୍ତ୍ତମାନ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିବାକୁ ରାଜନୀତି ବୋଲି କୁହାଯାଏ, ଯଦି ନିଜ ଦେଶର ଉନ୍ନତି ପାଇଁ ପ୍ରଚେଷ୍ଟା କରିବା ରାଜନୀତି ହୁଏ ତେବେ ଛାତ୍ର ଓ ଶିକ୍ଷକମାନଙ୍କର ରାଜନୀତିରେ ଅଂଶଗ୍ରହଣ କରିବା ବ୍ୟତିରେକେ ଅନ୍ୟ ବିକଳ୍ପ ପନ୍ଥା ନାହିଁ।" **- *ନେତାଜୀ ସୁଭାଷଚନ୍ଦ୍ର ବୋଷ***

"ଯେଉଁ ଉପାୟରେ ଚରିତ୍ର ଉଜ୍ଜ୍ୱଳ କରିବା, ଚିରବୃତ୍ତି ପ୍ରଶସ୍ତ ରହିବ, ତାହା ଏକମାତ୍ର ଶିକ୍ଷା। ଶିକ୍ଷାର ସୁବିଧା ନ କରି କେବଳ ମାତ୍ର ଅବରୋଧ ବଳରେ ଚରିତ୍ର ରକ୍ଷାର ପ୍ରତ୍ୟାଶା କରାଯାଇ ନ ପାରେ, କୃଷି ଓ ବୀଜବପନ ପ୍ରଭୃତି ନ କରି କ୍ଷେତ୍ରରେ ବାଡ଼ବନ୍ଦ କରିଦେଲେ ଶସ୍ୟର ମୁଖ ଦର୍ଶନ ହୁଏ କି ?" **- *ଗୋପବନ୍ଧୁ ଦାସ:*** *ସତ୍ୟବାଦୀ*